
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୧ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 11 SEPTEMBER 2023
Vol.No. 35 ■ No. 240■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସରିଲା ଜି-୨୦ ଶିଖର ସମ୍ମିଳନୀ

## ବ୍ରାଜିଲ୍‌କୁ ଅଧକ୍ଷତା ହସ୍ତାନ୍ତର କଲେ ପ୍ରଧାନମନ୍ତ୍ରୀ ମୋଦୀ




ନୂଆଦିଲ୍ଲୀ, ୧୦/୦୯ : ସୁରୁଖୁରରେ ଶେଷ ହୋଇଛି ଭାରତରେ ଆୟୋଜନ ହୋଇଥିବା ଦୁଇଦିନିଆ ଜି-୨୦ ଶିଖର ସମ୍ମିଳନୀ। ସ୍ୱସ୍ତି ଅସ୍ତୁ ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା ସହିତ ସମ୍ମିଳନୀ ସମାପ୍ତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏଥିସହିତ ସେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିୟୋ ଲୁଲା ଡା ସିଲ୍‌ଭାଙ୍କୁ ଜି-୨୦ ଅଧକ୍ଷତା ପଦ ହସ୍ତାନ୍ତର କରିଛନ୍ତି। ଶିଖର ସମ୍ମିଳନୀ ଶେଷରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି "ମୁଁ ଜି-୨୦ ଶିଖର ସମ୍ମିଳନୀର ସମାପ୍ତି ଘୋଷଣା କରୁଛି। ଆଶା କରୁଛି ଯେ ଗୋଟିଏ ପୃଥିବୀ ଗୋଟିଏ ପରିବାର ଓ ଗୋଟିଏ ଭବିଷ୍ୟତର ରୋଡ୍‌ମ୍ୟାପ୍ ଆନନ୍ଦମୟ ହେବ। ୧୪୦ କୋଟି ଭାରତୀୟଙ୍କର ଏହି ମଙ୍ଗଳ କାମନା ସହ ଆପଣ ସମସ୍ତଙ୍କୁ ବହୁତ ବହୁତ ଧନ୍ୟବାଦ। ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିୟୋଙ୍କୁ ମୁଁ ହାର୍ଦ୍ଦିକ ଶୁଭକାମନା ଜଣାଉଛି, ଓ ତାଙ୍କୁ ଜି-୨୦ ବୈଠକର ଅଧକ୍ଷତା ହସ୍ତାନ୍ତର କରୁଛି।" ସେହିପରି ନଭେମ୍ବର ମାସରେ ଭର୍ଚୁଆଲ ସେସନ ରଖିବାକୁ ପ୍ରସ୍ତାବ ଦେଇ ମୋଦୀ କହିଛନ୍ତି "ଭାରତ ପାଖରେ ନଭେମ୍ବର ମାସ ପର୍ଯ୍ୟନ୍ତ ଜି-୨୦ ଅଧକ୍ଷତା ରହିଛି। ଏହି ଦୁଇ ଦିନ ଭିତରେ ଆପଣ ଅନେକ କଥା ଓ ଅନେକ ପ୍ରସ୍ତାବ ରଖିଛନ୍ତି। ଆମ ଦାୟିତ୍ୱ ଆସିଥିବା ପ୍ରସ୍ତାବର ପ୍ରଗତି କରିବା। ମୋ ପ୍ରସ୍ତାବ ହେଲା ଯେ ଆମେ ନଭେମ୍ବର ଶେଷରେ ଜି-୨୦ର ଆଉ ଏକ ଭର୍ଚୁଆଲ ଶେସନ ରଖିବା। ସେଥିରେ ଆମେ ଏହି ସମ୍ମିଳନୀରେ ହୋଇଥିବା ନିର୍ଦ୍ଧାରିତ ବିଷୟର ସମୀକ୍ଷା କରିପାରିବା। ଏହାରପୂରା ଅପ୍‌ଡେଟ୍ ଆମ ଟିମ୍ ଆପଣଙ୍କ ସହ ଶେୟାର କରିବ। ମୁଁ ଆଶା କରୁଛି ଯେ ଆପଣ ସମସ୍ତେ ଏଥିରେ ଭାଗ ନେବେ।" ସେହିପରି ବ୍ରାଜିଲକୁ ସବୁ ପ୍ରକାର ସହଯୋଗ ଦେବାକୁ ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଏକ୍ସରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି "ବ୍ରାଜିଲକୁ ଭାରତ ଅଧକ୍ଷତା ଦେଇଛି। ଆମର ଅତୁଟ ବିଶ୍ୱାସ ଅଛି ଯେ ସେ ଦୂରଦୃଷ୍ଟି ସହିତ ସମର୍ପଣ ଭାବରେ ଏହାର ନେତୃତ୍ୱ ନେବେ, ଏବଂ ବିଶ୍ୱ ଏକତା ସହ ସମୃଦ୍ଧିକୁ ମଧ ଆଗକୁ ନେବ।" ଆଗାମୀ ଜି -୨୦ର ଅଧକ୍ଷତାରେ ଭାରତ ବ୍ରାଜିଲକୁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ବି ଦେଇଛି। ଏହି ସମୟରେ ଭାବପ୍ରବଣ ହୋଇଯାଇଥିଲେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିୟୋ। ସେ କହିଥିଲେ " ଯେବେ ଆମେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବାକୁ ଯାଇଥିଲୁ ସେତେବେଳେ ମୁଁ ବହୁତ ଭାବପ୍ରବଣ ହୋଇଯାଇଥିଲି। ମୋ ରାଜନୈତିକ ଜୀବନରେ ମହାତ୍ମା ଗାନ୍ଧୀଙ୍କର ବହୁତ ହାତ ରହିଛି। କାରଣ ମୁଁ ଦଶନ୍ଧୀ ଧରି ଅହିଂସା ପଥ ଅନୁସରଣ କରିଆସୁଛି। ଯେବେ ମୁଁ ଶ୍ରମିକ ଆନ୍ଦୋଳନ ପାଇଁ ଲଢ଼ିଥିଲି। ତେଣୁ ମହାତ୍ମା ଗାନ୍ଧୀଙ୍କ ଶ୍ରଦ୍ଧାଞ୍ଜଳୀ ଅର୍ପଣ କଲାବେଳେ ମୁଁ ଭାବପ୍ରବଣ ହୋଇଯାଇଥିଲି।"

## କେନ୍ଦୁପତ୍ର ବୋଝେଇ ଟ୍ରକ୍ ଜବତ: ୨ ଗିରଫ



ବାଲେଶ୍ୱର , ୧୦/୦୯ (ନି.ପ୍ର): ବାଲେଶ୍ୱର ରେମୁଣା ଗୋଲାଇ ଠାରୁ ୩କିଲୋମିଟର ଦୂର ନୂଆଁ ଗାଁ ଠାରେ ଚାନ୍ଦିପୁର ବନ ବିଭାଗ ଦ୍ୱାରା ଏକ କେନ୍ଦୁପତ୍ର ବୋଝାଇ ଟ୍ରକ୍ ଜବତ କରାଯାଇଅଛି । ଏହି ଟ୍ରକ୍ ରେ ୫୦ କ୍ୱିଣ୍ଟଲ ର ଉର୍ଦ୍ଧ କେନ୍ଦୁପତ୍ର ରହିଛି ଯାହାର ମୂଲ୍ୟ ୬ଲକ୍ଷ୍ ଟଙ୍କା ହେବବୋଲି ଅନୁମାନ କରାଯାଇଅଛି । କେନ୍ଦୁପତ୍ର ସଂଗ୍ରହରେ ଅନିୟମିତା କରି ବେଶୀ ଲାଭ ପାଇଁ ଅନ୍ୟ ରାଜ୍ୟ କୁ ଚାଲାଣ କରୁଛନ୍ତି । ଏହି କେନ୍ଦୁପତ୍ର ସମ୍ବଲପୁର ଚାର ମାଲ ଜଙ୍ଗଲ ରେଢ଼ାଖୋଲ ରୁ କଲିକତା ଯାଉଥିଲା। ଏଥି ରେ ଦୁଇ ଅଭିଯୁକ୍ତ ଧାରା ପଡିଛନ୍ତି। ସୁରେଶ ମହକୂର୍ ବୟସ ୪୩ ବର୍ଷ । ଅନ୍ୟ ଜଣେ ମଣ୍ଟୁ ମହାକୁଡ଼ ଅଟେ। ଏହି ଚଢ଼ାଉରେ ଗଣେଶ ଚନ୍ଦ୍ର ଲେଙ୍କା, ଶଶାଙ୍କ ଶେଖର ଜେନା , ମଧୁସ୍ମିତା ମହାନ୍ତି, ଦୁର୍ଗ କେଶ ପ୍ରଧାନ, ଇତିଶ୍ରୀ ମହାପାତ୍ର, ମୋନରଞ୍ଜନ୍ ତରାଇ, ବାବୁନି ଜେନା ଚଢ଼ାଉ ରେ ଅଂଶ ଗ୍ରହଣ କରିଥିଲେ।

## ଚନ୍ଦ୍ରବାବୁ ନାଇଡୁଙ୍କୁ ମିଳିଲାନି ବେଲ୍: ୧୪ ଦିନ ପାଇଁ ରିମାଣ୍ଡରେ ଗଲେ

ଆନ୍ଧ୍ରପ୍ରଦେଶ, ୧୦/୦୯ (ନି.ପ୍ର): ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କୁ କୌଣସି ପ୍ରକାରର ଆଶ୍ୱସ୍ତି ମିଳିନି। ତାଙ୍କୁ ଦୁର୍ନୀତି ନିରୋଧ ବ୍ୟୁରୋ (ଏସିବି)ର ଗୋଟିଏ କୋର୍ଟ ୧୪ ଦିନ ପାଇଁ ନ୍ୟାୟିକ ରିମାଣ୍ଡରେ ପଠାଇ ଦେଇଛନ୍ତି। ସେ ଜାମିନ ପାଇଁ ଆବେଦନ କରିଥିଲେ ମଧ ନିରାଶ ହୋଇଛନ୍ତି। ନ୍ୟାୟିକ ରିମାଣ୍ଡର ଅର୍ଥ ସିଆଇଡି ତାଙ୍କୁ ହାଜତ ଭିତରେ ହିଁ ଜେରା କରିବ। ୩୭୧ କୋଟି ଟଙ୍କାର ଆନ୍ଧ୍ର ପ୍ରଦେଶ ଦକ୍ଷତା ବିକାଶ ଦୁର୍ନୀତି ଘଟଣାରେ ସିଆଇଡି ଚନ୍ଦ୍ରବାବୁଙ୍କୁ ଶନିବାର ଗିରଫ କରିଥିଲା। ଏହାକୁ ନେଇ ଆନ୍ଧ୍ର ରାଜନୀତି ସରଗରମ ହୋଇ ଉଠିଛି। କ୍ଷମତାସୀନ ଜଗନ ମୋହନ ରେଡ୍ଡୀ ସରକାର ପୂର୍ବାଗ୍ରହ ରଖି ଏପରି ଗିରଫଦାରୀ କରିଥିବା ନାଇଡୁଙ୍କ ଦଳ ଟିଡିପି ଅଭିଯୋଗ କରିଛି। ତେବେ ଏହାକୁ ସରକାରଙ୍କ ପକ୍ଷରୁ ଖଣ୍ଡନ କରାଯାଇଛି। ୨୦୧୪ରେ ଆନ୍ଧ୍ର ପ୍ରଦେଶ ରାଜ୍ୟ ଦକ୍ଷତା ବିକାଶ କର୍ପୋରେସନ ଗଠନ ହୋଇଥିଲା। ଉଦ୍ଦେଶ୍ୟ ଥିଲା ଯୁବକମାନଙ୍କୁ ତାଲିମ ଦେବା। ତେବେ ଏହି କାର୍ଯ୍ୟକ୍ରମରେ ୩୭୧ କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ୨୦୧୪ରୁ ୨୦୧୯ ଯାଏ ଚନ୍ଦ୍ରବାବୁ ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ଥିଲେ। ତାଙ୍କ ଇସାରାରେ ସବୁ କିଛି ହୋଇଥିବା କୁହାଯାଉଛି।

## ୧୩ରୁ ଆଉ ଏକ ଲଘୁଚାପ: ପୁଣି ବଢ଼ିବ ବର୍ଷାର ପରିମାଣ

ଭୁବନେଶ୍ୱର, ୧୦/୦୯ (ନି.ପ୍ର): ରାଜ୍ୟରେ ସାମାନ୍ୟ କମିଲା ବର୍ଷା। ପାଗ ସାମାନ୍ୟ ଅନୁକୂଳ ହୋଇଥିବା ବେଳେ କିଛି ସ୍ଥାନରେ ବର୍ଷା ସମ୍ଭାବନା ରହିଛି । ଅନ୍ୟପଟେ ଆସନ୍ତା ୧୨ ତାରିଖରୁ ବଙ୍ଗୋପସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ । ୧୩ରେ ଏହା ଲଘୁଚାପରେ ପରିଣତ ହେବ। ୧୩ରୁ ୧୫ ଯାଏଁ ଉପକୂଳ, ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେପ୍ଟେମ୍ବର ୧୧ ତାରିଖ ଯାଏ ଓଡ଼ିଶାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଅଛି। ପରେ ବର୍ଷା ବଢ଼ିପାରେ ବୋଲି ସିଇସି ପକ୍ଷରୁ କୁହାଯାଇଛି । ୧୬ରୁ ବର୍ଷା ପରିମାଣ କମିବ । ପଶ୍ଚିମ ଓଡ଼ିଶାର ଗୋଟିଏ ବା ୨ଟି ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରି କହିଛି,


▶▶ପୃଷ୍ଠା ୭

## ମୁଖ୍ୟଙ୍କ ବିୟୋଗରେ ଶୋକାକୁଳ ହୋଇ ବିଷପିଇ ଥିଲେ ୩ ଜଣ: ଭାଇଭଉଣୀଙ୍କ ମୃତ, ମା' ଗୁରୁତର




ବରଗଡ଼, ୧୦/୦୯ (ନି.ପ୍ର): ପରିବାରର ମୁଖ୍ୟଙ୍କ ବିୟୋଗରେ ସ୍ତ୍ରୀ ଓ ପୁଅଝିଅ ଭାଙ୍ଗି ପଡ଼ିଥିଲେ। ଏହି କାରଣରୁ ବିଷପିଇ ଜୀବନ ହାରିବାକୁ ଚାହୁଁଥିଲେ। କୀଟନାଶକ ପିଇଲା ପରେ ମା', ପୁଅ ଓ ଝିଅ ଗୁରୁତର ହୋଇଥିଲେ। ତେବେ ଡାକ୍ତରଖାନା ନେବା ସମୟରେ ଭାଇଭଉଣୀଙ୍କ ମୃତ୍ୟୁ ପରେ ମା' ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ବରଗଡ଼ ଜିଲ୍ଲା ସୋହେଲା ଥାନା ଅଧୀନ ମାଷ୍ଟରପଡ଼ାରେ ରବିବାର ଏହି ଅଭାବନୀୟ ଘଟଣା ଘଟିଛି। ମୃତକମାନେ ହେଲେ ବଂଶୀଧର ସାହୁ ଓ ସୁବର୍ଣ୍ଣ ମହାଜନ। ସୂଚନା ଅନୁସାରେ ମାଷ୍ଟରପଡ଼ା ନିବାସୀ ଅର୍ଜୁନ ସାହୁଙ୍କ ଗତ ୬ ତାରିଖ ଦିନ ରୋଗଗ୍ରସ୍ତ ଅବସ୍ଥାରେ ଦେହାନ୍ତ ହୋଇଥିଲା। ପୁରା ପରିବାର ଭାଙ୍ଗି ପଡ଼ିଥିଲେ ଓ ମାନସିକ ଚାପଗ୍ରସ୍ତ ହୋଇ ଏଭଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସ୍ତ୍ରୀ କୁମୋଦିନି ସାହୁ, ପୁଅ ବଂଶୀଧର ସାହୁ ଓ ଝିଅ ସୁବର୍ଣ୍ଣ ମହାଜନ ଆଜି ଦିନ ୧୧ଟାରେ ଘର କବାଟ ବନ୍ଦ କରି କୀଟନାଶକ ପିଇ ଘରେ ଶୋଇପଡ଼ିଥିଲେ। କୌଣସି ସୂତ୍ରରୁ ପଡ଼ୋଶୀମାନେ ଖବର୍ ପାଇ ଏନେଇ ପୁଲିସକୁ ଖବର୍ ଦେଇଥିଲେ। ପୁଲିସ ଉକ୍ତ ଘରକୁ ପହଞ୍ଚି କବାଟ ଭାଙ୍ଗି ସମସ୍ତଙ୍କୁ ଉଦ୍ଧାର କରି ସୋହେଲା ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ଅଧିକ ଚିକିତ୍ସା ପାଇଁ ବୁର୍ଲା ନିଆଯାଉଥିଲା। ବାଟରେ ଭଉଣୀଙ୍କ ମୃତ୍ୟୁ ଘଟିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଭାଇ ଆଖି ବୁଜିଥିଲେ। ମା' ଏବେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ୫ ଦିନ ମଧ୍ୟରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ନେଇ ସଂପର୍କୀ, ବନ୍ଧୁବାନ୍ଧବ ଓ ମାଷ୍ଟରପଡ଼ାବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି।

## ଜି-୨୦ ନୈଶ୍ୟଭୋଜିକୁ ମୁଖ୍ୟମନ୍ତ୍ରୀ ନଯିବା ପଛର କାରଣ ହୀନମନ୍ୟତା




ଭୁବନେଶ୍ୱର, ୧୦/୦୯ (ନି.ପ୍ର): ହୀନମନତ୍ୟ ଯୋଗୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ-୨୦ ସମ୍ମିଳନୀ ଅବସରରେ ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦ୍ୱାରା ଆୟୋଜିତ ଡିନର ପାର୍ଟିକୁ ଗଲେ ନାହିଁ ବୋଲି କହିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର। ସେ କହିଛନ୍ତି, ଏ-୨୦ ସମ୍ମିଳନୀରେ ଓଡ଼ିଶାର ଅସ୍ମିତାକୁ ଅଗ୍ରାଧିକାର ମିଳିଛି। ଏହା ଆମ ପାଇଁ ଗୌରବର କଥା। ବିଶ୍ୱ ନେତୃତ୍ୱ ସମ୍ବଲପୁରୀ ନୃତ୍ୟ ଦେଖିଲେ। କୋଣାର୍କର ଥିମ ସାମ୍ନାରେ ସେମାନଙ୍କୁ ପ୍ରଧାନମନ୍ତ୍ରୀ ସ୍ୱାଗତ କଲେ। ଏହା ସହିତ ଓଡ଼ିଆ ଖାଦ୍ୟପେୟ, ହସ୍ତଶିଳ୍ପ, ତାରକସି କାମ, ପିପିଲିର ଚାନ୍ଦୁଆକୁ ଏ-୨୦ ସମ୍ମିଳନୀରେ ସାମିଲ କରାଯାଇଥିଲା। ଏହା ଓଡ଼ିଶାର ଗୌରବକୁ ବିଶ୍ୱ ଦରବାରରେ ଆହୁରି ଆଗକୁ ନେଇଛି। କିନ୍ତୁ ଦୁଃଖର ବିଷୟ ନବୀନ ବାବୁ ରାଷ୍ଟ୍ରପତିଙ୍କୁ ଭଉଣୀ ବୋଲି ସମ୍ବୋଧନ କରୁଥିବା ବେଳେ ତାଙ୍କ ଦ୍ୱାରା ଆୟୋଜିତ କରାଯାଇଥିବା ଏ-୨୦ ସମ୍ମିଳନୀର ରାତ୍ରି ଭୋଜନକୁ ଗଲେନି। କ'ଣ ପାଇଁ ଗଲେନି ସେ ହିଁ କହିପାରିବେ।

▶▶ପୃଷ୍ଠା ୭

## କଟକରେ ପାର୍ଲର ଭିତରେ ମହିଳାଙ୍କୁ ଛୁରାମାଡ଼

କଟକ , ୧୦/୦୯ (ନି.ପ୍ର): କଟକରେ ଆଜି ଜଣେ ମହିଳାଙ୍କୁ ଛୁରାମାଡ଼ ହୋଇଛି। ଦୋଳମୁଣ୍ଡାଇ ଛକରେ ଥିବା ଏକ ପାର୍ଲର ଭିତରେ ତାଙ୍କୁ ଛୁରାମାଡ଼ କରାଯାଇଛି। ଜଣେ ଯୁବକ ତାଙ୍କୁ ଛୁରାମାଡ଼ କରି ଫେରାର ହୋଇଯାଇଛନ୍ତି। ଆହତ ମହିଳାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଛୁରାମାଡ଼ରେ ଆହତ ମହିଳାଙ୍କ ନାଁ ସୁଚିତ୍ରା ଖଟୁଆ। ତାଙ୍କ ଘର କଟକର ପୁରୀଘାଟ ଅଞ୍ଚଳରେ। ସେ ବିବାହିତା। ଦୀର୍ଘ ବର୍ଷ ହେବ ଦୋଳମୁଣ୍ଡାଇ ଛକରେ ଥିବା ଏକ ପାର୍ଲରରେ ସେ କାମ କରୁଛନ୍ତି। ତାଙ୍କୁ ଯୁବକ ଜଣଙ୍କ କାହିଁକି ଆକ୍ରମଣ କଲେ,ତାହା ଜଣାପଡ଼ିନାହିଁ। ପୁରୀଘାଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିବା ବେଳେ ଘଟଣାର ତଦନ୍ତ କରୁଛି।

## ଅପରାଜିତାଙ୍କୁ କିରୁଥିବା ପ୍ରଭାକରନଙ୍କ ଲିଗାଲ ନୋଟିସ୍ : ଟ୍ୱିଟ୍ କରି ପାଲଟା ପ୍ରଶ୍ନ କଲେ ସାଂସଦ



ଭୁବନେଶ୍ୱର, ୧୦/୦୯ (ନି.ପ୍ର): କିଛିଦିନ ତଳେ ଡେରାସରେ କେନାଲକୁ ନେଇ କିରୁଥିବା ପ୍ରଭାକରନଙ୍କୁ ଟାର୍ଗେଟ କରିଥିବା ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଆଜି ପୁଣି ବର୍ଷିଛନ୍ତି । କିରୁଥିବା ପ୍ରଭାକରନଙ୍କ ଓକିଲଙ୍କ ପକ୍ଷରୁ ମିଳିଥିବା ଲିଗାଲ ନୋଟିସର ଜବାବ ଦେଇ ଅପରାଜିତା କହିଛନ୍ତି ଯେ କ୍ଷମା କିଏ ମାଗିବା ଦରକାର? ଅପରାଜିତା କହିଛନ୍ତି ଯେ, 'ମୁଁ ବିଗତ ଦିନରେ ବହୁ ସଂଖ୍ୟାରେ ଚାଷୀ ଏବଂ ବିଭିନ୍ନ ବ୍ୟକ୍ତିଗତ ଲୋକ ଏବଂ ଜନସାଧାରଣଙ୍କ ଏକାଧିକ ଲିଖିତ ଅନୁରୋଧ ପରେ ବିଭିନ୍ନ ଅନୁସନ୍ଧାନ ଏବଂ ପରିଦର୍ଶନ କରି ତଥ୍ୟ ଏବଂ ତର୍କ ସହ ଦୁଇଟି ବିଷୟ ଉପସ୍ଥାପନା କରିଥିଲି । ଚନ୍ଦକାଠାରେ ବେଆଇନ ଘେରାବନ୍ଦୀ ଏବଂ ଅବରୋଧ କରି ସରକାରୀ ଡେରାସ କେନାଲ କିରୁଥିକା ପ୍ରଭାକରନଙ୍କ ଦ୍ୱାରା ପୋତିଦିଆଯିବା ଦ୍ୱାରା ୩୦୦ ଏକର ଚାଷଜମି ବିଗତ ଦୁଇ ବର୍ଷ ଧରି ଜଳସେଚନ ହୋଇପାରୁନାହିଁ କ୍ଷ ଯାହାଦ୍ୱାରା ଦୁଇବର୍ଷ ହେଲା ଚାଷ ହୋଇ ପାରୁନାହିଁ କ୍ଷ ଏହି କେନାଲ ସରକାରୀ ଜମିରେ ନିର୍ମିତ ହୋଇଛି ଯାହାର ଜବରଦଖଲ ସମ୍ପୂର୍ଣ୍ଣ ଭାବେ ବେଆଇନ । ୧୫୦ ଏକର ପରିମିତ ଅଞ୍ଚଳ ଯେଉଁଥିରେ କେନାଲ, ସରକାରୀ ଜମି, ଜଙ୍ଗଲ ଜମି, ମନ୍ଦିର ଜମି ଏବଂ ବିଭିନ୍ନ ଲୋକଙ୍କ ବ୍ୟକ୍ତିଗତ ଜମି ରହିଅଛି କ୍ଷ ଯାହାକୁ ମୁକ୍ତ କରିବା ଦରକାର ଏବଂ ଯାହାର ଜମି ତାକୁ ଆଇନଗତ ଅଧିକାର ମିଳିବା ଦରକାର । ସେଠାର ସମସ୍ତ ଲୋକଙ୍କୁ "ପାଣ୍ଡିଆନ ପ୍ରକଳ୍ପ" କହି ସରକାରଙ୍କ ଭୟ ଦେଖାଇ ଏଭଳି କାର୍ଯ୍ୟ ହେଉଥିବା ସମସ୍ତେ ଅତ୍ୟନ୍ତ ନିର୍ଭିକ ଏବଂ

▶▶ପୃଷ୍ଠା ୭

## ଦଳ ଛାଡ଼ିବିନି, ବିଜେଡି କାହାର ପୈତୃକ ସମ୍ପତ୍ତି ନୁହେଁ: ସୌମ୍ୟରଞ୍ଜନ



ଭୁବନେଶ୍ୱର, ୧୦/୦୯ (ନି.ପ୍ର): ଦଳର ସାଧାରଣ ସମ୍ପାଦକ ଅରୁଣ ସାହୁ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ପରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଗଣମାଧ୍ୟମକୁ ଡକାଇ ନିଜ ଦଳର ଉପସଭାପତି ସୌମ୍ୟରଞ୍ଜନଙ୍କୁ ଟାର୍ଗେଟ କରିଛନ୍ତି । ସାମ୍ବାଦିକମାନଙ୍କ ଆଗରେ ସୌମ୍ୟ ଦଳ ଏବଂ ପାଣ୍ଡିଆନଙ୍କୁ କଲେ ବଡ଼ ଆକ୍ରମଣ। ସିଧା ଚ୍ୟାଲେଞ୍ଜ କଲେ ଦଳ ଛାଡିବିନି ବାହାର କରିବ ତ କର। ଦଳ କାହା ବାପାର ସଂପତ୍ତି ନୁହଁ। ଶକ୍ତି ମନ୍ତ୍ରୀ ପ୍ରତାପ ଦେବଙ୍କୁ କାଉଣ୍ଟର କରିବାକୁ ଯାଇ ସୌମ୍ୟ କହିଛନ୍ତି। ପ୍ରତାପ ଦେବଙ୍କୁ ଧନ୍ୟବାଦ ଦେବି ମୋ ଆଲେଖ୍ୟକୁ ନେଇ ସେ ଗଭୀର ଭାବେ ଚିନ୍ତା କରୁଛନ୍ତି। ସେ ମୋତେ ନିର୍ଦ୍ଦେଶ ଦେଇ ପାରିବେନି ଯେ ମୁଁ ସମ୍ପାଦକୀୟ ଲେଖିବି କି ଦଳରେ ରହିବି। ଖଣ୍ଡପଡ଼ା ବିଜେଡି ବିଧାୟକ ତଥା ଦଳର ଉପସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କୁ ଗତ ୩ଦିନ ଧରି କ୍ରମାଗତ ଭାବେ ବିଜେଡି ପକ୍ଷରୁ ବ୍ୟକ୍ତିଗତ ସମାଲୋଚନା ସହ 'ବ୍ଲାକମେଲର' ଭାବେ ଅଭିହିତ କରାଯିବା ପରେ ଶନିବାର ସାମ୍ବାଦିକ ସମ୍ମିଳନୀ କରି ସୌମ୍ୟ ବିଜେଡି ସଂଗଠନର ଆଭ୍ୟନ୍ତରୀଣ କଥାକୁ ସର୍ବସମ୍ମୁଖକୁ ଆଣିଛନ୍ତି । ଦଳର ସାଧାରଣ ସମ୍ପାଦକ ଅରୁଣ ସାହୁ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ପରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଗଣମାଧ୍ୟମକୁ ଡକାଇ ନିଜ ଦଳର ଉପସଭାପତି ସୌମ୍ୟରଞ୍ଜନଙ୍କୁ ଟାର୍ଗେଟ କରିଛନ୍ତି ।

# ସେବା କାଗଜ କଳ ଶ୍ରମିକଙ୍କ ପି ଏଫ୍ ସମସ୍ୟା ସମାଧାନ ପାଇଁ ଏଆଇଟିୟୁସି ଜାତୀୟ ନେତୃତ୍ୱ ହସ୍ତକ୍ଷେପ କରିବ

ଜୟପୁର, ୧୦/୦୯ (ନି.ପ୍ର): ଏଆଇଟିୟୁସି ପକ୍ଷରୁ ବଲାଙ୍ଗୀର ଠାରେ ତିନି ଦିନିଆ ପ୍ରଶିକ୍ଷଣ ଶିବିର ଅବସରରେ ସେବା କାଗଜ କଳ ଶ୍ରମିକ ସଂଘ ର ସଭାପତି ଶ୍ରୀ ପ୍ରମୋଦ କୁମାର ମହାନ୍ତି ଏଆଇଟିୟୁସି ର ସର୍ବଭାରତୀୟ ଉପ ସଭାପତି ଶ୍ରୀ ବିଦ୍ୟା ଶଙ୍କର ଗିରୀ ଙ୍କୁ ପି ଏଫ୍ ସମ୍ବନ୍ଧୀୟ କାଗଜ ପତ୍ର ପ୍ରଦାନ କରି ପି ଏଫ୍ ଟ୍ରାନ୍ସଫର ପାଇଁ ଫଳପ୍ରଦ ଉଦ୍ୟମ କରିବାକୁ ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ସେବା କାଗଜ କଳ ୨୦୨୦ ଫେବୃଆରୀ ୨୬ ରେ ମଦର ଆର୍ଥ୍ କମ୍ପାନୀ କୁ ବିକ୍ରି ହୋଇଛି ଏବଂ ସେହି କମ୍ପାନୀ ୨୭ ଫେବୃଆରୀ, ୨୦୨୦ ରୁ ବ୍ରହ୍ମପୁର ଆଂଚଳିକ ପିଏଫ୍ ଅଫିସ୍ କୁ ଶ୍ରମିକ ମାନଙ୍କ ପି ଏଫ୍ ଜମା କରିବା ପାଇଁ ନୂଆ ଏକାଉଂଟ ଖୋଲିଛି। ଆଗରୁ ବିଲ୍ଟ ମ୍ୟାନେଜମେଂଟ ଆଗରୁ ଅନୁମତି ନେଇ କରମ୍ ଚାନ୍ଦ୍ ଥାପର ଟ୍ରଷ୍ଟ କଲିକତା କୁ ପି ଏଫ୍ ପଠାଉଥିଲେ ନୂଆ କମ୍ପାନୀ କେସିଟି ଟ୍ରଷ୍ଟ ର ମେମ୍ବର ନାହିଁ ଏଣୁ ବ୍ରହ୍ମପୁର ଆଂଚଳିକ ପିଏଫ୍ କମିଶନ ଅଫିସ୍ କୁ ଯାଉଛି। କିନ୍ତୁ କଲିକତା ପି ଏଫ୍ ଟ୍ରଷ୍ଟ ରେ ଥିବା ପି ଏଫ୍ ପାଣ୍ଠି ୧୨୨୨ ଜଣଙ୍କ ର ପ୍ରାୟ ୨୩ କୋଟି ଟଙ୍କା ବ୍ରହ୍ମପୁର ଆଂଚଳିକ ଅଫିସ୍ କୁ ଆସି ପାରୁ ନାହିଁ। ପୂର୍ବରୁ ମ୍ୟାନେଜମେଂଟ ଚଂଚକତା କରି ଶ୍ରମିକ ମାନଙ୍କୁ ଅଧା ଦରମା ଅଗ୍ରୀମ ଆକାରରେ ଦେଇ ସେଥିରୁ କିଛି ଅଂଶ ପି ଏଫ୍ କାଟି ବ୍ରହ୍ମପୁର ଆଂଚଳିକ ଅଫିସ୍ କୁ ପଠାଉଥିଲା। ମ୍ୟାନେଜମେଂଟର ଚେଷ୍ଟା ଥିଲା ଦରମା କମ୍ କରି ନୂଆ ଦରମା ହାର ସ୍ଥିର କରିବ କିନ୍ତୁ ପି ଏଫ୍ ଅଫିସ୍ କୁ ବାରମ୍ବାର ଚିଠି ଲେଖିବା ପରେ ଆଂଚଳିକ ଅଫିସ୍ ରୁ ବିଜିପିପିଏଲ୍ ମ୍ୟାନେଜମେଂଟ ଓ ପି ଏଫ୍ ଟ୍ରଷ୍ଟ କୁ ଦେଇଛନ୍ତି । ବର୍ତମାନ ମ୍ୟାନେଜମେଂଟ ବାଧ ହୋଇ ଯାହା ବେସିକ୍ ଡିଏ ଭିଡ଼ିଏ ଥିଲା ତାକୁ ଏପ୍ରିଲ୍ ୨୦୨୩ ରୁ ଲାଗୁ କରିବା ଆରମ୍ଭ କରିଛି । କିନ୍ତୁ ଟ୍ରଷ୍ଟ ରୁ ଜମା ଟଙ୍କା କଲିକତା ଆଂଚଳିକ ପିଏଫ୍ କମିଶନ ଅଫିସ୍ ର ଅନୁମୋଦନ ନମିଳିବାରୁ ତାହା ଆସି ପାରୁନାହିଁ ଯାହା ଫଳରେ ଅବସରପ୍ରାପ୍ତ ଶ୍ରମିକ, ମୃତ ଶ୍ରମିକଙ୍କ ପରିବାର ଓ ସାଧାରଣ ଶ୍ରମିକ ମାନେ ସେମାନଙ୍କ କଷ୍ଟାର୍ଜିତ ପିଏଫ ଜମା ଟଙ୍କା ପାଇପାରୁ ନାହାନ୍ତି, ପେନସନ ସୁବିଧାରୁ ବଂଚିତ ରହିଛନ୍ତି । ଶ୍ରୀ ବିଦ୍ୟା ଶଙ୍କର ଗିରୀ ପ୍ରତିଶ୍ରୁତି ଦେଇଛନ୍ତି ଯେ ଏ ବିଷୟକୁ କଲିକତା ରେ ଥିବା ଏଆଇଟିୟୁସି ନେତୃତ୍ୱ ମାଧ୍ୟମରେ କଲିକତା ଆଂଚଳିକ ପିଏଫ୍ କମିଶନ ଅଫିସ୍ କୁ ଯୋଗାଯୋଗ କରି ଟ୍ରାନସଫର କରେଇବା ପାଇଁ ଚେଷ୍ଟା କରିବେ ଏବଂ ଯଦି ନହୁଏ କେନ୍ଦ୍ର ପ୍ରୋଭିଡେଂଟ ଫଣ୍ଡ୍ କମିଶନରଙ୍କୁ ସାକ୍ଷାତ କରିବେ, ତା ସହ ସେଂଟ୍ରାଲ ବୋର୍ଡ଼ ଅଫ୍ ଟ୍ରଷ୍ଟି ବା ସିବିଟି ରେ ଏବିଷୟ ଉଠେଇ ସମାଧାନ କରିବା ପାଇଁ ସବୁ ପ୍ରକାର ଉଦ୍ୟମ କରିବେ । ଶ୍ରୀ ବିଦ୍ୟା ଶଙ୍କର ଗିରୀଙ୍କୁ ରାଜ୍ୟ ଏଆଇଟିୟୁସି ର ସାଧାରଣ ସମ୍ପାଦକ ଶ୍ରୀ ବିଜୟ ଜେନା ଏବଂ ସମ୍ପାଦକ ଜୟନ୍ତ ଦାସ ମଧ ଏ ସମସ୍ୟା ର ସମାଧାନ ପାଇଁ ନିବେଦନ କରିଛନ୍ତି ।

# ପଶ୍ଚିମାଂଚଳ ଏକତା ମଂଚ ସୋନପୁର ଶାଖାର ପୁନର୍ଗଠନ

ସମ୍ବଲପୁର, ୧୦/୦୯ (ନି.ପ୍ର): ଅଂଚଳର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଂଚଳ୍ ଏକତା ମଂଚ ସୋନପୁର ଶାଖା ପକ୍ଷରୁ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାର ଙ୍କର ଜନ୍ମମାଟି ସୋନପୁର ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଇଷ୍ଟଦେବୀ ମାଁ ସୁରେଶ୍ୱରୀଙ୍କ ମନ୍ଦିର ପ୍ରଙ୍ଗଣରେ ଅନୁଷ୍ଠିତ ବୈଠକ ରେ ପଶ୍ଚିମାଂଚଳର ଏଗାରଟି ଜିଲ୍ଲା ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଆଲୋଚନା କରାଯାଇ ଥିଲା।

ସୋନପୁର ସମେତ ସମଗ୍ର ପଶ୍ଚିମାଂଚଳରେ ପର୍ଯ୍ୟଟନ ର ଗଭୀର ସମ୍ଭାବନା ରହିଥିବା ବେଳେ ପର୍ଯ୍ୟଟନ କରିଡର କରାଯାଇ ନଥିବା ଯୋଗୁଁ କୌଣସି ଜିଲ୍ଲା ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରି ନାହାଁନ୍ତି। ସେଥିପାଇଁ ସ୍ୱତନ୍ତ୍ର ଯୋଜନା କରିବା ଦିଗରେ ପଶ୍ଚିମାଂଚଳ ଏକତା ମଂଚ ପକ୍ଷରୁ ଆଲୋଚନା କରାଯାଇ ଥିଲା। ଆଜିର ବୈଠକରେ ପଶ୍ଚିମାଂଚଳ ଏକତା ମଂଚ ସୋନପୁର ଶାଖା ପୁନର୍ଗଠନ କରାଯାଇ ଭାଗିରଥି ମିଶ୍ରଙ୍କୁ ଜିଲ୍ଲା ସଂଯୋକ, ଛନ୍ଦଚରଣ ପୁରୋହିତଙ୍କୁ ଜିଲ୍ଲା ସହସଂଯୋଜକ, ଲୋକନାଥ ମିଶ୍ରଙ୍କୁ କାର୍ଯ୍ୟକ୍ରମ ସଂଯୋଜକ, କାର୍ତିକ ବାଘଙ୍କୁ କାର୍ଯ୍ୟକ୍ରମ ସହ ସଂଯୋଜକ, ଶୀବ ଶଙ୍କର ଭୋଇଙ୍କୁ ଯୁବ ସଂଯୋଜକ, ସ୍ୱାଧୀନ ନାଏକଙ୍କୁ ସହ ଯୁବ ସଂଯୋଜକ, ଶଂକର୍ଷଣ ବାଘଙ୍କୁ ସାହିତ୍ୟ ସଂଯୋଜକ, ସତ୍ୟ ନାରାୟଣ ମହାକୁଡ଼ଙ୍କୁ ଗ୍ରାମିଣ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଶ୍ୟାମା ଓମ ପ୍ରସାଦ ମିଶ୍ର, ଡ ପୁରୁଷୋତମ ମିଶ୍ର ଏବଂ ଶାଶ୍ୱତ ତ୍ରିପାଠୀଙ୍କୁ ପଶ୍ଚିମାଂଚଳ ଏକତା ମଂଚ ସୋନପୁର ଶାଖାର ଉପଦେଷ୍ଟା ଭାବେ ମନୋନୀତ କରାଯାଇ ଥିଲା। ବୈଠକ ରେ ପଶ୍ଚିମାଂଚଳ ଏକତା ମଂଚ କେନ୍ଦ୍ରୀୟ କମିଟୀର ଆବାହକ ଭବାନୀଶ ଭୋଇ, ସଂଗଠନ ସଂଯୋଜକ ସୁବୋଧ କୁମାର ଦୋରା, ରକ୍ତଦାନ ଅଭିଯାନ ସଂଯୋଜକ ଶରତ ଚନ୍ଦ୍ର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ । ବୈଠକ ପରେ ପଶ୍ଚିମାଂଚଳ ଏକତା ମଂଚର ସଦସ୍ୟମାନେ ଗଡଭିତର ସ୍ଥିତ ଗୁରୁଶ୍ରୀ ସତ୍ୟ ନାରାୟଣ ବହିଦାରଙ୍କର ଝିଅଙ୍କ ଘରକୁ ଯାଇ ପରିବାର ସଦସ୍ୟମାନଙ୍କୁ ଭେଟି ଆଲୋଚନା କରିଥିଲେ। ଗୁରୁଙ୍କର ଜନ୍ମମାଟିରେ ତାଙ୍କର ସ୍ମୃତିରକ୍ଷା ଦିଗରେ ଆଗାମୀ ଦିନରେ ପଦକ୍ଷେପ ନେବାକୁ ସ୍ଥିର କରାଯାଇଥିବା ବିଷୟରେ ସୂଚନା ଦିଆଯାଇ ଥିଲା।

# ଦେଶି ମଦ ଚାଲାଣ ବେଳେ ଚଢାଉ: ୩ ଗିରଫ

ଜୟପୁର, ୧୦/୦୯ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢାଉ କରି ୩ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ନୁଆ ସାହି ୪ର୍ଥ ଲାଇନର ଟି ଜାନକି, ଡିରବିଗୁଡା ଗ୍ରାମର କେଶବ ଗୌଡ , ବାମୁଣି ଗାଁର ଲକ୍ଷ୍ମୀଣ ବିଷୋୟୀ । ଅବକାରି ବିଭାଗ ସୁଚନା ଅନୁଯାଇ ଗିରଫ ଅଭିଯୁକ୍ତ ମାନେ ଦେଶି ମଦ ଚାଲାଣ କରୁଥିବା ସୁଚନା ପାଇ ଗ୍ରାମ୍ୟ ରାସ୍ତାରେ ଚଢାଉ କରି ୪୦ ଲିଟର ଦେଶି ମଦ ଜବତ କରିଛି ଗିରଫ କରି କୋର୍ଟ ଚାଲାଣ କରୁଥିବା ଜୟପୁର ଅବକାରୀ ଓଆଇସି ସଞ୍ଜୟ କୁମାର କାଣ୍ଡି ସୁଚନା ଦେଇଛନ୍ତି ।

## ଗାଁ ଗାଁ ବୁଲି ସେବା କରିବ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଗାଡି

କେନ୍ଦ୍ରାପଡ଼ା, ୧୦/୦୯ (ନି.ପ୍ର): ଗାଁ ଗାଁ ବୁଲି ସେବା କରିବ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଗାଡି ଉଦ୍ଦେଶ୍ୟ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସାରା ଓଡିଶା ପାଇଁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଗାଡି ଯୋଗାଇ ଥିବାବେଳେ କେନ୍ଦ୍ରାପଡା ଜିଲ୍ଲାକୁ ୮ ଗୋଟି ସେବା ଗାଡି ଯୋଗାଇ ଦିଆଯାଇଛି । ଶନିବାର ଜିଲ୍ଲା ମୁଖ୍ୟ ପ୍ରାଣି ଚିକିତ୍ସା କେନ୍ଦ୍ର ପରିସରରୁ ଏହି ଗାଡିକୁ ପୂଜା ଅର୍ଚ୍ଚନା ପରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଦିପ୍ତି ମହାପାତ୍ର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଏଡିଭିଓ(ଡିସି) ଡାକ୍ତର ମୃତ୍ୟୁଞ୍ଜୟ ମହାନ୍ତି, ଏସଡିଭିଓ ମନୋଜ କୁମାର ପଟ୍ଟନାୟକ, ଏଡିଭିଓ (ଏଲପି) ଡାକ୍ତର ବିବେକାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାର ସମସ୍ତ ବ୍ଲକରେ ଚାଷୀ ମାନଙ୍କ ସୁବିଧା ପାଇଁ ଗାଡି ଗୁଡିକ ଘର ଘର ବୁଲି ପ୍ରାଣୀ ଚିକିତ୍ସା କରିବା ଯେପରିକି ଟୀକାକରଣ, ରୋଗ ଚିକିତ୍ସା, ପରାମର୍ଶ, ଅସ୍ତ୍ରୋପଚାର, କୃତିମ ପ୍ରଜନନ, ରୋଗ ନିରୁପଣ ଏବଂ ସଚେତନତା ଆଦି ଯୋଗାଇବ । ଏହା ଦ୍ୱାରା ଚାଷୀ ମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି ଅଣାଯାଇ ପାରିବ । ଗ୍ରାମାଂଚଳର ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ମାନଙ୍କର ଓ ପ୍ରାଣୀ ସମ୍ପଦ ଉଦ୍ୟୋଗୀମାନଙ୍କର ମଧ ବିଭିନ୍ନ ସମସ୍ୟାର ସମାଧାନ କରାଯାଇ ପରିବ । ଏହି ଭ୍ରାମ୍ୟମାଣ ସେବା ଗାଡିର ବିଶେଷତ୍ୱ ହେଲା ଏଥିରେ ଅତ୍ୟାଧୁନିକ ଚିକିତ୍ସା ସେବା ବ୍ୟବସ୍ଥା ରହିବା ସଙ୍ଗେ ସଙ୍ଗେ ଗାଡି ଗୁଡିକୁ ଜିପିଏସ୍ ଦ୍ୱାରା ମଧ ଟ୍ରାକିଂ କରାଯାଇ ପାରିବ । ଏହି ଗାଡି ଗୁଡିକର ସ୍ୱଚ୍ଛତା ପାଇଁ ୫ଟିରେ ଅନ୍ତର୍ଭୁକ୍ତ କରାଯାଇଛି ।

# ଡିଏଭି ମହାବିଦ୍ୟାଳୟର ୫୬ତମ ପ୍ରତିଷ୍ଠା ଦିବସ ପାଳିତ: ଯୋଗଦେଲେ ତିନି ମନ୍ତ୍ରୀ

ବଲାଙ୍ଗୀର, ୧୦/୦୯ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ଅନ୍ୟ ଏକ ପ୍ରତିଷ୍ଠିତ ମହାବିଦ୍ୟାଳୟ ଭିତରୁ ଟିଟିଲାଗଡର ଡିଏଭି ମହାବିଦ୍ୟାଳୟ ଅନ୍ୟତମ। ଏହି ଡିଏଭି ମହାବିଦ୍ୟାଳୟର ୫୬ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ମୁଖ୍ୟ ଅତିଥି ଭାବେ ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ମନ୍ତ୍ରୀ ସାରଦା ପ୍ରସାଦ ନାୟକ, ବାଣିଜ୍ୟ, ପରିବହନ ଓ ଜଳ ସମ୍ପଦ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡେଇ, ଡିଏଭି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରଣବ କିଶୋର ପୁରୋହିତ, ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ, ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ଭାସ୍କର ମିଶ୍ର, ଅନ୍ୟତମ ବକ୍ତା ଭାବେ ସାଂସ୍କୃତିକ ଓ ସାରସ୍ୱତ ସଂଗଠକ ପଣ୍ଡିତ ଶିବ ଶଙ୍କର ମିଶ୍ର, ଡିଏଭି ମହାବିଦ୍ୟାଳୟର ପରିଚାଳନା ସମିତି ସଭାପତି ଡ. ଦଳ ଗୋବିନ୍ଦ ବିଶି, ଟିଟିଲାଗଡ଼ ଉପଜିଲ୍ଲାପାଳ ଦୟାମୟ ପାଢ଼ୀ, ଯୁକ୍ତଦୁଇ ଅଧ୍ୟକ୍ଷ ବିଧାନ ମିଶ୍ର ପ୍ରମୁଖ ପ୍ରଥମେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ନଡ଼ିଆ ବାଡେଇ ଶିଳାନ୍ୟାସ ତଥା ଭିତିପ୍ରସ୍ତର ସ୍ଥାପନର ଶୁଭ ଦେଇଥିଲେ। ସେଠାରୁ ସଭା କାର୍ଯ୍ୟ ପାଇଁ ନୂତନ ଭାବେ ନିର୍ମିତ ହୋଇଥିବା ଟାଉନ ହଲକୁ ଯାଇଥିଲେ। ଉପସ୍ଥିତ ଅତିଥିମାନଙ୍କୁ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଇ ମଂଚାସୀନ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ପୁରୋହିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ସେମାନେ ଆସି ଏଠାରେ ଯୋଗଦେଇଥିବା ଯୋଗୁଁ କୃତଜ୍ଞତା ଜ୍ଞାପନ କରିଥିଲେ। ପରିଚାଳନା ସମିତିର ସଭାପତି ଶ୍ରୀ ବିଶି ଟିଟିଲାଗଡର ବିଧାୟିକା ତଥା ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁଙ୍କ ପ୍ରଚେଷ୍ଟା ବଳରେ ଆଜି ଏହି ମହାବିଦ୍ୟାଳୟର ଉନ୍ନତି ହୋଇପାରିଛି ଏବଂ ସଦାବେଳେ କିପରି ଆହୁରି ଉନ୍ନତି ହୋଇପାରିବ ସେଥିପାଇଁ ତାଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହି କରତାଳି ମାଧ୍ୟମରେ ଧନ୍ୟବାଦ ଅର୍ପଣ କରିଥିଲେ, ଏହି ଅବସରରେ ତିନୋଟି ବିଭାଗରେ ସର୍ବୋଚ୍ଚ ମାର୍କ ରଖି ଟପର ହୋଇଥିବା ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଦ୍ୱିତୀୟ ଦିନରେ ୩ ଦଫା ଦାବି ନେଇ ଶିକ୍ଷକଙ୍କ ଗଣଧାରଣା

ଜୟପୁର, ୧୦/୦୯ (ନି.ପ୍ର): ଜୟପୁର ବ୍ଲକ ଓ ପୌରାଂଚଳର ସମସ୍ତ ବିଦ୍ୟାଳୟ ରେ ତାଲା ପକାଇ ୩ ଦଫା ଦାବି ପୁରଣ ପାଇ ଶତାଧିକ ଶିକ୍ଷକ, ଶିକ୍ଷୟତ୍ରୀ ଜାରି ରହିଥିବା ଗଣ ଧାରଣା ଦ୍ୱିତିୟ ଦିନରେ ପହଂଚିଛି । ଜୟପୁର ବ୍ଲକ ଶିକ୍ଷା ଅଧିକାରି ଙ୍କ କାଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦିଆଯାଇଛି । ଧାରଣା ସ୍ଥଳକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ପହଂଚି ଶିକ୍ଷକ ଶିକ୍ଷୟତ୍ରୀଙ୍କ ଦାବି କୁ ସମର୍ଥନ କରିଥିଲେ। ରାଜ୍ୟ ରେ ଶିକ୍ଷା ବ୍ୟବସ୍ଥା ପୁରା ଭୁଷୁଡି ଯାଇଥିବା ବିଧାୟକ ତାରା ନିଜ ପ୍ରତିକ୍ରିୟା ରେ ସୂଚନା ଦେଇଥିଲେ। ଦାବି ହେଉଛି ହକ ପାଇ ଲଢିବାକୁ ଆହ୍ୱାନ କରିଥିଲେ । ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ, କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ, ଶିକ୍ଷା କର୍ମୀ ଓ ଶିକ୍ଷାସହାୟକଙ୍କ ଠିକା କାର୍ଯ୍ୟକାଳକୁ ନୋସନାଲ ଇନକ୍ରୀମେଂଟ ପଦାନ କରି ମୁଳ ଚାକିରୀରେ ଗଣନା କରିବା ସହିତ ଏକ୍ସ କ୍ୟାଡର ଶିକ୍ଷକ, କଳା, କ୍ରୀଡା ଏବଂ ଗଣ ଶିକ୍ଷକ ମାନଙ୍କୁ ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ କରିବା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକ ମାନଙ୍କୁ କେନ୍ଦ୍ରୀୟ ହାରରେ ମୁଳବେତନ ଲେବୁଲ-୯ ଗ୍ରେଡ ପେ ୪ ହଜାର ୨ ଶହ ଅନୁଯାଇ ପ୍ରଦାନ କରିବା, ନୁତନ ପେନସନ ବ୍ୟବସ୍ଥାକୁ ଉଚ୍ଛେଦ କରି ପୁରୁଣା ପେନସନରୁ ପୁନଃ ପ୍ରଚଳନ କରିବା ଆଦି ଦାବି ରହିଛି । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ ଓଡିଶାର ଶାଖା ସଂଗଠନ ଜୟପୁର ତରଫରୁ ଏହି ଗଣ ଧାରଣା ଦିଆଯାଇଛି । ଯେତେ ଦିନ ଯାଏ ଦାବି ପୁରଣ ନହେବେ ସେତେ ଦିନ ଯାଏ ବିଦ୍ୟାଳୟରେ ତାଲା ପଡିବା ସହ ଗୋଷ୍ଠି ଶିକ୍ଷାଧିକାରି ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସୁରେନ୍ଦ୍ର ମହାପାତ୍ର, ଦେବି ଦାସ, ମହେଶ ମିଶ୍ର, ମନୋରଞ୍ଜନ ପଲେଇ, ରୁଦ୍ର ପାଣିଗ୍ରାହୀ, ସୁରେନ୍ଦ୍ର ନାୟକ ସୁଚନା ଦେଇଛନ୍ତି ।

# ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡି ରହିଛନ୍ତି ରାଜ୍ୟ ସରକାର: ମନମୋହନ ସାମଲ

କେନ୍ଦୁଝର, ୧୦/୦୯ (ନି.ପ୍ର): କେନ୍ଦୁଝର ସର୍କିଟହାଉସ ଠାରେ ଭାରତୀୟ ଜନତା ପାର୍ଟି ର ରାଜ୍ୟ ସଭାପତି ମନମୋହନ ସାମଲ ଏକ ପ୍ରେସ ମିଟରେ କେନ୍ଦୁଝରର ଡିଏମଏଫ୍ ଅର୍ଥ ବିନା ଅନୁମୋଦନରେ ମନଇଚ୍ଛା ଖର୍ଚ୍ଚ କରାଯାଉଥିବା ଅଭିଯୋଗ କରିଛନ୍ତି । ପ୍ରଥମେ ଶହ ଶହ କୋଟି ଖର୍ଚ୍ଚ ପରେ ଏହାକୁ ପରେ ଅନୁମୋଦନ କରାଯାଉଛି । ପ୍ରାୟ ୫୦୦ କୋଟି ଟଙ୍କା ବିନା ଅନୁମୋଦନରେ ଡିଏମଏଫ୍ ଅର୍ଥ ଖର୍ଚ୍ଚ କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ସରକାର ଡିଏମଏଫ୍ ଓ ଓମ୍ବାଡିସି ପାଣ୍ଠିର ଦୁରୁପଯୋଗ ସହ ବେନିୟମ ଖର୍ଚ୍ଚ କରାଯାଉଛି । ଡିଏମଏଫ୍ ଅନୁଦାନରେ ମେଡିକାଲ କଲେଜ ହୋଇଛି କିନ୍ତୁ ସରକାର ଆବଶ୍ୟକୀୟ ଡାକ୍ତର ଏବଂ କର୍ମଚାରୀ ନିଯୁକ୍ତି କରିନାହାଁନ୍ତି । ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ଆରମ୍ଭ ହେବାର ଦୀର୍ଘର୍ ମାସ ପରେ ମଧ ରୋଗୀ ସେବା ଆରମ୍ଭ ହୋଇପାରିନାହିଁ । ଫଳରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଏହାର ହସ୍ପିଟାଲ ଚାଲିଛି । ରାଜ୍ୟ ସରକାର ଏକ ପୂର୍ଣ୍ଣାଙ୍ଗ ମେଡିକାଲ କଲେଜ ସହ ଆବଶ୍ୟକୀୟ ଭିତିଭୂମି, ଡାକ୍ତର, ପାରା ମେଡିକାଲ ଷ୍ଟାଫ ଯୋଗାଇ ଦିଅନ୍ତୁ । କାନପୁର ବୃହତ ଜଳସେଚନ ପ୍ରକଳ୍ପ ପାଇଁ କେନ୍ଦ୍ର ୨୮୦୦କୋଟି ଟଙ୍କା ଦେଇଛି । ତେବେ ଦୀର୍ଘ ୪୦ ବର୍ଷ ପରେ ମଧ ଏହି ପ୍ରକଳ୍ପ ଶେଷ ହେଉନଥିବାରୁ ଚାଷୀଙ୍କ କାମରେ ଲାଗୁନାହିଁ । ସରକାର ବିଦ୍ୟାଳୟଗୁଡିକୁ ୫ଟି ରେ ରୂପାନ୍ତରୀକରଣ କରିଛନ୍ତି କିନ୍ତୁ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ସମସ୍ୟା ପୂରଣ କରିବାରେ ସରକାର ବିଫଳ ହୋଇଛନ୍ତି । ବ୍ଲକରେ ବ୍ୟାପକ ପିସି କାରବାର ଚାଲିଛି । ଜୁଆଙ୍ଗମାନଙ୍କ ଉନ୍ନତି ପାଇଁ ଜୁଆଙ୍ଗ ଉନ୍ନୟନ ସଂସ୍ଥା(ଜେଡିଏ) ଖୋଲିଛି ସତ କିନ୍ତୁ ଏବେ ବି ତାଙ୍କର ସମସ୍ୟା ସମାଧାନ ହୋଇପାରିନାହିଁ । ମୋଦି ସରକାର ୯ ବର୍ଷରେ ଓଡିଶାକୁ ୧୮ଲକ୍ଷ ୮୩ ହଜାର କୋଟି ଟଙ୍କା ଦେବା ସତ୍ତ୍ୱେ ଓଡିଶା କିମ୍ବା ଓଡିଶାବାସୀଙ୍କ ସ୍ଥିତିରେ କୌଣସି ପରିବର୍ତନ ଆସିନାହିଁ କିମ୍ବା ରାଜ୍ୟର ଉନ୍ନତି ଦୃଶ୍ୟମାନ ହେଉନାହିଁ ବୋଲି ଶ୍ରୀ ସାମଲ ଅଭିଯୋଗ କରିଥିଲେ । ଓଡିଶାରେ ଦୁର୍ନୀତି, ଭ୍ରଷ୍ଟାଚାର ଓ ପରସେଣ୍ଟଂଜରେ ସରକାର ଚାଲିଛି। ଦୁର୍ନିତୀ ଓ ଭ୍ରଷ୍ଟାଚାର ସରକାର ଚାଲିଛି । ଏହି କାରଣରୁ ଓଡିଶାରେ ବିକାଶ ବାଧାପ୍ରାପ୍ତ ହୋଇଛି । ଓମ୍ବାଡସି ରୁ ସରକାର ୧୬୦୦୦ କୋଟି ଟଙ୍କା ଋଣ ନେଇଛନ୍ତି । କିନ୍ତୁ ଏହି ଅର୍ଥ ଫେରାଉନଥିବାରୁ ଜିଲ୍ଲାର ବିକାଶରେ ବାଧାସୃଷ୍ଟି ହୋଇଛି । କେନ୍ଦୁଝର ଜିଲ୍ଲା ରାଜ୍ୟକୁ ସର୍ବାଧିକ ରାଜସ୍ୱ ଦେଉଥିଲେ ମଧ ଧନୀ ଜିଲ୍ଲାର ଲୋକ ଗରିବ ବୋଲି କହିଥିଲେ । ୧୯୬୭ ମସିହାରେ ଦ୍ୱିତୀୟ ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ବିଜୁ ପଟ୍ଟନାୟକ ଚିନ୍ତା କରିଥିଲେ । କିନ୍ତୁ ଖଣି ଏବଂ ଭିତିଭୂମି ଥିବା ସତ୍ତ୍ୱେ ହୋଇପାରିଲା ନାହିଁ । ସବୁଠାରୁ ଅଧିକ ରାଜସ୍ୱ କେନ୍ଦୁଝର ଜିଲ୍ଲା ଦେଉଛି କିନ୍ତୁ ଏଠାକାର ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । କେନ୍ଦୁଝର ରେ ଖଣି ଖାଦାନ ଥାଇ ମଧ ଲୋକେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ଜିଲ୍ଲାରେ ପର୍ଯ୍ୟଟନ ର ବିକାଶ ହୋଇଥିଲେ ଦାଦନ ସମସ୍ୟା ଦୂର ହୋଇଥାନ୍ତା । ବିକାଶ ହେଲେ ବିନା ଶିଳ୍ପରେ ମଧ ଆର୍ଥିକ ସ୍ଥିତି ସୁଧୁରିବ ବୋଲି ଶ୍ରୀ ସାମଲ କହିଥିଲେ । ଜଳସେଚନ, କୃଷି, ଶିକ୍ଷା, ପର୍ଯ୍ୟଟନ ସବୁ କ୍ଷେତ୍ରରେ ଜିଲ୍ଲା ପଛୁଆ । ରାଜ୍ୟ ସରକାର ଏବେ ଦୟନୀୟ ସ୍ଥିତିରେ ଅଛନ୍ତି । ଲୋକ ଜାଣିଲେଣି, ସାଧାରଣ ଲୋକଙ୍କ ମନ ପରିବର୍ତନ ଚାହୁଁଛନ୍ତି । ଜିଲ୍ଲାବାସୀଙ୍କ ସମସ୍ୟାକୁ ନେଇ ଭାରତୀୟ ଜନତା ପାର୍ଟି ବ୍ୟାପକ ଆନ୍ଦୋଳନ କରିବ ।

# ଜୟପୁର ବ୍ଲକ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା

ଜୟପୁର, ୧୦/୦୯ (ନି.ପ୍ର): ଜୟପୁର ବ୍ଲକ ବିଦ୍ୟାଳୟ ସମୂହ ଖେଳ ଓ ଦୌଡ କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଜୟପୁର ସ୍ଥିତ ଜଗଦିଶ ଚନ୍ଦ୍ର ନାୟକ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠି ଶିକ୍ଷାଧିକାରି ଚନ୍ଦନ କୁମାର ନାୟକ ଯୋଗ ଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଜୟପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମ ମେହେର, ଜଗଦିଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦିପ ତତ୍ୱ ବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବ୍ଲକର ୩୮ଟି ଉଚ୍ଚ ବିଦ୍ୟାଳୟରୁ ୩ ଶହରୁ ଅଧିକ ଛାତ୍ର ଛାତ୍ରୀ ଏବଂ ୩୨୦ ଜଣ ଶାରିରିକ ଶିକ୍ଷା ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ । ପ୍ରଥମେ କ୍ରିଡା ମଶାଲ ଧରି ଉଦଘାଟନି ମଂଚରେ ପହଂଚିଥିଲେ । ଅତିଥି ଙ୍କ ସହ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭିଷେକ ଭୁଏ, ବ୍ଲକ କ୍ରିଡା ସମ୍ପାଦକ ଗଗନ ବିହାରି ଦାସ ମଂଚାସିନ ଥିଲେ । ଉପସ୍ଥିତ ଅତିଥି ମାନେ କ୍ରୀଡା ହେଉଛି ଏକ ଅଭିନ୍ନ ଓ ଅବିଚ୍ଛେଦ ଅଙ୍ଗ ବୋଲି ବୁଝାଇଥିଲେ । କ୍ରିଡାକୁ ସମସ୍ତ ଛାତ୍ର ଛାତ୍ରୀ ଅଭ୍ୟାସ କରିବା ଆବଷ୍ୟକ ବୋଲି ବୁଝାଇଥିଲେ । ବିଇଓ ନାୟକ କ୍ରୀଡା ପତକା ଉତୋଳନ କରି ଉଦଘାଟନ ଘୋଷଣା କରିଥିଲେ । କ୍ରିଡା ଶିକ୍ଷକ ବାସୁଦେବ ସେନାପତି ମଂଚ ପରିଚଳନା କରିଥିଲେ । ବିଦ୍ୟାଳୟ ପରିସରରେ କବାଡି, ଖୋ ଖୋ, ଯୋଗାସନ ଅନୁଷ୍ଠିତ ହେବା ସହ ଫୁଟବଲ, କ୍ରିକେଟ ଏବଂ ଦୌଡ କୁଦ ଦଶହରା ପଡିଆ ଠାରେ ଆୟୋଜନ ହୋଇଥିଲା । ଏହି ପ୍ରତିଯୋଗିତା ମାଧ୍ୟମରେ ବିଭିନ୍ନ ବିଭାଗରୁ ୨୮ ବାଳିକା ଓ ୪୨ ବାଳକଙ୍କୁ ଚୟନ କରାଯାଇଛି । ଯେଉଁ ମାନେ ବିଭିନ୍ନ ସମୟରେ ଆୟୋଜିତ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ। ଏହି ପ୍ରତିଯୋଗିତାରେ ନରେଶ ଷଡଙ୍ଗି, ନିରଞ୍ଜନ ପାଣିଗ୍ରାହୀ, ପସନ୍ନ ପାଣିଗ୍ରାହୀ, ଶୁଭେନ୍ଦୁ ପ୍ରଧାନ, ପ୍ରସନ୍ନ ପ୍ରଧାନ, ପ୍ରାଣ ଦେବ ବାଲା ପ୍ରମୁଖ ଉପସ୍ଥିତ ରହି ଖେଳ ପରିଚାଳନା କରିଥିଲେ ।

# ଡମ୍ପିଂୟାର୍ଡ କରିବା ପାଇଁ ଜାଗା ଦିଅ

ଜୟପୁର, ୯ ସେପ୍ଟେମ୍ବର(ହି.ସ.) - ଜୟପୁର ପୌର ପ୍ରଶାସନକୁ ଡମ୍ପିୟାର୍ଡ କରିବା ପାଇ ଜାଗା ଦେବାକୁ ତହସିଲଦାର କୁ ଚିଠି ଲେଖିଲେ ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥର୍ ପଟ୍ଟନାୟକ । ପ୍ରତ୍ୟେକ ଦିନ ୪୦ ଟନ ଆବର୍ଜନା ଜୟପୁର ସହରରୁ କଲେକସନ କରାଯାଉଛି । ମାକାପୁଟସ୍ଥିତ ଡମ୍ପିୟାର୍ଡ ଆବର୍ଜନା ରଖିବା ପାଇ ଜାଗା ନାହିଁ । ଫଳରେ ପୌର ପାଳିକାକୁ ମୁଣ୍ଡ ବଥା ହୋଇଛି । ରାଜ୍ୟର ବଡ ବଡ ସହରରେ ୨ରୁ ୩ଟି ଡମ୍ପିୟାଡ ରହିଥିବା ବେଳେ ଜୟପୁର ରେ ମାତ୍ର ଗୋଟିଏ ରହିଛି । ୩ ଏକର ଜମିରେ ମକାପୁଟରେ ରହିଛି । ତେଣୁ ତୁରନ୍ତ ପୌର ପାଳିକା ଡମ୍ପିୟାର୍ଡ କରିବାକୁ ଜାଗା ଦେବାକୁ ତହସିଲଦାରଙ୍କୁ ଚିଠି କରିଛନ୍ତି ପୌର କାର୍ଯ୍ୟନିର୍ବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ । ମକାପୁଟ ଡମ୍ପିୟାର୍ଡରେ ଏତେ ପରିମାଣରେ ଆବର୍ଜନା ଆଛି ଯେ ଟ୍ରାକ୍ଟର ମଧ ଭିତରେ ଲାଗିଯାଉଛି ।

# ବସ୍ତିବାସିନ୍ଦାଙ୍କୁ ନକଲି ପଟ୍ଟା ବଂଟନ ପ୍ରସଙ୍ଗ: ମେୟର ଓ କମିଶନରଙ୍କ ବିରୋଧରେ କ୍ୟାପିଟାଲ ଥାନାରେ ଏତଲା ଦେଲା ବିଜେପି

ଭୁବନେଶ୍ୱର, ୧୦/୦୯ (ନି.ପ୍ର): ରାଜଧାନୀରେ ବସ୍ତିବାସିନ୍ଦାଙ୍କୁ ନକଲି ପଟ୍ଟା ବଂଟନ କରିଥିବାରୁ ବିଏମସି ମେୟର, କମିଶନର ଓ ସମ୍ପୃକ୍ତ ଅଫିସରଙ୍କ ବିରୁଦ୍ଧରେ ଏଫଆଇଆର ଦାୟର କରିଛି ବିଜେପି। ଶନିବାର ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ପକ୍ଷରୁ ରାଜମହଲ ଛକ ନିକଟରୁ ସହ ସହ କର୍ମୀ ପଦଯାତ୍ରା ରେ ଯାଇ କ୍ୟାପିଟାଲ ଥାନାରେ ଏଫ୍.ଆଇ.ଆର ଦାୟର କରିଥିଲେ।

ସହରାଂଚଳରେ ନବେ ଦଶକରେ ବସ୍ତି ବାସିନ୍ଦାଙ୍କୁ ଯେଉଁ ପଟ୍ଟା ମିଳିଛି ସେଥିରେ ସ୍ପଷ୍ଟ ଭାବରେ ଲେଖାହୋଇଛି ଯେ, ବସ୍ତିବାସିନ୍ଦାଙ୍କ ଥଇଥାନ ଯୋଜନା ଅନୁସାରେ ମିଳିଥିବା ପଟ୍ଟା ବୋଲି । ହେଲେ ଏବେ ରାଜ୍ୟ ସରକାର ଯେଉଁ କାଗଜ ଧରାଉଛନ୍ତି ସେଥିରେ କେଉଁଠି ବି ପଟ୍ଟା ଶବ୍ଦର ଲେଖାନାହିଁ। ରାଜ୍ୟ ସରକାରଙ୍କର ଯେଉଁ ସମବାୟ ବ୍ୟାଙ୍କ ଅଛି ସେମାନେ ବି ଏହି କାଗଜକୁ ସ୍ୱୀକାର କରୁନାହାନ୍ତି ଓ ଅନ୍ୟପଟେ ସରକାରଙ୍କ ଏହି କାଗଜ ପାଇଲା ପରେ ମଧ ବିଏମସି ଘର ଭାଙ୍ଗୁଛି। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଯେ,ରାଜ୍ୟ ସରକାର ଓ ବିଏମସି ବସ୍ତି ବାସିନ୍ଦାଙ୍କ ସହିତ ଛଳନା କରୁଛନ୍ତି ବୋଲି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ସଭାପତି ବାବୁ ସିଂ କହିଛନ୍ତି।

ବସ୍ତିଗୁଡ଼ିକରେ ଛୋଟ ଛୋଟ ଜମି ଦଲାଲ ମାନେ ବସ୍ତିରେ ସରକାରୀ ଜମିକୁ ଛୋଟ ଛୋଟ ଭାଗ କରି ବିକନ୍ତି ଓ ଲୋକଙ୍କଠାରୁ ତିରିଶ ହଜାର ପଚାଶ ହଜାର ନିଅନ୍ତି କାଗଜ ଖଣ୍ଡେ ଦେଇ। ସେହିଭଳି ସମାନ ଭାବରେ ଏ ସରକାର ଓ ବିଏମସି ମିଳିତ ଭାବେ ଏ ମହାଠକେଇ କରିଛନ୍ତି। ଜମି ଦଲାଲଙ୍କ ସାଙ୍ଗରେ ସାମିଲ ହୋଇଛନ୍ତି ଆଜି ରାଜ୍ୟ ସରକାର ଓ ବିଏମସି। ତେଣୁ କେଉଁଠି ନା କେଉଁଠି ଏମାନେ ପଇସା ଲୋକଙ୍କଠାରୁ ଆଣି ଫଲସ୍ କାଗଜ ତାଙ୍କୁ ଧରାଇଛନ୍ତି। ବସ୍ତି ବାସିନ୍ଦାଙ୍କୁ ଗୋଟେ ଜାଲି ପଟା ଦେଉଛନ୍ତି। ସେ ଜାଗାରେ ଜଣେ ହିତାଧିକାରୀ ନା ଘରଟିଏ ନା ଲୋନ ଟେ କରିପାରିବ ନା ଘର ପାଇଁ ଆପ୍ଲୁଭାଲ ମିଳିପାରିବ। ଏଣୁ ଏଥିରେ ଜଡିତ ବିଏମସି ମେୟର, କମିଶନର,କନସଲ୍ଟ ଅଫିସର୍ ଯେଉଁ ମାନେ ଏଥିରେ ଜଡ଼ିତ ତାଙ୍କୁ ଆଇପିସି ୪୨୦,୩୪ ଦଫାରେ ଆମେ ଆଜି ଏଫ୍.ଆଇ.ଆର୍ ଦେଉଛୁ ଆଶା କରୁଛୁ ନିଶ୍ଚିତ ଭାବରେ ପ୍ରଶାସନିକ ପୋଲିସ ଅଧିକାରୀ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନଚେତ୍ ଆମେ ଆଇନିର ଆଶ୍ରୟ ନେଇ ନ୍ୟାୟାଳୟ କୁ ଯିବୁ ବୋଲି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ସଭାପତି ବାବୁ ସିଂ କହିଥିଲେ।

ସେହିପରି ଆମେ ଭାରତ ବର୍ଷ ର ନ୍ୟାୟପାଳିକା ଉପରେ ପୁରା ଭରଷା ରଖିଛୁ। ଯଦି ପୋଲିସ କୌଣସି ପଦକ୍ଷେପ ନେବ ନାହିଁ ତେବେ ଆମେ ନ୍ୟାୟପାଳିକା କୁ ଯିବୁ। ଆମର ବିଶ୍ୱାସ ହେଉଛି ଅଦାଲତ ଏହି କଥାକୁ ଗ୍ରହଣ କରିବେ ବୋଲି ରାଜ୍ୟ ପ୍ରବକ୍ତା ଦିଲ୍ଲୀପ ମହାନ୍ତି କହିଥିଲେ। ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଛୋଟରାୟ,ଦିଲ୍ଲୀପ ବେହେରା, ବିଜେପି କର୍ପୋରେଟର ସୁଜାତା ଛୋଟରାୟ, ଯଶୋଧାରା ପ୍ରଧାନ, ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସ୍ୱଂୟ ସେବକ ରାୟ,ଜିଲ୍ଲା ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ,ଦାମୋଦର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଚମ୍ପୁଆ ମହିଳା ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଚମ୍ପୁଆ, ୧୦/୦୯ (ନି.ପ୍ର): ଚମ୍ପୁଆ ମହିଳା ମାଧ୍ୟମିକ ବିଦ୍ୟାଳୟର ୨୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ମହିଳା ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ଚମ୍ପୁଆର ପୂର୍ବତନ ବିଧାୟକ ଧନୁର୍ଜୟ ଲାଗୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବାବେଳେ ସମ୍ମାନୀୟ ଅତିଥିଭାବେ ଚମ୍ପୁଆ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସତ୍ୟବାନ କର ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅନୁଷ୍ଠାନର ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନ ଯୋଗ ଦେଇ ଥିବାବେଳେ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଦିପକ କୁମାର କର ପରିଚାଳନା କରିଥିଲେ।

# ଶିକ୍ଷକ ଇଦ୍ରିସ୍ ଅଲ୍ଲୀଙ୍କୁ ଆଦର୍ଶ ଶିକ୍ଷକ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୧୦/୦୯ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ଉର୍ଦ୍ଧ୍ୱ ଲାଇବ୍ରେରୀ ପରିସରରେ କେନ୍ଦ୍ରାପଡା ସଂଖ୍ୟାଲଘୁ ବିକାଶ ଟ୍ରଷ୍ଟ ପକ୍ଷରୁ ଶିକ୍ଷକ ଦିବସ ପାଳନ ସହ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଛି । ଏହି ଅବସରରେ ଟ୍ରଷ୍ଟର ପରିଚାଳକ ସେକ୍ ନସିମୁଦ୍ଦିନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ଶିକ୍ଷକମାନଙ୍କର ଶିଷ୍ୟମାନଙ୍କ ପ୍ରତି ଗୁରୁ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ଇଦ୍ରିସ୍ ଅଲ୍ଲୀଙ୍କୁ ଆଦର୍ଶ ଶିକ୍ଷକ ଭାବେ ବିଧାୟକ ଶଶି ଭୂଷଣ ବେହେରା ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ । ସେହିପରି ବିଶିଷ୍ଟ ଅତିଥି ଭାବେ ପୌରା ଳର ପୌରାଧ୍ୟକ୍ଷା ସରିତା ସାହୁ, ବାଲିଆ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡଃ ପୂର୍ଣ୍ଣଚନ୍ଦ୍ର ବ୍ରହ୍ମା, ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଜିଲ୍ଲା ମଣ୍ଡଳ ଶିକ୍ଷା ଅଧିକାରୀ ପାବନୀ କୁମାର ରାଉତ ଯୋଗ ଦେଇ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଶୈଳଜା ଶଙ୍କର ସାମଲ ସଂଯୋଜନା କରିଥିବା ବେଳେ ମ୍ୟାନେଜିଂ ଟ୍ରଷ୍ଟି ରକିବୁର ରହେମାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଫ୍ଲାଟ୍ ଫୁଟ୍ ୱେୟାର୍



ମେଟାଲିକ ଟ୍ରେଣ୍ଡ୍: ଆଜିକାଲି ଖୁବ୍ ଡିମାଣ୍ଡରେ ରହିଛି ମେଟାଲିକ୍ ଫୁଟ୍ ୱେୟାର୍। କେବଳ ଡ୍ରେସ ଏବଂ ବ୍ୟାଗରେ ନୁହେଁ ବରଂ ଫୁଟ୍ ୱେୟାରସୟରେ ମଧ୍ୟ ଏହି ଟ୍ରେଣ୍ଡ ବହୁତ କ୍ଲାସିକ ଲାଗିଥାଏ।

ପର୍ଲ ଫ୍ଲାଟ ୱେର୍ୟାର୍ସ: ପର୍ଲରେ ତିଆରି ଜୁଏଲାରୀ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିବା ବେଳେ ଏଥିରେ ତିଆରି ହୋଇଥିବା ଜୋତା ପାଦର ସୌନ୍ଦର୍ଯ୍ୟକୁ ମଧ୍ୟ ବୃଦ୍ଧି କରିଥାଏ। ଏହି ଜୋତା ନା କେବଳ ଦେଖିବାକୁ ସୁନ୍ଦର ବରଂ ପିନ୍ଧିବାକୁ ମଧ୍ୟ ସେତିକି ହିଁ ଗ୍ଲାମର୍ସ।

ପାର୍ଟିକୁ ଯାଉଥିଲେ: ପାର୍ଟିର ଗ୍ଲାମର୍ସ ଦେଖାଯିବା ଲାଗି କେବଳ ସ୍ୟାଣ୍ଡାଲ କିମ୍ବା ହାଇ ହିଲ୍ କାହିଁକି ଗୋଲ୍ଡେନ ବାକ୍ସ ଥିବା ବ୍ଲାକ ଫ୍ଲାଟ ଜୋତା ପିନ୍ଧି ମଧ୍ୟ ଆକର୍ଷଣୀୟ ଲୁକ ପାଇପାରିବେ। ଏହାବ୍ୟତୀତ କୁଲ୍ ଲୁକ୍ ପାଇଁ ମଲ୍ଟି ଚେନଯୁକ୍ତ ରଙ୍ଗୀନ ବିଡସ ଫ୍ଲାଟଫୁଟ୍ ୱେୟାର ମଧ୍ୟ କ୍ୟାରି କରିପାରିବେ। ତେବେ ଶର୍ଟ ଡ୍ରେସ୍ ଏବଂ ସ୍କଟ୍ ସହିତ ଏହା ଅଧିକ ସୁନ୍ଦର ଦେଖାଯାଇଥାଏ।

ଗ୍ଲାଡ଼ିଏଟର୍ ଜୋତା: ସାଧାରଣତଃ ହିଲ୍‌ଯୁକ୍ତ ଗ୍ଲାଡିଏଟର୍ ସ୍ୟାଣ୍ଡାଲ ଦେଖିବାକୁ ଅଧିକ ସମୟ ପର୍ଯ୍ୟନ୍ତ କ୍ୟାରି କରିବାରେ ବହୁତ ଅସୁବିଧା ସୃଷ୍ଟି ହୋଇଥାଏ। ହେଲେ ଏହା ପରିବର୍ତ୍ତେ ଫ୍ଲାଟ୍ ଗ୍ଲାଡ଼ିଏଟର୍ ପିନ୍ଧି ମଧ୍ୟ ଆକର୍ଷଣୀୟ ଲୁକ୍ ପାଇପାରିବେ। ଏହା ପିନ୍ଧିବାକୁ ବି ବେଶ୍ କମ୍ଫର୍ଟେବଲ୍। ଆପଣ ଚାହିଁଲେ ଏହାକୁ ମିନି ଏବଂ ଶର୍ଟ ସ୍କଟ୍ ସହ ଟ୍ରାଏ କରିପାରିବେ।

ଫ୍ଲାଟ ଫ୍ରିଞ୍ଜେଜ୍: କେବଳ ଫ୍ରିଞ୍ଜ ଡ୍ରେସ, ସ୍କଟ ଏବଂ ବ୍ୟାଗ ନୁହେଁ, ଫ୍ରିଞ୍ଜ ଫ୍ୟାଶନରେ ଫ୍ଲାଟ୍ ଫ୍ରିଞ୍ଜେଜ୍ ଫୁଟ୍ ୱେୟାରର ମଧ୍ୟ ରହିଛି ଖୁବ୍ ଡିମାଣ୍ଡ।

ବାଲେଟ୍ ଫ୍ଲାଟ୍: ଷ୍ଟାଇଲ ଏବଂ କମ୍ଫର୍ଟର ଏକ ଭଲ କମ୍ବିଶେନନ ହେଉଛି ଏହି ଫ୍ଲାଟ ଫୁଟ୍ ୱେୟାର। ତେବେ ଷ୍ଟାଇଲିଶ୍ ଲାଗୁଥିଲେ ମଧ୍ୟ ଏହାକୁ କଲେଜ କିମ୍ବା ଅଫିସକୁ ଯିବାବେଳେ ହେଉ କିମ୍ବା ପାର୍ଟିରେ ଷ୍ଟାଇଲିସ୍ ଦେଖାଯିବା ଲାଗି ଉଭୟ କ୍ଷେତ୍ରରେ ଏହାକୁ କ୍ୟାରି କରି ଏକ ଆକର୍ଷଣୀୟ ଲୁକ୍ ପାଇପାରିବେ।

ଏସବୁ ବ୍ୟତୀତ କଲେଜ ଯିବା ସମୟରେ ଧଳା ରଙ୍ଗର ଫ୍ଲାଟ ଫୁଟ୍ ୱେୟାର, କାଜୁଆଲ ଲୁକ ପ୍ରଦାନ କରିଥାଏ। ଯଦି ଆପଣ କିଛି କଲରଫୁଲ ଟ୍ରାଏ କରିବାକୁ ଚାହୁଁଛନ୍ତି, ତେବେ ମଲଟି କଲରର ବିଡ଼ସଯୁକ୍ତ କ୍ରସ ଷ୍ଟାଇପ ଫ୍ଲାଟ ଜୋତା ମଧ୍ୟ ପିନ୍ଧିପାରିବେ।

**ଗେଟ୍‌ଅପ୍ ଏବଂ ଜୁଏଲାରୀ ସହିତ ଆପଣଙ୍କ ଲୁକ୍‌କୁ ଫୁଲ୍‌ଫିଲ୍ କରିଥାଏ ଷ୍ଟାଇଲିଶ୍ ଫୁଟ ୱେୟାର। ତେବେ କେବଳ ହିଲ୍ ନୁହେଁ, ଫ୍ଲାଟ୍ ଫ୍ଲାଟ୍ ୱେୟାର୍ସ ମଧ୍ୟ ଲୁକ୍‌କୁ ଆଟ୍ରାକ୍ଟିଭ୍ କରିଥାଏ। ବରଂ ଏହା ପିନ୍ଧିବାକୁ ସେତିକି କମ୍ଫର୍ଟେବଲ ଦେଖିବାକୁ ମଧ୍ୟ ସେତିକି ଆଟ୍ରାକ୍ଟିଭ୍।**






# ଓଜନ ହ୍ରାସର ସରଳ ଉପାୟ

ଆମେରିକାର ଏକ ନାମକରା କମ୍ପାନୀ ନିଜ କର୍ମଚାରୀଙ୍କ ନିମନ୍ତେ ବିଶେଷ ଖାଦ୍ୟପେୟ ତାଲିକା ପ୍ରସ୍ତୁତ କରିଛି। ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶରେ କମ୍ପାନୀ ମୁଖ୍ୟ ଏଭଳି ପଦକ୍ଷେପ ନେଇଥିଲେ। କର୍ମଚାରୀଙ୍କ ଓଜନ ଅସ୍ୱାଭାବିକ ଭାବେ ବୃଦ୍ଧି କାରଣରୁ କମ୍ପାନୀ ମୁଖ୍ୟ ବିଚାରକ ମଣ୍ଡଳୀ ସହ ପରାମର୍ଶ କରି କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରକ୍ରିୟାଟି ଉଚିତ୍ ଭାବେ କାର୍ଯ୍ୟ କରିବାରୁ ବୈଜ୍ଞାନିକମାନେ ମଧ୍ୟ ଏହି ଉପାୟକୁ ଓଜନ ହ୍ରାସର ସର୍ବୋତ୍ତମ ଉପାୟ ଭାବେ ପ୍ରକାଶ କରିଛନ୍ତି। ଏଥିପାଇଁ କର୍ମଚାରୀଙ୍କୁ ୭ଦିନର ଖାଦ୍ୟ ତାଲିକା ପ୍ରଥମେ ପ୍ରସ୍ତୁତ କରି ଦିଆଗଲା। ପ୍ରଥମଦିନ କେବଳ ଫଳାହାର ଓ ପାଣି ପିଇବାକୁ ପରାମର୍ଶ ଦିଆଯିବା ସହ କଦଳୀ ଆଦୌ ନଖାଇବାକୁ କୁହାଯାଇଥିଲା। ପ୍ରଥମଦିନ ତାଲିକାରେ ଜଳଖିଆରେ ଗୋଟିଏ ସେଓ, ଗୋଟିଏ କମଳା ଓ ଦୁଇ ଗିଲାସ ପାଣି। ଦ୍ୱିପହର ଭୋଜନରେ ପାଚିଲା ଅମୃତଭଣ୍ଡା, ତରଭୁଜ ଓ ଦୁଇ ଗିଲାସ



ପାଣି। ରାତିରେ ଅନୁରୂରପ ଫଳାହାର। ଦ୍ୱିତୀୟ ଦିନରେ କେବଳ ସିଝା ପନିପରିବା ଖାଇବାକୁ ପରାମର୍ଶ ଦିଆଗଲା। ତୃତୀୟ ଦିନ ଫଳ ଓ ପନିପରିବା ମିଶ୍ରିତ ଭାବରେ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଏଭଳି ପ୍ରକ୍ରିୟାରେ ତୃତୀୟ ଦିନ ହିଁ ଅଧିକାଂଶ କର୍ମଚାରୀଙ୍କ ଓଜନ ହ୍ରାସ ହୋଇଥିବାର ଲକ୍ଷ୍ୟ କରାଗଲା। ବିଶେଷଜ୍ଞଙ୍କ ମତରେ ସପ୍ତାହକୁ ଥରୁଟିଏ ନିଜ ମନପସନ୍ଦର ଭୋଜନ କରିବା ଉଚିତ୍।

# କ୍ଷୀର ଭବାନୀ



ଶ୍ରୀନଗର ଠାରୁ ୧୪ କି.ମି ପୂର୍ବରେ ରହିଛି କ୍ଷୀର ଭବାନୀଙ୍କ ମନ୍ଦିର। କାଶ୍ମୀରରେ ଥିବା ସମସ୍ତ ହିନ୍ଦୁଙ୍କ ପାଇଁ ମନ୍ଦିରଟି ଖୁବ ପବିତ୍ର।




କ୍ଷୀରି ଏଠାରେ ମା'ଙ୍କୁ ପ୍ରସାଦ ଭାବେ ଚଢ଼ା ଯାଉଥିବାରୁ ମନ୍ଦିରଟି ନାମ ଏପରି ହୋଇଛି। ତେବେ ମା'ଙ୍କୁ ମହାରାଗ୍ୟ ଦେବୀ, ରାଜ୍ଞ୍ୟ ଦେବୀ, ରଜନୀ, ରାଜ୍ଞ ଭଗବତୀ ପ୍ରଭୃତି ନାମରେ ପୂଜା କରାଯାଏ। ମନ୍ଦିର ଚାରିକଡ଼େ ସୁନ୍ଦର ସୁନ୍ଦର ପଥର ଦେଖିବାକୁ ମିଳେ।

ଏକ ପବିତ୍ର ଝରଣା ଉପରେ ରହିଛି ମା' ଭବାନୀଙ୍କ ମନ୍ଦିର। ଝରଣା ଜଳ ସମୟ ଅନୁଯାୟୀ ରଙ୍ଗ ପରିବର୍ତ୍ତନ କରିଥାଏ ବୋଲି କୁହାଯାଇଛି। କୌଣସି ଅଶୁଭ ଦେଖିଲେ ପାଣି କଳା ରଙ୍ଗ କିମ୍ବା ଧୂଆଁଳିଆ ରଙ୍ଗର ଦେଖାଯାଏ। ୧୮୮୬ରେ ବ୍ରିଟିଶ ସେଟେଲମେଣ୍ଟ କମିଶନର ୱାଲଡ ଲରେନ୍ସ ଏହି ଝରଣା ବୁଲି ଯାଇଥିବାବେଳେ ଜଳର ରଙ୍ଗ ବାଇଗଣୀ ଦେଖିଯାଉଥିବା ଉଲ୍ଲେଖ କରିଥିଲେ। ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପୂର୍ବରୁ ଓ ୧୯୮୯ରେ କାଶ୍ମୀର ଅଶାନ୍ତବେଳେ ଝରଣାର ପାଣି କଳା ଦେଖାଯାଉଥିଲା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ବେଳେବେଳେ ଝରଣାରୁ ରଙ୍ଗ ନାଲି, ଗୋଲାପୀ, ନାରଙ୍ଗୀ, ସବୁଜ, ନୀଳ ଓ ଧଳା ଦେଖାଯାଏ ବୋଲି ଅବୁଲ ଫୈଜଲ ଓ ସ୍ୱାମୀ ବିବେକାନନ୍ଦ ଉଲ୍ଲେଖ କରିଛନ୍ତି।

ଝରଣାର ନାମ ମାତା ରାଗିଣୀ କୁଣ୍ଡ। ମାତା ରାଗିଣୀ ହେଉଛନ୍ତି ଦୁର୍ଗା ଭଗବତୀଙ୍କ ଏକ ରୂପ। ଝରଣା ସମ୍ପର୍କରେ କଲହଣ ତାଙ୍କ ରଜତରଙ୍ଗିନୀ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ସ୍ୱାମୀ ରାମତୀର୍ଥ ଓ ସ୍ୱାମୀ ବିବେକାନନ୍ଦ ଏଠାକୁ ମାତାଙ୍କ ଦର୍ଶନ ନିମନ୍ତେ ଆସିଥିଲେ। ୧୯୨୦ରେ ମହାରାଜ ପ୍ରତାପ ସିଂହ ମାର୍ବଲ ମନ୍ଦିର ନିର୍ମାଣ କରିଥିଲେ।

କିମ୍ବଦନ୍ତୀ ଅନୁଯାୟୀ ଦେବୀ ମହାରାଗ୍ୟ ରାବଣର ଭକ୍ତିରେ ସନ୍ତୁଷ୍ଟ ହୋଇ ତା' ସମ୍ମୁଖର ଉପସ୍ଥିତ ଥିଲେ। ତାଙ୍କର ଏକ ପ୍ରତିମୂର୍ତ୍ତି ଶ୍ରୀଲଙ୍କା ନେବାକୁ ଦେବୀ ରାବଣକୁ ଅନୁମତି ଦେଲେ। କିନ୍ତୁ ରାବଣର ଉତଶୃଙ୍ଖଳିତ ଜୀବନରେ ଅସନ୍ତୁଷ୍ଟ ହୋଇ ଦେବୀ ସେଠାରେ ରହିବାକୁ ଚାହିଁଲେନି। ସେଥିପାଇଁ ସେ ହନୁମାନଙ୍କୁ ତାଙ୍କ ପ୍ରତିମୂର୍ତ୍ତି ସେଠାରୁ ନେଇ ଏଠାରେ ସ୍ଥାପନ କରିବାକୁ କହିଲେ।

# ବାଲୁକା ହୋଟେଲ



ପିଲାବେଳେ ବାଲିରେ ଖେଳୁ ଖେଳୁ ଆମେ ଗଢ଼ିଥାନ୍ତି କେତେ ଘର, କେତେ ମହଲ। ଏହାରି ଭିତରେ ଟିକେ ଶାଇପଡ଼ିବାକୁ ମନ ହୋଇଥାଏ। କିନ୍ତୁ ଏହି ସ୍ୱପ୍ନ ଭାଙ୍ଗି ଚୁରମାର ହୋଇଯାଏ ମୁହୂର୍ତ୍ତକରେ। ପିଲାବେଳର ସେହି ସ୍ୱପ୍ନ ଏବେ ପୂରଣ କରୁଛି ଡଚ୍ ବାଲୁକା ଶିଳ୍ପୀଙ୍କ 'ବାଲୁକା ଦୁର୍ଗ ହୋଟେଲ'। ଡଚ୍ ସହର ପୂରଣ ହୋଇପାରିଛି। ଏହି ହୋଟେଲରେ ବଡ଼ବଡ଼ କକ୍ଷ ସହ ଖୁବ ସୁନ୍ଦର ବାଥରୁମ ରହିଛି। ହୋଟେଲରେ ଗୋଟିଏ ରାତି କାଟିବାକୁ ୧୬୭ ଡଲାର ଖର୍ଚ୍ଚ କରିବାକୁ ପଡ଼ିଥାଏ। ଓସ ବ୍ୟତୀତ ଡଚର ଆଉ ଏକ ସହର ସ୍ନିକରେ ମଧ୍ୟ ବାଲୁକା ହୋଟେଲ ତିଆରି ହୋଇଛି। ବାଲୁକା ହୋଟେଲ



ଓସରେ ନିର୍ମିତ ଏହି ହୋଟେଲ ପାଇଁ ପ୍ରେରଣା ମିଳିଥିଲା ଫିନଲ୍ୟାଣ୍ଡ ଓ ସ୍ୱିଡ଼େନର ବରଫ ହୋଟେଲରୁ। ସ୍କାଣ୍ଡିନେଭିଆନ ବରଫ ହୋଟେଲ ପରି ବାଲୁକା ହୋଟେଲ ବି କ୍ଷଣସ୍ଥାୟୀ। ଏହା ଗ୍ରୀଷ୍ମ ଶେଷକୁ ଭାଙ୍ଗିଯିବ। ଅନିସନ୍ଧିତ୍ସୁ ଓ ଯୁବ ପର୍ଯ୍ୟଟକଙ୍କୁ ଆଖିରେ ଏହି ହୋଟେଲ ତିଆରି ହୋଇଛି। ଡଚ୍ ମେକାନିକ ଇରଓ୍ୱିନ କହିଛନ୍ତି, ସେ କିଛି ବିଶେଷ କରିବାକୁ ଚାହୁଁଥିଲେ। ବାଲୁକା ଦୁର୍ଗରେ ଶୋଇବାକୁ ତାଙ୍କର ପିଲା ଦିନର ସ୍ୱପ୍ନ ଥିଲା ଯାହା ଏବେ ହୋଇଥିଲେ ବି ଆପଣଙ୍କ ଚପଲ କିମ୍ବା ବିଛଣାରେ ଟିକିଏ ବାଲି ଲାଗିବାର ସମ୍ଭାବନା ନଥାଏ। ଏହା କୌଣସି ବିଳାସପୂର୍ଣ୍ଣ ହୋଟେଲ ଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି କହିଛନ୍ତି ମ୍ୟାନେଜର ମଡ୍ ଭାନ ଲୁଓ୍ୱେନ। କକ୍ଷଗୁଡ଼ିକ ପ୍ରଥମେ କାଠ ଓ ତା'ପରେ ବାଲିରେ ତିଆରି ହୋଇଛି। ଚଟାଣରେ ପାଉଁଶିଆ ମ୍ୟାଟ ପକାଯାଇ ଏହାକୁ ପ୍ରାକୃତିକ ରୂପ ଦିଆଯାଇଛି।

# ୩ବର୍ଷର ଶିଶୁ ଚଢ଼ିପାରୁଛନ୍ତି ୧୦ ଫୁଟ ଉଚ୍ଚର କାନ୍ଥ



ଇରାନର ୩ବର୍ଷର ବାଳକ ଆରାତ୍ ହୋସେଇନିଙ୍କ କାରନାମା ଯିଏବି ଶୁଣୁଛି ସେ ଚକିତ ହୋଇଯାଉଛି। ସମରସଲ୍ଟ ଠାରୁ ଆରମ୍ଭ କରି ବ୍ୟାକଫ୍ଲିପ୍ ତଥା ୧୦ଫୁଟ ଉଚ୍ଚତାର କାନ୍ଥ ଉପରକୁ ଖାଲି ହାତରେ ଚଢ଼ିଯିବା ପରି ଆଶ୍ଚର୍ଯ୍ୟଜନକ କାମ କରି ସେ ଇଣ୍ଟରନେଟ୍‌ରେ ଷ୍ଟାର ପାଲଟି ଯାଇଛନ୍ତି। ଇନଷ୍ଟାଗ୍ରାମରେ ତାଙ୍କର ୨୫,୦୦୦ ଫଲୋୟର ଅଛନ୍ତି। ଇଣ୍ଟରନେଟରେ ଭାଇରାଲ ହୋଇଯାଇଥିବା ଏକ ଭିଡ଼ିଓ ଫୁଟେଜରେ ଦେଖିବାକୁ ମିଳେ ଯେ ଆରାତ ଖାଲି ହାତରେ ଘରର କାନ୍ଥ ଉପରେ ଚଢୁଥିବା ବେଳେ ନିକଟରେ ତାଙ୍କ ବାପା ଛିଡ଼ା ହୋଇ ଏହାକୁ ଗର୍ବର ସହିତ ଦେଖୁଛନ୍ତି। ଆରାତଙ୍କ ପିତା ମହମ୍ମଦ ଓ ମା' ଫାତେମେ କହିଛନ୍ତି, ସେମାନଙ୍କ ପୁଅ ମାତ୍ର ନଅମାସରେ ହୋଇଥିବା ବେଳେ ଜିମନାଷ୍ଟିକ ପୋଜ ଅଭ୍ୟାସ କରିଆସୁଛନ୍ତି। ଏବେ ସେ ଅନେକ କଷ୍ଟକର ପୋଜ କରିପାରୁଛନ୍ତି। ଏଥିପାଇଁ ସେ କୋଣସି ପ୍ରୋଫେସନାଲ ଟ୍ରେନିଂ ନେଇନାହାନ୍ତି। ଘରେ ପ୍ରତଦିନ ୧୦ରୁ ୨୦ ମିନିଟ ଅଭ୍ୟାସ କରିଥାନ୍ତି। ଆରାତଙ୍କୁ ବ୍ୟାକଓ୍ୱାର୍ଡ଼ ସମରସଲ୍ଟ କରିବାକୁ ବେଶୀ ଭଲ ଲାଗେ। ଜିମନାଷ୍ଟିକ ବ୍ୟତୀତ ଯୋଗର ଅଧିକାଂଶ ମୁଦ୍ରା ସେ କରିପାରନ୍ତି। ଆଗକୁ ତାଙ୍କ ପୁଅ କ୍ରୀଡ଼ା ଜଗତରେ ନୂଆ କୀର୍ତ୍ତିମାନ ହାସଲ କରିବ ବୋଲି ମହମ୍ମଦ ଆଶାବାନ। ଆରାତଙ୍କ ପରିବାର ମାଜାନଦରାନ ପ୍ରଦେଶରେ ବାଦୋଲରେ ରହୁଛନ୍ତି।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୧୧ ସେପ୍ଟେମ୍ବର ୨୦୨୩, ସୋମବାର




## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତର ଭବିଷ୍ୟତ..

ପରିବର୍ତ୍ତନ ହେଉଛି ପୃଥିବୀର ଅପରିବର୍ତ୍ତନୀୟ ସତ୍ୟ । ଆଉ ପ୍ରତି ପିଢ଼ିରେ ଥରେ- ଯାହା ହାରାହାରି ୩୦ ବା ୪୦ ବର୍ଷ ଭାବରେ ସାଧାରଣତଃ ଧରି ନିଆଯାଏ- ସମଗ୍ର ବିଶ୍ୱ ଏକ ବଡ଼ ଧରଣର ପରିବର୍ତ୍ତନର ଶିଖର ଦେଶରେ ନିଜକୁ ଆବିଷ୍କାର କରିଥାଏ। ଏହି ପରିବର୍ତ୍ତନ ଯେ କେବଳ ଗୋଟିଏ କୌଣସି କ୍ଷେତ୍ରରେ ଘଟିଥାଏ, ତା' ନୁହେଁ । ଏହାର ପରିସର ବୈଷୟିକ ଜ୍ଞାନକୌଶଳଠାରୁ ଆରମ୍ଭ କରି ଭୂ-ରାଜନୀତି ତଥା ଅର୍ଥନୀତି ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥାଏ। ସାମ୍ପ୍ରତିକ ସମୟରେ ବିଶ୍ୱ ସେଇଭଳି ଏକ ସମାନ ଧରଣର ପରିସ୍ଥିତିକୁ ସାମ୍ନା କରୁଛି- ବିଶେଷକରି ଗୋଟିଏ ପଟେ କିଛି ପାଶ୍ଚାତ୍ୟ ଦେଶ ଯେଉଁମାନେ ଯୁକ୍ତରାଷ୍ଟ୍ର ଆମେରିକାର ନେତୃତ୍ୱରେ ପରିଚାଳିତ ହେଉଛନ୍ତି ଏବଂ ଅନ୍ୟ ପଟେ ରହିଛି ଚୀନ୍, ଆଉ ସେମାନଙ୍କ ମଧ୍ୟରେ କବାଡ଼ି ଖେଳର ପାହି ବା ସୀମାରେଖା ଟଣା ହେବା ଭଳି ଏ ଦୁଇ ପକ୍ଷଙ୍କ ମଧ୍ୟରେ ଟଣା ହୋଇ ସାରିଛି ଯୁଦ୍ଧର ରେଖା। ବିଶ୍ୱର ମହାଶକ୍ତିମାନଙ୍କ ମଧ୍ୟରେ ସମର ବା ସଂଘର୍ଷର ରେଖା ଟଣାହେବା ବା ଦ୍ୱନ୍ଦ୍ୱ ଲାଗି ରହିବାର ପରିଣତି ଏକ ବ୍ୟାପକ ପରିସରରେ ସମଗ୍ର ବିଶ୍ୱ ପାଇଁ ଭୟାବହ ହେବାର ସମ୍ଭାବନା ବହନ କରୁଥିବା, ବିଶେଷକରି ଏହାକୁ ଠିକ୍ ଭାବରେ ପରିଚାଳନା କରା ନଯିବା ବେଳେ, ଭାରତ କିନ୍ତୁ ଚୀନ୍-ଆମେରିକା ପ୍ରତିଯୋଗିତାର ଏକ ପ୍ରମୁଖ ହିତାଧିକାରୀ ଭାବରେ ଉଭା ହେଉଛି । ଏହାର ନମୁନା : ଚୀନ୍ ପାଶ୍ଚାତ୍ୟ ଜଗତ ତରଫରୁ ଏହାର ପ୍ରଯୁକ୍ତିଜନିତ ଆବଶ୍ୟକତାଗୁଡ଼ିକ ସମ୍ପର୍କରେ ନାସ୍ତିବାଣୀ ଶୁଣୁଛି, କିନ୍ତୁ ଭାରତକୁ ବର୍ତ୍ତମାନ ଏ କ୍ଷେତ୍ରରେ ସର୍ବାଧିକ ପ୍ରିୟ ଭାଗିଦାର ଭାବରେ ସ୍ୱାଗତ କରାଯାଉଛି । ଗତ ଆଠ ମାସ ମଧ୍ୟରେ ବିଦେଶୀ ନିବେଶକମାନେ ଭାରତୀୟ ଷ୍ଟକ୍ ମାର୍କେଟ୍‌ରେ ୧୬.୫ ବିଲିୟନ୍ ଡଲାରର ପୁଞ୍ଜି ଖଟାଇଛନ୍ତି, ଯାହା ସମଗ୍ର ଏସିଆ ମହାଦେଶର ଇକ୍ୱିଟି କ୍ଷେତ୍ରରେ ଏଭଳି ପୁଞ୍ଜିନିବେଶର ସର୍ବାଧିକ ପରିମାଣ । ଏହି ବିପୁଳ ପରିମାଣର ପୁଞ୍ଜିନିବେଶ ଭାରତୀୟ ଅର୍ଥନୀତି ଉପରେ ଭରସାର ଏକ ମୋହର କହିଲେ ଅତ୍ୟୁକ୍ତି ହେବନାହିଁ । ବିଦେଶୀ ପୁଞ୍ଜିନିବେଶର ସଦ୍ୟ ଆଗମନୀ ପ୍ରବାହ ଭାରତୀୟ ଇକ୍ୱିଟି ବା ଅଂଶଧନଗୁଡ଼ିକର ମୂଲ୍ୟକୁ ମାତ୍ର ପାଞ୍ଚ ମାସରୁ ସାମାନ୍ୟ ଅଧିକ ସମୟ ଭିତରେ ୭୭୫ ବିଲିୟନ୍ ଡଲାରକୁ ବୃଦ୍ଧି କରିବାରେ ସହାୟକ ହୋଇଛି । ବର୍ତ୍ତମାନ କେବଳ ଭାରତ ଓ ତାଇୱାନ୍ ମିଶିଗଲେ ହିଁ ଚୀନ୍‌କୁ ବଜାର ଆବେଦନ ଦୃଷ୍ଟିରୁ ପଛରେ ପକାଇ ଦେଇ ପାରିବା ଭଳି ଅବସ୍ଥାକୁ ଆସି ଯାଇଛନ୍ତି, ଯଦିଓ ଏବେ ସୁଦ୍ଧା ଚୀନ୍‌ର ଜିଡିପି (ମୋଟ ଘରୋଇ ଉତ୍ପାଦ) ଉଭୟ ଭାରତ ଓ ତାଇୱାନ୍‌ର ମିଳିତ ଘରୋଇ ଉତ୍ପାଦଠାରୁ ଚାରିଗୁଣ ଅଧିକ । ଅର୍ଥାତ୍ ଚୀନ୍‌ର ଅର୍ଥନୀତି ଭାରତ ଓ ତାଇୱାନ୍‌ର ମିଳିତ ଅର୍ଥନୀତି ତୁଳନାରେ ଚାରିଗୁଣ ବଡ଼। ଭାରତ ମଧ୍ୟ ଅନ୍ୟାନ୍ୟ କେତେକ ମାନଦଣ୍ଡରେ ଭଲ ପ୍ରଗତି ହାସଲ କରୁଛି । ଭାରତୀୟ ଉଦ୍ୟୋଗ କ୍ଷେତ୍ରରେ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଅବଧି ମଧ୍ୟରେ ଲାଭ ଦୃଷ୍ଟିରୁ ୨୬ ପ୍ରତିଶତ ଅଭିବୃଦ୍ଧିକୁ ପରିଲକ୍ଷିତ କରିଛି। ଏହା ହେଉଛି ବିଗତ ଆଠଗୋଟି ତ୍ରୈମାସିକ ଅବଧି ଅର୍ଥାତ୍ ଗତ ଦୁଇ ବର୍ଷ ମଧ୍ୟରେ ସର୍ବାଧିକ ଏବଂ ଏହା ଦର୍ଶାଉଛି ଯେ ଶେଷରେ ଦେଶର ଅର୍ଥନୀତି ବର୍ତ୍ତମାନ ସୁଦ୍ଧା କୋଭିଡ୍- ୧୯ ମହାମାରୀର ନୀଳ ନକ୍ସା ଭିତରୁ ବାହାରକୁ ବାହାରି ସାରିଲାଣି । ଏହାର ବିପରୀତ ପକ୍ଷରେ ଚୀନ୍‌ର ଅର୍ଥନୀତି, ଯାହାର ଜିରୋ କୋଭିଡ୍ ନୀତି ଏହି ମହାମାରୀର ପ୍ରାରମ୍ଭିକ ସମୟରେ ସମଗ୍ର ବିଶ୍ୱକୁ ଘୋର ଚିନ୍ତାରେ ପକାଇ ଦେଇଥିଲା, ତାହା ବର୍ତ୍ତମାନ ଟଳମଳ ଅବସ୍ଥାକୁ ଆସି ଯାଇଛି ଏବଂ ଏହା ବୈଶ୍ୱିକ ଅର୍ଥନୀତିକ ଅଭିବୃଦ୍ଧି ଉପରେ ପକାଉ ଥିବା ପ୍ରଭାବ ଚିନ୍ତାଜନକ ହୋଇଛି । ବ୍ୟବସାୟିକ ଅଭିବୃଦ୍ଧି ଉପରେ ଭରସା ଯେତେବେଳେ ଦୃଢ଼ ହୁଏ, ଖାଉଟିମାନେ ସେତେବେଳେ ସେମାନଙ୍କ ଟଙ୍କା ମୁଣିର ଫିତା ଢିଲା କରିବାକୁ କୁଣ୍ଠିତ ହୋଇ ନଥାନ୍ତି, ଯାହା ପ୍ରକାରାନ୍ତରେ ଅଧିକ ଉପଭୋଗ ବା କଞ୍ଜମ୍ପସନ୍, ଉନ୍ନତ ବ୍ୟବସାୟିକ ବୃଦ୍ଧି ଏବଂ ଅଧିକ ପରିମାଣର ଭଡ଼ା ନେବାର କାର୍ଯ୍ୟକଳାପର ଏକ ସୁଖଦ ଚକ୍ରକୁ ଗତିଶୀଳ କରାଇବା ଆରମ୍ଭ କରିଥାଏ। ଏହି ଚକ୍ର ଆଗାମୀ ପାର୍ବଣ ଋତୁରେ ଆହୁରି ଅଧିକ ବେଗରେ ଗଡ଼ିବାର ସମ୍ଭାବନା ରଖେ, ଯେତେବେଳେ କି ଲୋକମାନେ ଅଧିକ ଖର୍ଚ୍ଚ କରିବାର ମାନସିକତାକୁ ଆସି ଯାଇଥାନ୍ତି । ପାର୍ବଣ ଋତୁ ପରେ ଆସିଯିବ ନିର୍ବାଚନୀ ଋତୁ। ଅନୁମାନ କରାଯାଉଛି ଯେ ନରେନ୍ଦ୍ର ମୋଦୀଙ୍କ ସରକାର ଆଗାମୀ ଡିସେମ୍ବରରେ ହେବାକୁ ଯାଉଥିବା ପାଞ୍ଚ ଗୋଟି ରାଜ୍ୟର ନିର୍ବାଚନକୁ ଆଉ ମାସେ ଦୁଇମାସ ଗଡ଼ାଇ ଦେଇ ଲୋକସଭା ନିର୍ବାଚନ ସହିତ ଆଉ ଚାରିଗୋଟି ରାଜ୍ୟର ବିଧାନସଭା ନିର୍ବାଚନକୁ ମିଶାଇ ଏକା ଥରକେ ସବୁଯାକ ନିର୍ବାଚନ ସାରିବାର ମସୁଧା କରୁଛନ୍ତି। ଯଦି ତାହା ହୁଏ, ତା'ହେଲେ ଉଭୟ ଲୋକସଭା ଏବଂ ନଅ ଗୋଟିଯାକ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ଦ୍ୱାରା ହେବାକୁ ଥିବା ନିର୍ବାଚନୀ ବ୍ୟୟ ଅର୍ଥନୀତିକ ଅଭିବୃଦ୍ଧିକୁ ଅଧିକ ପ୍ରୋତ୍ସାହିତ କରିବ, ଯାହା ଏକ ଆଶାବାଦୀ ଦୃଶ୍ୟପଟର ସମ୍ଭାବନା ନେଇ ଆସିବ, ଯାହାକି ୨୦୦୩ର ଉଜ୍ଜ୍ୱଳ ଭାରତକୁ ପ୍ରତିଧ୍ୱନିତ କରିବା ଭଳି ହେବ । ତେଣୁ ଭାରତ ସହସ୍ରାବ୍ଦୀର ସ୍ୱପ୍ନକୁ ସାକାର କରିବାର ଯାତ୍ରା ପାଇଁ ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କରୁ ବୋଲି କୁହାଯାଇପାରେ ।

## ଭୂଦାନ ଯଜ୍ଞର ସନ୍ଥ : ଭାରତରତ୍ନ-ବିନୋବାବାଭେ



### ବିପିନ ବିହାରୀ ରାଉତ

ଦେବଭୂମି ଭାରତବର୍ଷରେ ଏପରି କୌଣସି ଭୂଖଣ୍ଡ ନାହିଁ ଯେଉଁଠାରେ ସିଦ୍ଧ ସନ୍ଥମାନଙ୍କର ଆବିର୍ଭାବ ନଘଟିଛି। ମହାରାଷ୍ଟ୍ର ମଧ୍ୟ ଏ ସୌଭାଗ୍ୟରୁ ବଞ୍ଚିତ ହୋଇନାହିଁ। ସନ୍ଥ ନାମଦେବ, ସନ୍ଥ ଜ୍ଞାନଦେବ, ସନ୍ଥ ଏକନାଥ, ସନ୍ଥ ତୁକାରାମଙ୍କ ପରି ମହାନ ସନ୍ଥମାନେ ଏଠାରେ ଜନ୍ମ ନେଇଛନ୍ତି। ବିନୋବାବାଭେ ଥିଲେ ସେହିପରି ଜଣେ ସନ୍ଥ ଯିଏ ୧୮୯୫ ମସିହା ସେପ୍ଟେମ୍ବର ୧୧ରେ ଜନ୍ମ ଗ୍ରହଣ କରିଥିଲେ। ମାତ୍ର ତିନି ବର୍ଷରେ ସେ ଅକ୍ଷର ଶିଖି, ଗୀତା ପାଠ ଆରମ୍ଭ କରିଦେଲେ। ଆଠ ବର୍ଷରେ ବାଲ୍ୟଶିକ୍ଷା ସାରି ସେ ଗୀତାଜ୍ଞାନେଶ୍ୱରୀ ତାଙ୍କର କଣ୍ଠସ୍ଥ ହୋଇଗଲା। ଜନ୍ମ ସ୍ଥାନ ବରୋଦାରୁ ବାଲ୍ୟଶିକ୍ଷା ସାରି ସେ ଅହମଦାବାଦ ଯାଇ ମାଟ୍ରିକ ପାସ୍ କଲେ। ଭାରତୀୟ ଶିକ୍ଷାର ମୂଳଧାର ସଂସ୍କୃତ ଅଧ୍ୟୟନ ଲକ୍ଷ୍ୟରେ କାଶୀ ଚାଲିଗଲେ। ସେଠାରେ ମୁକ୍ତି ସଂଗ୍ରାମର ମହାରଥୀ ତାନ୍ତିଆ ଟୋପେଙ୍କ ଭଗ୍ନିଙ୍କ ଗୃହରେ ରହି ବାର ବର୍ଷର ସଂସ୍କୃତ ଶିକ୍ଷାକୁ ମାତ୍ର ତିନିମାସରେ ସାରିଦେଲେ। ୧୯୧୬ ମସିହାରେ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଗାନ୍ଧିଜୀଙ୍କ ପ୍ରଦତ୍ତ ଭାଷଣ ତାଙ୍କୁ ମୁକ୍ତି ସଂଗ୍ରାମ ପାଇଁ ଆକୃଷ୍ଟ କରିଥିଲା। ସେ ସାବରମତୀ ଆଶ୍ରମକୁ ଯାଇ ବାପୁଜୀଙ୍କୁ ସାକ୍ଷାତ କଲେ। ଏପରି ହେଲା ଯେ ପରସ୍ପର ପରସ୍ପରକୁ ଗୁରୁଜ୍ଞାନ କଲେ। ଗୀତାଜ୍ଞାନ ଆହରଣ ପାଇଁ ବାପୁଜୀ ବିନୋବାଜୀଙ୍କୁ ଗୁରୁ ମଣୁଥିବା ସ୍ଥଳେ ମୁକ୍ତି ସଂଗ୍ରାମୀ ପରିଚାଳନାରେ ବିନୋବାଜୀ ବାପୁଜୀଙ୍କୁ ଗୁରୁ ଆସନ ଦେଇଥିଲେ। ନିଜେ ବାପୁଜୀ ବିନାୟକଙ୍କୁ ବିନୋବାବାଭେ ନାମ ପ୍ରଦାନ କରିଥିଲେ।

୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ସଂପୃକ୍ତି ହେତୁ ବିନୋବାଜୀ ତିନିବର୍ଷ ଜେଲ ଦଣ୍ଡ ଭୋଗିଲେ। ଜେଲ ଜୀବନ କଟାଇବା ସମୟରେ ସେ ଅନେକ ଦୁର୍ଲଭ ଲେଖା ରଚନା କରିବା ସହ ସମସ୍ତ ଭାରତୀୟ ଭାଷା ବନ୍ଦୀମାନଙ୍କଠାରୁ ଶିଖି ନେଇଥିଲେ। ଜେଲରୁ ମୁକ୍ତ ହେବା ପରେ ସେ ସତ୍ୟାଗ୍ରହ, ସାରସ୍ୱତ, ସାଧନା, ସର୍ବୋଦୟ, ଗୋସୁରକ୍ଷା, ନିଶା ନିବାରଣ, ମୌଳିକ ଶିକ୍ଷା, ଗୀତାଜ୍ଞାନ ଶିକ୍ଷା ଭଳି ମହାନ କାର୍ଯ୍ୟରେ ମଜି ରହିଥିଲେ। ୧୯୪୮ ମସିହାରେ ବାପୁଙ୍କ ବିୟୋଗ ତାଙ୍କୁ ଭାରି ବାଧିଥିଲା। ମାତ୍ର ବିଚଳିତ ନହୋଇ ସମଗ୍ର ଭାରତବର୍ଷ ପଦ ଯାତ୍ରା କଲେ। ଲକ୍ଷ୍ୟ ଥିଲା ସମାଜର ଅବହେଳିତ, ଦଳିତମାନଙ୍କ ସହ ମିଶିବା ଓ ସେମାନଙ୍କୁ ବାପୁ ଆଣିଥିବା ସ୍ୱାଧୀନତାର ଉଦ୍ଦେଶ୍ୟ ବୁଝାଇବା। ନିଃସ୍ୱ କୃଷିଜୀବୀ ମାନଙ୍କୁ କିଛି ଚାଷ ଜମି ଯୋଗାଇ ଦେବା ଲକ୍ଷ୍ୟରେ ସେ ଭୂଦାନ ଯଜ୍ଞ ଆରମ୍ଭ କରିଥିଲେ। ସନ୍ଥ ବିନୋବା ସମଗ୍ର ଦେଶ ବୁଲି ମାତ୍ର ପାଞ୍ଚ ବର୍ଷ ମଧ୍ୟରେ ୧୨ ଲକ୍ଷ ଏକର ଜମି ପାଇ ଦରିଦ୍ର ନିସ୍ୱମାନଙ୍କୁ ବାଣ୍ଟି ଦେଲେ। ୧୯୫୫ରେ ବିନୋବାଜୀଙ୍କ ପାଦ ଓଡ଼ିଶା ମାଟିରେ ମାଡ଼ିଲା। ଏଠାରେ ମଧ୍ୟ ତାଙ୍କୁ ୩ଲକ୍ଷ ଏକର ଜମି ମିଳିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ। ଶ୍ରୀକ୍ଷେତ୍ରରୁ ବ୍ରହ୍ମପୁର ଦେଇ ଚିର ଅବହେଳିତ ବନବାସୀ ବହୁଳ କୋରାପୁଟ ଜିଲ୍ଲାରେ ପହଞ୍ଚିଲା ଭୂଦାନଜୀଙ୍କ ପଦଯାତ୍ରା। କେବଳ ଜମି ନୁହେଁ ୨୭୦ ଖଣ୍ଡ ଗ୍ରାମବାସୀ ତାଙ୍କୁ ଗ୍ରାମ ଦାନ କରି ଇତିହାସ ରଚିଲେ। ସେ ସବୁ ଗ୍ରାମର ପ୍ରତ୍ୟେକ ଗ୍ରାମବାସୀ ପରସ୍ପର ଦୁଃଖ ସୁଖରେ ସମଭାଗି ହୋଇ ଚଳିବାକୁ ସନ୍ଥଙ୍କ ସମ୍ମୁଖରେ ସଂକଳ୍ପ କଲେ। ସଦାଶିବ ତ୍ରିପାଠୀ ନିଜ ପୈତୃକ ସଂପତ୍ତିରୁ ୫୦ ଏକର ଭୂଦାନ ଯଜ୍ଞରେ ଦାନ ଦେଇ ରାଜ୍ୟ ପାଇଁ ଆଦର୍ଶ ହୋଇଗଲେ। ଦୀର୍ଘ ୪ ମାସ ଧରି କୋରାପୁଟ ଜିଲ୍ଲାର ଗାଁକୁ ଗାଁ ପରିକ୍ରମା କରିଥିଲେ ସନ୍ଥ ବିନୋବାଜୀ ଏହି ଐତିହାସିକ ଯାତ୍ରାରେ ସନ୍ଥଙ୍କ ସହ ସାମିଲ ଥିଲେ ମା'ରମାଦେବୀ, ମା'ଅନ୍ନପୂର୍ଣ୍ଣାଦେବୀ, ମାକ୍ଷ ଗାଦୋବରୀ ଦେବୀ, ମା'ଇନ୍ଦୁମତୀ ଦେବୀ, ମା'ମାଳତୀ ଦେବୀ, ସଦାଶିବ ତ୍ରିପାଠୀ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ବାଞ୍ଛାନିଧି ମିଶ୍ର, ମହମ୍ମଦ ବାଜୀ, ବିଚିତ୍ରାନନ୍ଦ ମହାନ୍ତି, ବିଶ୍ୱନାଥ ପଟ୍ଟନାୟକ ଓ ଆହୁରି ଅନେକ। ସର୍ବୋଦୟ ଚିନ୍ତନର ଶ୍ରେୟ ହିଁ ମିଳିଛି ଏହି ପଥିତଯଶା ମାନଙ୍କୁ। ପୂଜ୍ୟ ବିନୋବାଜୀ ଥିଲେ ଜଣେ ବହୁ ଭାଷାବିତ୍ ଓ ସାରସ୍ୱତ ସାଧକ। ବୈଦିକ ଧର୍ମଗ୍ରନ୍ଥ ବେଦ, ବେଦାନ୍ତ, ପୁରାଣ, ଉପନିଷଦ, କୋରାନ, ବାଇବେଲ, ଗୁରୁଗ୍ରନ୍ଥ ସାହେବ, ବୌଦ୍ଧ ଦର୍ଶନ, ଜୈନ ଦର୍ଶନର ଗୁରୁତ୍ୱକୁ ସେ ଆହରଣ କରି ନିର୍ଭୁଲ ଭାବେ ବୁଝାଇ ପାରୁଥିଲେ। ସାମ୍ୟବାଦର ବୈପ୍ଲବିକ ଚିନ୍ତନକୁ ସନ୍ଥ ବିନୋବାଙ୍କ ଭୂଦାନ, ଗ୍ରାମଦାନ, ଗ୍ରାମସ୍ୱରାଜ୍ୟ, ସର୍ବୋଦୟ ଆଦିର ସଫଳତା ବଦଳାଇ ଦେଇଥିଲା। ଏହି ମହାନ ନୀତିନିଷ୍ଠ ସନ୍ଥଙ୍କର ୧୯୮୨ ମସିହା ନଭେମ୍ବର ୧୫ରେ ପରଲୋକ ହୋଇଯାଇଥିଲା। ୧୯୮୩ରେ ତାଙ୍କୁ ମରଣୋତ୍ତର ଭାରତରତ୍ନ ସମ୍ମାନ ଅର୍ପଣ କରାଗଲା।

ଶ୍ରୀବିହାର କଲୋନୀ, କଟକ,
ମୋ: ୯୪୩୭୬୬୬୪୫୩

## ପୁରା ରାଜ୍ୟକୁ କ'ଣ ମଶାରୀରେ ଢ଼ାଙ୍କି ହେବ ?



### ବାଦଲ ଭୟାଁ

କରୋନା ମାଡ଼ିଲା ପରି ସାରା ରାଜ୍ୟରେ ଡେଙ୍ଗୁ ମାଡ଼ି ଚାଲିଛି। ଡାକ୍ତରଠାରୁ ପ୍ରଶାସନ ସମସ୍ତେ କହୁଛନ୍ତି ମଶାରୀ ଭିତରେ ରୁହ। ବର୍ତ୍ତମାନ ସମୟରେ ଯାହାଙ୍କୁ ଜଣେ ନିଜକୁ ଡେଙ୍ଗୁ ହୋଇଛି ବୋଲି କହିଲେ ଅତ୍ୟନ୍ତ ବିନୟ ଓ ସଚେତନଧର୍ମୀ କଥାଟିଏ ଶୁଣିବେ ଯେ ଡେଙ୍ଗୁ କିଛି ନୁହେଁ ମ, ଏହି ଆଜିଥ୍ରାଲ ଖାଇଦେବ, ଜର ହେଲେ ଜର ବଟିକା ଖାଇବ, ଦେହ ଟିକେ ଦୁର୍ବଳିଆ ଲାଗିବ, ଗ୍ଲୋକୋନ ଡି ଫ୍ଲେକନ ଡି ଟିକେ ପିଇ ଦେବ ଆଉ ମଶାରୀ ଭିତରେ ଯେପରି ପୁରା ଘରେ ସମସ୍ତେ ରହୁଥିବ। ବିଶେଷଜ୍ଞଙ୍କ ମତରେ ମ୍ୟାଲେରିଆ ଏବଂ ଫାଇଲେରିଆ ଭଳି ଡେଙ୍ଗୁ ସୃଷ୍ଟିକାରୀ ଏଡ଼ିସ ମଶା ଘର ଭିତରେ ଅଣ୍ଡା ଦେଉଥିବାରୁ ଏହାକୁ ନିୟନ୍ତ୍ରଣ କରିବା କଷ୍ଟ। ମଶା ତେଲ ମଧ୍ୟ ପକାଇବା ସମ୍ଭବ ନୁହେଁ। ତେଣୁ ଲୋକଙ୍କ ସଚେତନତା ଓ ସର୍ଭେଲାନ୍ସ ଗୁରୁତ୍ୱପୂର୍ଣ୍ଣ। ବିଶେଷଜ୍ଞମାନଙ୍କ ଏ ମତ ଯେ ନିଶ୍ଚିତ ଭାବେ ସରକାରଙ୍କୁ ଆଶ୍ୱସ୍ତ କରିଥିବ ଏଥିରେ ସନ୍ଦେହ ନାହିଁ। ତେଣୁ ବାହାର ନାଳ ନର୍ଦ୍ଦମାରେ ବର୍ଜ୍ୟଜଳ ନିଷ୍କାସନ ଏବଂ ଏହାର ସଫେଇ ସେତେଟା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଧେ। ଯେହେତୁ ଏବେ ଡେଙ୍ଗୁ ଅଣାୟତ୍ତ ହୋଇଛି, ଲକ୍ଷ୍ୟ କେବଳ ଡେଙ୍ଗୁ ମଶା ଉପରେ ରହିବା ଉଚିତ ଏଭଳି ଭାବିବା ବୋଧେ ଉଚିତ ନୁହେଁ। ବାହାର ନାଳ ନର୍ଦ୍ଦମାରେ ମ୍ୟାଲେରିଆ ଏବଂ ଫାଇଲେରିଆ ସୃଷ୍ଟିକାରୀ ମଶା ବଢ଼ିଲେ ଏହା କଣ ଲୋକଙ୍କ ପାଇଁ ଉପଭୋଗ୍ୟ ହେବ କି? ତେଣୁ ଡେଙ୍ଗୁ ନିୟନ୍ତ୍ରଣ ଦାୟିତ୍ୱ ଏବେ ଲୋକଙ୍କ ପାଖକୁ ଠେଲି ହୋଇଯାଇଛି ବିଶେଷଜ୍ଞମାନଙ୍କ ମତାମତ ବଳରେ।

କେବଳ ବୌଦ୍ଧ ଜିଲ୍ଲାକୁ ବାଦ ଦେଲ ରାଜ୍ୟର ୨୯ଟି ଜିଲ୍ଲାକୁ ଏବେ ଡେଙ୍ଗୁ କବଳିତ କରିସାରିଛି। ଖୋର୍ଦ୍ଧା ଜିଲ୍ଲା ଏଥିରେ ସର୍ବାଗ୍ରେ ରହିଛି। ଖୋର୍ଦ୍ଧା ଜିଲ୍ଲାରେ ଆମ ରାଜଧାନୀ ଭୁବନେଶ୍ୱର ଆସୁଛି। ଏଇଠି ପ୍ରଶ୍ନ ଉଠେ ରାଜଧାନୀ ଭୁବନେଶ୍ୱର ସ୍ମାର୍ଟସିଟି ମାନ୍ୟତା ପାଇଛି। ଏଠି ବେଶି ଭାଗ ବଡ଼ ବଡ଼ିଆ ରହନ୍ତି। ସମସ୍ତେ ସଚେତନ ଏବଂ ସମସ୍ତଙ୍କ ଘର ଚାକଚକ। ତେଣୁ ଘର ଭିତରେ ମଶା ଅଣ୍ଡା ଦେବାର ସୁଯୋଗ ପାଇବେ କେମିତି ସେଇଟା ହିଁ ମୂଳ ପ୍ରଶ୍ନ। ଆଉ ଏକ ପ୍ରଶ୍ନ ହେଉଛି ଘର ଭିତରୁ ମଶା ମାନଙ୍କୁ ବାହାରକୁ ତଡ଼ିବା ପାଇଁ ବୋଧେ ବାହାରେ ସେମାନଙ୍କ ପାଇଁ ଲୋଭନୀୟ ଏବଂ ସୁରକ୍ଷିତ ଆଶ୍ରୟସ୍ଥଳ ତିଆରି କରିଛନ୍ତି ପୌରପାଳିକା। ବାହାରେ ଥିବା ନାଳ ନର୍ଦ୍ଦମାଗୁଡ଼ିକର ସଫେଇ ଉପରେ ବୋଧେ ଏଇ କାରଣରୁ ବିଶେଷ ଗୁରୁତ୍ୱ ଦିଆଯାଉନି। ମଶା ଯେଉଁ ପ୍ରଜାତିର ହୁଅନ୍ତୁ ନା କାହିଁକି ଯେଉଁ ରୋଗ ସୃଷ୍ଟି କରୁଥାନ୍ତୁ ନା କାହିଁକି ଏମାନଙ୍କ କାମୁଡ଼ା ଯେ କେବେ ବି ଉପଭୋଗ୍ୟ ନୁହେଁ ଏକଥା କହିବାର ଆବଶ୍ୟକତା ନାହିଁ। ତେଣୁ ଡେଙ୍ଗୁ ମଶା ଘର ଭିତରେ ଅଣ୍ଡା ଦିଏ କହି ବାହାର ନାଳ ନର୍ଦ୍ଦମାର ସଫେଇକୁ ହାଲକା କରିଦେବା ଏକ ଚାଲାକି କେବଳ।

ମୌସୁମୀ ଆରମ୍ଭ ହେଉ ହେଉ ରାଜଧାନୀରେ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ତେଣୁ ଅଣାୟତ୍ତ ହେବା ଯାଏ ପରିସ୍ଥିତି ଗଲା କାହିଁକି? ଏବେ କୁହାଯାଉଛି ଡେଙ୍ଗୁ ପ୍ରକୋପରୁ ନିକଟରେ ନିସ୍ତାର ନାହିଁ। ସେପ୍ଟେମ୍ବର ମାସ ଶେଷ ଆଡ଼କୁ ପ୍ରକୋପ କିଛିଟା କମିପାରେ, ତାହା ପୁଣି ବର୍ଷା ଉପରେ ନିର୍ଭର କରିବ। ଯଦି ଅକ୍ଟୋବର - ନଭେମ୍ବର ଯାଏଁ ବର୍ଷା ଲାଗି ରହିଲା ତା ହେଲେ ପ୍ରକୋପ ଜାରି ରହିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ବର୍ଷାଦିନେ ଆସିଲେ ଅନାବନା ଜଙ୍ଗଲ ଏବଂ ବୁଦା ସୃଷ୍ଟି ହେବା ପରେ ହିଁ ଏସବୁକୁ ହଟେଇବା କାମ ଆରମ୍ଭ ହୁଏ। ସାରା ବର୍ଷ ଏ ଦିଗରେ କାମ କରିବା ପାଇଁ କଣ କିଏ ବିଏମସିକୁ ମନା କରିଛି ?ନିୟମିତ ଭାବରେ ନାଳ ନର୍ଦ୍ଦମା ସଫେଇ ଏବଂ ସହରର ପରିଚ୍ଛନ୍ନତା ଉପରେ ଯଦି ଦୃଷ୍ଟି ଦିଆଯାଉଥାନ୍ତା ତାହେଲେ ବୋଧେ ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା। ଏବେ ପରିସ୍ଥିତି ଅଣାୟତ୍ତ ହେବା ପରେ କୁହାଯାଉଛି। ମଶାରୀ ଭିତରେ ଶୁଅନ୍ତୁ। ବିଶେଷଜ୍ଞମାନେ କହୁଛନ୍ତି - ଡେଙ୍ଗୁ ମଶା ଦିନବେଳା କାମୁଡ଼େ। ତେଣୁ ମଶାରୀ ଭିତରେ ଥାଇ କଣ ସବୁକାମ କରିହେବ? ପୁରା ଓଡ଼ିଶାକୁ କ'ଣ ମଶାରୀରେ ଢ଼ାଙ୍କି ହେବ? ତେଣୁ ମଶା ବଂଶ ଧ୍ୱଂସ କରିବା ଏକମାତ୍ର ଲକ୍ଷ୍ୟ ହେବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ
ଆପାର୍ଟମେଣ୍ଟ, ୭ ଏକ୍ସଟେନସନ
ରୋଡ଼, ପୁରୁଣା ସୋନାରୀ,
ଜାମସେଦପୁର,
ମୋ : [illegible]


## ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଉପରେ କେତେଦୂର ନିର୍ଭର କରିହେବ ?



### ସୁବ୍ରତ କର

ଏ ବର୍ଷ ମେ ମାସ ପାଖରୁ କାଁ ଭାଁ ବର୍ଷା ହେଉଛି । ଏବଂ କେତେବେଳେ ହୁଏତ କିଛି ସ୍ଥାନରେ ମୂଷଳ ଧାରାରେ ବର୍ଷା ହେଉଛି । ତଥାପି କିଛି ଜିଲ୍ଲା ପାଇଁ ବର୍ଷାର ଅଭାବ ରହିଛି । ଏବେ ପାଣି ପାଗର ଖବର ଏକ ଜରୁରୀ ଖବରରେ ପରିଣତ ହୋଇଛି । ଟି.ଭି ରେଡିଓ ଏବଂ ଖବର କାଗଜ ଖୋଲିଦେଲେ ପାଣି ପାଗର ଖବର ଏବଂ ବିଶେଷ ଖବରରେ ପରିଣତ ହୋଇଛି । ଏପରିକି ଏହି ବିଜ୍ଞାନର ବିଶେଷଜ୍ଞମାନେ ବେଶ୍ କିଛି ଭବିଷ୍ୟତବାଣୀ କହୁଛନ୍ତି । ନିଶ୍ଚିତ ଭାବରେ ଏବେ ପାଣିପାଗ ଖବର ଆମ ପାଖରେ ଏକ ମୁଖ୍ୟ ସ୍ଥାନ ପାଉଛି । ସକାଳୁ ଉଠି କିଛି କାର୍ଯ୍ୟ କରିବା ପୂର୍ବରୁ ପାଣିପାଗ ଖବର ବୁଝିବାକୁ ପଡ଼େ । ଆମର ଦୈନନ୍ଦିନ ଜୀବନରେ ଏହା ବିଶେଷ ଭାବରେ ପ୍ରଭାବ ପକାଉଛି । ଜନସାଧାରଣ ନିଜ ନିଜ ସେ ଦିନର କାର୍ଯ୍ୟକ୍ରମକୁ ଠିକ୍ କରିଥାଆନ୍ତି । କହିବାକୁ ଗଲେ ମେ ମାସ ପାଖରୁ ପାୟ ଅକ୍ଟୋବର ମାସ ଅଧା ଅଧି ପର୍ଯ୍ୟନ୍ତ ପାଣିପାଗର ଖବର ଆମକୁ ବ୍ୟସ୍ତତାରେ ରଖିଥାଏ । ଏଇଠି ପ୍ରଶ୍ନ ଉଠୁଛି ପାଣିପାଗ ଖବର ଉପରେ ନିର୍ଭର କରି ଆମେ ୪-୫ ମାସ ବତାଇଥାଉ ତାହା କେତେ ପରିମାଣରେ ନିର୍ଭରଯୋଗ୍ୟ ଏବଂ ଭବିଷ୍ୟତ ବାଣୀ କେତେ ଦୂର ସତ ହୋଇଥାଏ? ମୋ ମତରେ ଏହି ସୂଚନା ବହୁତ ପରିମାଣରେ ଆମକୁ ବାଟ ଦେଖାଇବା ପରିବର୍ତ୍ତେ ଓଲଟା ହୋଇଥାଏ । ପାଣଇପାଗ ବିଭାଗ ପାଇଁ ଏବେ ରାଜ୍ୟରେ ବିଶେଷଜ୍ଞ ମାନଙ୍କର ଅଭାବ ନାହିଁ ସେ ସରକାରୀ ହେଉ ବା ବେସରକାରୀ, କାର୍ଯ୍ୟରତ ହେଉ ବା କାର୍ଯ୍ୟରୁ ବିରତ ନେଇଥାନ୍ତୁ । ସେମାନଙ୍କ କହିବାର ଢଙ୍ଗ ଦେଖିଲେ ମନେ ହେବ ସ୍ୱୟଂ ଭଗବାନ ପାଣିପାଗ ଉପରେ ଭବିଷ୍ୟତ ବାଣି କରୁଛନ୍ତି । ଆପଣମାନେ ଯଦି ଠିକ୍‌ସେ ଦେଖିବେ ପାଣିପାଗ କେନ୍ଦ୍ର, ବାହାରେ ଥିବା ବିଶେଷଜ୍ଞମାନେ ଗତ ୪-୫ ମାସ ହେଲା ସଦାବେଳେ କହି ଆସୁଛନ୍ତି ଲଘୁଚାପ ସକ୍ରିୟ ଘୂର୍ଣ୍ଣିବଳୟ ସକ୍ରୀୟ ଅଛନ୍ତି ଏବଂ ଏହାର ପ୍ରଭାବରେ ଏହି ଏହି ଜିଲ୍ଲାମାନଙ୍କରେ ପ୍ରବଳରୁ ଅତି ପ୍ରବଳତର ବର୍ଷା ହେବାର ସମ୍ଭାବନା ଅଛି । ମତ୍ସ୍ୟଜୀବୀମାନେ ସମୁଦ୍ରକୁ ନ ଯିବା ଭଲ ଏବଂ ଏହାପାଇଁ ସାଧାରଣ ଜନତା ନିଶ୍ଚି ସାବଧାନ ହେବା ଦରକାର ଏବଂ ଆହୁରି ନିଶ୍ଚିତ କରନ୍ତି ତାରିଖ ମଧ୍ୟ । ଏହି ପ୍ରକାରର ଭବିଷ୍ୟତ ବାଣୀ ଭଲ ହେଉଛି ଏବଂ ଯେଉଁ ଜିଲ୍ଲା ଗୁଡ଼ିକରେ ବର୍ଷା ହେବା କଥା ନ ହୋଇ ଅନ୍ୟ ଜିଲ୍ଲା ମାନଙ୍କରେ ଘଡ଼ଘଡ଼ି ସହିତ ପ୍ରବଳ ବର୍ଷା ହେଉଛି । ଏ ବର୍ଷ ଏହି ଭୁଲ ତଥ୍ୟ ପାଇଁ ପ୍ରଚୁର ଲୋକ ଘଡ଼ଘଡ଼ିରେ ମୃତ୍ୟୁବରଣ କରିଛନ୍ତି । ଏବଂ କଟକ, ଭୁବନେଶ୍ୱର ଭଳି ସହରମାନେ ପାଣିରେ ଭାସୁଛନ୍ତି । ଏବେ ଏବେ ଦେଖନ୍ତୁ ଆଞ୍ଚଳିକ କେନ୍ଦ୍ରନୁସାରେ ୭ ତାରିଖ ପର୍ଯ୍ୟନ୍ତ ବର୍ଷା ଥିଲା ଏବଂ କହିଲେ ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ କିନ୍ତୁ ଆଉ ଗୋଟାଏ ତଥ୍ୟ ଅନୁସାରେ ୧୦ ତାରିଖରେ ପ୍ରଥମ ଲଘୁଚାପ ବର୍ଷା କରାଇବ ଏବଂ ୧୧ ତାରିଖରେ ଦ୍ୱିତୀୟ ଘୂର୍ଣ୍ଣିବଳୟ ଏବଂ ୧୩ ତାରିଖରେ ପୁଣି ଲଘୁଚାପ । ଜନସାଧାରଣ କେଉଁ ଭବିଷ୍ୟତ ବାଣୀକୁ ଗ୍ରହଣ କରିବେ? ମୋ ମତରେ ସବୁଠୁ ଭଲ ଏହି ସବୁ ଖବର ଉପରେ ନଜର ନ ଦେଇ ନିଜ କାମ



### ହୀନସ୍ଥା
#### ସୁଧାକର ରାଉତ

ଜୀବନର ସ୍ୱପ୍ନ ବାସ୍ତବତା ମଧ୍ୟେ
ସମୟ ସଙ୍ଗୀତ ଗାଏ
ବେଳେ ବେଳେ ତା ସୁମଧୁର ଶୁଭେ
ଅବେଳେ ଦୁର୍ବୋଧ ହୁଏ ।

ଆଞ୍ଜୁଳା ଆଞ୍ଜୁଳା ସୁଖ ଖୋଜୁ ଖୋଜୁ
ଚୋରା ବାଲି ପଡେ ଧସି
ମୁକୁଳିବା ପଥ ଅଦୃଶ୍ୟ ହୁଅଇ
ଥରେ ତହିଁ ଗଲେ ପଶି ।

ସବୁ ଥାଉଥାଉ ସଂଘର୍ଷରେ ଭିଜି
ଶୂନ୍ୟରେ ଝୁଲଇ ପାଦ
ଲୁଚକାଳି ଖେଳେ ନିଷ୍ଠୁର ସମୟ
ନଦେଇ ପ୍ରକୃତ ସ୍ୱାଦ ।

ଜଳନ୍ତା ଅଗ୍ନିରେ ପତଙ୍ଗ ଟେ ସମ
ଆକର୍ଷେ ତାହାକୁ ଶିଖା
ଦହନର ଜ୍ୱାଳା ପ୍ରାଣ ଏକା ସହେ
ବୁଝେନା କେ ବନ୍ଧୁ ସଖା ।

ଚେତନାର ଜଳ ଢଳ ଢଳ ହୋଇ
ଚାହେଁ ଯିବ ସିଏ ଈଡି
କାମାତୁର ମନ ଆସକ୍ତିରେ ତାକୁ
ତଥାପି ଧରଇ ଭିଡ଼ି ।

ସମ୍ପର୍କର ମଲା ବାଦୁଡିଟା ଝୁଲେ
ଶୁଖିଲା ଗଛର ଡାଳେ
ଅତୀତଟା ଖାଲି ନିରବ ନିସ୍ତବ୍ଧେ
ଅକାରଣେ ଲୁହ ଢାଳେ ।

ଦୂରରୁ ଶୁଭଇ ମୃତ୍ୟୁର କୁହାଟ
ବଞ୍ଚିବାଟା ପଡେ ଭାଙ୍ଗି
ଖରାର ତାତିରେ ବାଲିବି ସିଝଇ
କି ଲାଭ ଜୀବନ ଟାଙ୍ଗୀ ।

ବାହୁନି କାନ୍ଦଇ ବର୍ତ୍ତମାନ ଯାହା
ଆଙ୍କି ଭବିଷ୍ୟତ ଛବି
ନିଥର ପାଦକୁ ଅସାଡ ଶରୀର
ଧରେ କଣ୍ଟାଟିଏ ଭାବି ।

ପ୍ରତାପ ନଗରୀ,କଟକ
ମୋ -୮୨୪୯୯୩୨୭୯୨

### ସ୍ୱପ୍ନ
#### ଦିନେଶ ମେହେର

କିଛି ଟା ଆଶା
କିଛି ଆକାଂକ୍ଷା
ପୁଣି ପ୍ରତୀକ୍ଷା ନୂଆଁ ଏକ ଯୁଗକୁ !

ବାସ୍
ଆରମ୍ଭ ହେଇ ଯାଇପାରେ
କେତେକ ନୂଆଁ ଅନୁଭୂତି,
ଖୋଲି ଯାଇପାରେ
ବେଢ଼ି ପଡ଼ିଥିବା ନିୟତି,
କେଉଁ ଏକ ଭାଗ୍ୟ ବିଧାତାର
ଗୋଟେ ପ୍ରଚେଷ୍ଟା ରେ !

ଅତୀତରେ
ହଜି ଯାଇଥିବା ସ୍ମୃତି ସବୁ
ପୁଣି ଜୀବନ୍ତ ହେଇ ଉଠିପାରେ,
ମାନସୀ କୁ ନେଇ ଦେଖିଥିବା
ଭବିଷ୍ୟତ
ଜଳି ଉଠିପାରେ
ଶ୍ରୀ ମନ୍ଦିରରେ ଜଳି ଆସୁଥିବା
ଅଖଣ୍ଡ ଦୀପ ଟିଏ ଭଳି !

ସେଥିପାଇଁ ତ ଜାରି ରହିଛି
ଅହରହ ଯୁଦ୍ଧ;
ନିଜ ସହ,
ଏବେ ପ୍ରତିଟି ରାତି କୁରୁକ୍ଷେତ୍ର
ଦିନ ସବୁ ପଶା କାଠି,
ସେଇ ପଶା ଖେଳର ବାଜିରେ
ଲଗେଇ ଦେଇଛି
ନିଜକୁ, ନିଜର ସମସ୍ତ
ପାରିବାପଣକୁ !

ଦେଖାଯାଉ
ଏ ଖେଳର ଫଳାଫଳ,
ଯାହା ଅପେକ୍ଷାରେ
ବର୍ତ୍ତମାନ ସମଗ୍ର କୁରୁସଭା,
ଆଖି ମେଲେଇ ଜଗି ବସିଛି
ମୋ ବିରୁଦ୍ଧରେ ଯୁଦ୍ଧ ଘୋଷିବାକୁ !

ତଥାପି
ମୁଁ ବି ଜାଣିଛି
ଚକ୍ର ଆଡୁଆଳେ ଏବେ ବି
ଲୁଚି ରହିଛି ସୂର୍ଯ୍ୟ,
ଏବେ ବି ବାକି ଅଛି
ସଂଜ ହେବାକୁ ଆଉ କିଛିଟା ସମୟ !

ପଳାସ, କଳାହାଣ୍ଡି

### ଭାରି କଷ୍ଟ ହୁଏ
#### ଝରଣା ବରେନ୍ଦ୍ର ଦାସ୍

ଭାରି କଷ୍ଟ ହୁଏ
ସତରେ,
ଭାରି କଷ୍ଟ ହୁଏ ସେତେବେଳେ
କଡ୍.... କଡ୍....
ପଞ୍ଜରା ଭାଙ୍ଗି ଗଲା ଭଳି ଶବ୍ଦରେ
ଛାତି ଭିତରୁ ଅତଡା ଖଣ୍ଡେ ଖସିଯାଏ
ନିଃଶବ୍ଦରେ ଯେତେବେଳେ ।
ମନ ଭରିଯାଏ ସଂସାରରୁ
ନିଜର କେହି
କଥା ହୁଏ ଯେତେବେଳେ
ଅଚିହ୍ନା...
ଏକଦମ୍ ଅଜଣା ପରି। ।
ପାଣି ସୌର ଶକ୍ତି ସାହାରାରେ
ପଟାଳିର ଶାଗ ପରି
ପରିବେଶକୁ ନିଜ ଅନୁକୂଳରେ ଆଣି
ଭରିଆସୁଥିବା ଦେହର ଘା''
ଚିହ୍ନ ଲିଭି
କଁ ଅଳ ସବୁଜ ପତ୍ର ରେ ଛନ୍ ଛନ୍
ମୂଳକୁ ଛାଡି ପୁଣି
ଭାରି କଷ୍ଟ ହୁଏ
କଟା ହୁଏ ଯେତେବେଳେ ।
ଲାଗେ ଏମିତି
ବୋଝ ବୋଝ ଜୀବନଟା
କଟା ଗୁଡ଼ି ପରି
ଅଟକିଛି
କେଉଁ ବଡ଼ ଗଛ ଅଗ ଡାଳରେ
ହାବୁକାଏ ଜୋର୍ ହାଓ୍ୱା।
ଅପେକ୍ଷାରେ।
ପବନର ଝଟକା ଗୋଟେ
ଚିରିଦେଇ ଫଡ୍ ଫାଡ୍
ଧରାସ୍ନାତ କରିପାରେ ଯାହାକୁ
ଯେ କୌଣସି ମୁହୂର୍ତ୍ତରେ ।

କଲ୍ୟାଣ ନଗର୍
ଅଙ୍ଗାର ଗଡିଆ,ବାଲେଶ୍ୱର
ମୋ-୮୩୪୨୮୫୬୦୦୧

### କିଛି କଥା କିଛି ବ୍ୟଥା
#### ନିରଞ୍ଜନ ସାହୁ

ତୁମ ଘର ଆଡ଼େ ବୁଲିଯିବା ପାଇଁ
ସବୁବେଳେ ଇଚ୍ଛା ମୋର
ଆମ ଘର ଆଡ଼େ ବୁଲି ଆସିବାକୁ
ହୁଏନି କି ଇଚ୍ଛା ତୋର ?

କେମିତି ଇଚ୍ଛାକୁ ମାରିଦେଉ ତୁହି
ମୁହିଁ ମାରିପାରେ ନାହିଁ
ତୁମ ଘର ଆଡ଼େ ବୁଲି ନ ଆସିଲେ
ଶାନ୍ତି ନ ମିଳଇ କାହିଁ
ତୁ ଭାବୁଛୁ ବୋଧେ ଲୋକନିନ୍ଦା
ହେବ
ଅଶାନ୍ତି ଘୋଟିବ ଘୋର ।

ସମାଜର ଟାହିଟାପରାକୁ ଯଦି
ଏତେ ରହିଅଛି ଭୟ
କେମିତି କହିବୁ ପ୍ରେମ ଜିନ୍ଦାବାଦ
ପୀରତିର ହେଉ ଜୟ
ତୁ ପରା ମୋହର ପ୍ରେମ ପାଗଳିନୀ
ମୁହିଁ ତୋର ମନଚୋର ।
ଈ

ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ଆପଣାର ମଣିଷ

**ଘନଶ୍ୟାମ ପଲେଇ**

ମନକୁ ଅକାଶ ଛୁଇଁବାର ଅଧିକାର ଅଛି ଯେତେବେଳେ ରାମକୃଷ୍ଣବାବୁଙ୍କ ମନଟା କାହିଁକି ଆକାଶ ଛୁଇଁବନି । ତାଙ୍କ ପାଖରେ ଅଛି ସବୁ କିଛି । ନିଜେ କରିଛନ୍ତି ଚାକିରୀ । ଅଛି ଭଲ ଛାତଘର ଖଣ୍ଡେ । ଗୋଟିଏ ମା' ପେଟର ଭାଇ ହେଇ ବି ସିଏ ପାରିବାବାଲା । ସେ ଏବେ ଗାଁର ଜଣେ ମାନ୍ୟଗଣ୍ୟ ପ୍ରତିଷ୍ଠିତ ବ୍ୟକ୍ତି । ଦେଖିବାକୁ ଗଲେ ବଡଭାଇ ରାଧାକୃଷ୍ଣଙ୍କଠାରୁ ଢେର ଉଚ୍ଚରେ ସେ ଏବେ । ବଡଭାଇ ଚାଷକରି ଚଳୁଛି ବଡ କଷ୍ଟରେ । ସେଭଳି ବିଶେଷ ପୈତୃକ ଜମି ବି ନ ଥିଲା ତାଙ୍କର । ଭାଇ ଭାଗରେ ଯେତିକି ମିଳିଛି କାଣ୍ଟିକୁଣ୍ଟି ବର୍ଷକର ଖାଇବା ଉଠେ । ସେଥିରେ ପୁଣି ଯାନିଯାତ୍ରା, ପର୍ବପର୍ବାଣୀ, ବନ୍ଧୁବାନ୍ଧବ, ଭଲମନ୍ଦ ।

ସେଇ ମାଟିଛଣ ଘର ଖଣ୍ଡିକରେ ପଡିରହିଥିଲା ବଡଭାଇ । ବଡଭାଇର ଏଇ ଅବସ୍ଥା ଦେଖି ବଡ ଦୁଃଖ କରେ ସାନଭାଇ । ଉଁଆଁ ଚୁଁଚାଁ କରି ଉଜାଡି ପକାଏ ସହାନୁଭୂତି । ସମସ୍ତଙ୍କୁ କହେ ଭାଇଟା ମୋର କେଡେ ଦୁଃଖ କଷ୍ଟରେବି ଭାଙ୍ଗି ପଡିନି । ପଖୋରୀ ଭିତର ଥିବା ମାଲ ଖୁଣ୍ଟପରି ବର୍ଷ ବର୍ଷ ସଂସାର ପାଣିରେ ବୁଡି ବି ଯାଇନି ହାରି କି ଯାଇନି ଦୋହଲି । ବରଂ ସଂସାର ଝଡକୁ କରି ଆସିଛି ସାମ୍ନା । କାହା ପାଖେ କେବେ ହାତ ପତେଇ ନାଇଁ ଆଜି ଯାକେ । ଭାରି ସ୍ୱାଭିମାନୀ ବଡଭାଇ । ବିପଦ ଆପଦରେ ରାତି ଅଧକୁ ଆସି ହୁଏ ଛିଡା ସଭିଙ୍କ ଦୁଃଖରେ ।

ସାନଭାଇ ରାମକୃଷ୍ଣ ବେଳେ ବେଳେ ଛାତ ଉପର ବାଲକୋନୀଟା ଉପରେ ପଡିଥିବା ଚିଆରରେ ବସି ଚା' ପିଆପିଇ କଲାବେଳେ ବଡଭାଇ ଘର ଆଡେ ଅନାଏ । ଛାତ ଉପରୁ ବଡଭାଇର ଲଙ୍ଗଳା ମୁକୁଳା ଦୟନୀୟ ଘରଟା ଦିଶିଯାଏ । ଛଣଛପର ଘରୁ ଭାଉଜ ରୋଷେଇ କଲାବେଳର ଧୂଆଁ କାରାଖାନା ପରି ଉଠୁଥାଏ ଉପରକୁ କୁଣ୍ଡୁଳୀମାରି । ସେଇ ଧୂଆଁରେ ଦିଶିଯାଉଥାଏ ବଡଭାଇର ଦୁଃଖ ଦୈନ । ବଡ କଷ୍ଟଲାଗେ ସାନଭାଇକୁ । ଭଗବାନଙ୍କୁ ଗାଳିକରେ । ଭଗବାନଙ୍କ ଏ କି ପାତର ଅନ୍ତର ନିତି ? ଜଣେ ଭଲରେ ଚଳିବ,ଭଲ ଘରେ ରହିବ ଆଉ ଜଣେ ପେଟପାଟଣା ଚିନ୍ତାରେ ଦିନ କାଟିବ । ବଡଭାଇକୁ ଯଦି ଦେଖିଦିଏ ସାନ୍ତ୍ୱନା ଦେବାକୁ ଯାଇ ସାନଭାଇ କହେ --- ତୁ ଚିନ୍ତା କରନା ଭାଇ । ମୁଁ ଅଛି । ଦେଖିବା ମୋର ଚିହ୍ନା ଜଣା ଢେର ଅଛନ୍ତି ସରକାରୀ ମହଲରେ । ପ୍ରଧାନମନ୍ତ୍ରୀ ଆବାସିକ ଯୋଜନାରେ ନିଶ୍ଚେ ଖଣ୍ଡେ ମିଳିବ ଘର ଏବର୍ଷ ।

ଏଇ ପରି କହି କହି ଅନେକ ବର୍ଷ ବିତିଗଲାଣି । ନା ଘର ଆସୁଛି । ନା ଫେରୁଛି ବଡ ଭାଇର ସ୍ୱଚ୍ଛଳ ଅବସ୍ଥା ।

ଏ ବର୍ଷ କିନ୍ତୁ ବଡଭାଇ ନାଁରେ ଆସିଲା ଘର । କିଛି ନ ହଲେ ମୁଣ୍ଡଗୁଞ୍ଜିବାକୁ ମିଳିଯିବ ଆଶ୍ରୟ । ଲକ୍ଷେ କୋଡିଏ ହଜାରରେ ଗୋଟିଏ ରୁମ ସହ ରୋଷେଇ ଘର । ସବୁ ପଇସା ଖଟେଇଲେ ବି ଖୁବ୍ କମ ଚାନ୍ସ ଘର କରିବା । ଟିକିଏ ଏପଟ ସେପଟ ହେଲେ ଘର କରିପାରିବନି ଶେଷ । ରହିଯିବ ଅଧୁରା । ତେଣୁ ସକାଳୁ ସକାଳୁ ସାନଭାଇ ଆସି ବୁଝେଇ କହିଲା --- ଦେଖ ଭାଇ ! ତୋ ଦେଇ ଯେତିକି ହେଉଛି କର । ମୂଳ ମଜୁରୀ ଯେଉଁ ହେଲାଣି । ଲୋକେ ଖାଇଯିବେ ସବୁ । ସରକାର ବି ନା ବୁଝିବା କଥା ଲକ୍ଷେ କୋଡିଏ ହଜାରେ କି ଘର ହେବ ! ନ ମିଶେଇଲେ ? ତୋର ତ ଭାଇ ପଇସା ପତ୍ର ଅଭାବ । ତୁ ନିଜେ ଖଟି କିଛିଟା କର ଆଡଜୋଷ୍ଟ ।

ଘର ନିଅଁ ଗାତ ଖୋଳା ଆରମ୍ଭ କରିଦେଲାଣି ବଡଭାଇ । ଖୁବ ମେହନତ କରୁଛି ତା' ସ୍ୱପ୍ନର ଘରକୁ ପୁରା କରିବାକୁ । ପୁରୁଣା ଘରଡିହଟା । ଖୋଳିଲା ବେଳେ କରୁଛି ଟାଇଁ ଟାଇଁ । ମାଟି ତ ନୁହଁ ପାଲଟି ଯାଇଛି ଲୁହା ଜାଣ । ଶୁଣୁ ନି ଗାଇଁତା କୋଦାଳ ।


ନିଅଁ ଗାତ ଖୋଳୁଖୋଳୁ ଠଣ୍ କିନା ହେଲା ଆୱାଜ । ସାବଧାନତାର ସହ ଦେଖିଲା, କଂସା ନୋଟାଟେ । ଧିର କିନା ଉଠେଇ ଆଣିଲା । ଦେଖେ ତା' ଭିତରେ ଭରି ରହିଥିଲା ସୁନାଟଙ୍କା । ଆଗକାଳରେ ଚୋର ଭୟରେ ସୁନାରୂପା ଲୁଚେଇ ରଖୁଥିଲେ ମାଟି ଖୋଳି । ଭୁଲିଗଲେ କି ମରି ହଜିଗଲେ ରହିଯାଉଥିଲା ଭୁଇଁ ତଳେ । ବଡଭାଇ ଏଇସବୁ ପାଇ ହେଇଗଲା ଖୁସି । ଚୁପ୍ ଚାପ୍ ଘରେ ଦେଲା ଲୁଚେଇ ।

ରାତାରାତି ଖୋଲିଗଲା ଭାଗ୍ୟ ଜାଣ । ଚିନ୍ତାକଲା ଭଲଘରଟେ କରିବ ଏଣିକି । ତା' ଆର ଦିନ ଆପଣାର ସାନଭାଇକୁ ସ୍ନେହରେ ଡାକି ଆଣି କହିଲା --- ବାବୁ ! ଶୁଣିଲୁ । ଧର ସୁତାଟା ଆଉ ଦୁଇ ବଖରା ପାଇଁ ଚିହ୍ନଟ ଦେବା । ଏକାଥରେ କରିଦେଲେ ଗଲା । ଭଲ ଘର ପରା ମଣିଷର ପରିଚୟ ।

ସାନଭାଇ ହେଲା ଆଶ୍ଚର୍ଯ୍ୟ । ଏତେ ପଇସା କୋଉଠୁ ଆଣିଲା ବଡଭାଇ ? ତା' ଠୁ ଭଲ ଘର କରିଦେବ ବଡଭାଇ ? ତା'ର ମାନସମ୍ମାନ ରହିବ ତ ? ନା ନା କେବେ କରେଇ ଦେବ ନାହିଁ । ସିଏ ମୋର ଏବେ ଭାଇ ନୁହଁ ଶତ୍ରୁ । ରହିଲା ନଜର ଚିଲ ଭଳି ତା'ରି ଘର ଉପରେ । ବଡଭାଇର ଉନ୍ନତି ସାଜିଲା ବଡ ଦୁଃଖର କାରଣ ତା' ପାଇଁ । ବଡ ଭାଇ ଯେତେ ଯେତେ ଉନ୍ନତି କଲା ତାକୁ କଣ୍ଟା ଫୁଟିଲା ଭଳି ହେଲା ଅନୁଭବ । ଶେଷରେ ସହି ପାରିଲାନି । ପୈତୃକ ସମ୍ପତ୍ତିରେ କମ ଭାଗ ପଡିଛି ତା' ଆଡିକି କହି, ବଡଭାଇ ନାଁରେ ଠୁକି ଦେଲା କେସଟେ ।

ଇଏ ତ ଥିଲା ଭାଇଭାଇର କାହାଣୀ । ସତରେ ମଣିଷ ଏଇଆ ଆଜ୍ଞା ! ମଣିଷକୁ ଦୈବୀ ବିପଦ ପଡିବାର କି ଦୁଃଖରେ ଥିବା ଦେଖିଲେ ମଣିଷ ପରକୁ ଆପଣାର ମନେକରେ ; କାନ୍ଦେ । ବିପଦ ଟଳିଗଲେ ସବୁ ଓଲଟା ।


ଟେନସା, ସୁନ୍ଦରଗଡ- ୭୭୦୦୪୨,
ମୋ- ୯୪୩୭୭୧୮୫୦୦


# ଜୀବନ ସାଥୀ

**ପଦ୍ମାଳୟା ସାମଲ**

ମିତାଲି ପଛେ ପଛେ ମୁଁ ଡ଼ାୟାଲିସିସ୍ ଚେମ୍ବରରୁ ବାହାରି ଆସିଲି । କପେ ଚା ପାଇଁ ବରାଦ ଦେଇ ଆସ୍ତେ ଆସ୍ତେ ସହଜ ହେବାକୁ ଚେଷ୍ଟା କରୁଥିଲି । ମୁଁ ଜଣେ ଡାକ୍ତର, ଏତେଟା ଭାବପ୍ରବଣତା ମୋ ପକ୍ଷରେ ଆଦୌ ଉଚିତ ନୁହେଁ । କିନ୍ତୁ ଏଇ ଦଶମାସ ଭିତରେ ମିତାଲି ସହ ଏମିତି ଏକ ଅତ୍ମୀୟତା ଭାବ ଆସି ଯାଇଥିଲା ଯାହାକି ବେଳକୁବେଳ ମୋ ମନପ୍ରାଣକୁ ଆବୋରି ବସୁଥିଲା । ମିତାଲିର ସୁଖଦୁଃଖରେ ମୋ ଅଜାଣତରେ ମୁଁ କେତେବେଳେ ଯେ ସାମିଲ ହୋଇଯାଇଥିଲି, ସେଇଟା ନିଜେ ବି ଜାଣିପାରି ନଥିଲି ।

ମିତାଲି ଅଣତିରିଶ ବର୍ଷର ବିବାହିତା ମହିଳା । ତା ବିବାହକୁ ଏଇ ମାତ୍ର ଛଅ ବର୍ଷ ପୂରିଲା । ଚାରି ବର୍ଷର ଝିଅଟିଏ ତାର ପ୍ଲେ ସ୍କୁଲ ଯାଉଛି । ମିତାଲିର ସ୍ୱାମୀ ରମେଶ ଜଣେ ଉଚ୍ଚପଦସ୍ଥ ବ୍ୟାଙ୍କ କର୍ମଚାରୀ । ଏଇ ଦୁଇଜଣଙ୍କୁ ଛାଡିଦେଲେ ଘରେ ଶାଶୁ ଏବଂ ଶ୍ୱଶୁର ଅଛନ୍ତି । ଭାଗ୍ୟରେ ଥିଲେ ଏମିତି ଶାଶୁଘର ମିଳେ ।

ସେଇ ପ୍ରଥମ ଚାରିବର୍ଷ ସୁଖ କି ଦୁଃଖରେ କଟିଛି ମିତାଲି ଏଯାଏଁ ବୁଝିପାରେନି । ତାକୁ ବେଳେବେଳେ ଲାଗେ ରମେଶ ଆନ୍ତରିକ ଭାବେ ହୁଏତ ଭଲ ପାଉନଥିଲେ । ତା ନହେଲେ ଏମିତି ଦୟନୀୟ ଭାବେ ତିଳ ତିଳ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଥିବାବେଳେ ସେ କଣ ଚୁପଚାପ ରହିପାରନ୍ତେ ! ସିଏତ ଜାଣିଥିଲା ଜୀବନ ସାଥୀ ମାନେ ସାରା ଜୀବନର ସୁଖଦୁଃଖର ସାଥୀ । ହେଲେ ରମେଶ ଏମିତି କେବଳ ସୁଖର ସାଥୀ ହେବେ ସେ ଭାବିପାରୁନି । ସତରେ ଭଲପାଇବାର ଛଳନା କରି ସେ ତାକୁ ନିର୍ମମଭାବେ ଠକି ଦେଲେ । ଦେଖାଶୁଣା କରିବାପାଇଁ ଡାକ୍ତରଖାନାକୁ ତା ବାପା ମା ସବୁଦିନ ଆସନ୍ତି । ତା ବାପା ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ । ଭଦ୍ର ଏବଂ ଅମାୟିକ ବ୍ୟକ୍ତି । ଭଲ ଘର, ଭଲ ବର ଦେଖି ବାପା ମିତାଲିକୁ ବାହା ଦେଇଥିଲେ ।

ଅବଶ୍ୟ ମିତାଲି ସହ ରମେଶର ଆଗରୁ କିଛିଟା ପରିଚୟ ଥିଲା । ମିତାଲିର ଜଣେ ସାଙ୍ଗ ସୁମିର ସ୍ୱାମୀ ରମେଶର ବନ୍ଧୁ । ସୁମି ଘରେ ମିତାଲିର ରମେଶ ସହ ଦୁଇଚାରିଥର ଦେଖା ହୋଇଥିଲା । ମିତାଲିକୁ ପସନ୍ଦ କରୁଥିବା କଥା ରମେଶ ମଧ୍ୟ ସୁମିର ସ୍ୱାମୀଙ୍କୁ ଜଣାଇଥିଲା । ତାପରେ ପ୍ରସ୍ତାବ ଓ ବାହାଘର, ଯେହେତୁ ଉଭୟ ପରିବାର ଏ ପ୍ରସ୍ତାବରେ ସମ୍ମତି ଜଣାଇଥିଲେ ।

ମିତାଲି କହେ,ବିବାହର ପ୍ରଥମ ବର୍ଷଟା ରମେଶ ପ୍ରାୟ କିଛିଦିନ ଅଫିସ ଯିବା ବନ୍ଦ କରିଦେଇଥିଲେ । ଏମିତିକି ତାଙ୍କ ଉପରିସ୍ଥ ଅଫିସରଙ୍କଠାରୁ ଅନେକ ଥର ଗାଳି ଶୁଣିବାକୁ ପଡିଥିଲା । କେତେବେଳେ ଫୁଲର ଫଗୁଣ ହୋଇ ତ କେତେବେଳେ ହୋଇ ଆଷାଢ଼ର ଛନ୍ଦ, ରମେଶଙ୍କ ମନକୁ ଅଚ୍ଛନ୍ନ କରୁଥିଲା ମିତାଲି । ପ୍ରତି ରାତି ଥିଲା ଦୀର୍ଘ ରାତି, ପ୍ରତିଟି ମୁହୂର୍ତ୍ତ ଫୁଟୁଥିଲା ଫୁଲ ହୋଇ । ଗୋଟେ ଖିଆଲରେ ହଜିଯିବା ପରି ସବୁବେଳେ ଅନ୍ୟମନସ୍କ ରହୁଥିଲେ ରମେଶ । ଏମିତିକି ଗୋଟିଏ ସହରରେ ହେଲେ ମଧ୍ୟ ମିତାଲି ବର୍ଷକ ଭିତରେ କେବେ ବି ବାପଘରକୁ ଯାଇ ରହିପାରିନି । ତାର ମନେ ହେଉଥିଲା ରମେଶର ତା ପ୍ରତି ପ୍ରଗାଢ଼ ଭଲପାଇବାକୁ ଅନ୍ୟମାନେ ନାପସନ୍ଦ କରୁଛନ୍ତି । ଅନେକ ପରୋକ୍ଷ ମନ୍ତବ୍ୟ ମଧ୍ୟ ଶାଶୁଙ୍କ ଠାରୁ ସେ ବେଳେବେଳେ ଶୁଣୁଥିଲା । ପ୍ରଥମ ବିବାହ ବାର୍ଷିକୀରେ ବରାଦିଆ ବନାରସୀ ପାଟଶାଢ଼ୀ ମଧ ତାଙ୍କ ଆଖିରେ ଯାଇନଥିଲା ।



ମିତାଲି ବି ରମେଶକୁ କମ ଭଲ ପାଉନଥିଲା । ରମେଶ ଜାଣନ୍ତି ଯେ ବିବାହ ଆଗରୁ ମିତାଲି କେବେ ରୋଷେଇ ଘର ମୁହଁ ମାଡି ନ ଥିଲା କିନ୍ତୁ ଏବେ ଘରର ସମସ୍ତଙ୍କ ପାଇଁ ସିଏ ହିଁ ରାନ୍ଧିବାଢି ଖାଇବାକୁ ଦେଉଛି । 'ଆଉ ଟିକିଏ, ଆଉ ଟିକିଏ ' କହି ରମେଶ ପାଖରେ ବସି ବଳେଇ ବଳେଇ ପରଷିଦିଏ ଖାଇବା । ଘଡିଏ ପାଖରୁ ଅନ୍ତର ହେଲେ ଲାଗୁଥିଲା ଅସ୍ତବ୍ୟସ୍ତ । ବିବାହ ବର୍ଷ ମ୍ୟାଲେରିଆ ଜ୍ୱରରେ ପଡ଼ି ରମେଶ ଅସୁସ୍ଥ ହୋଇଯାଇଥିଲେ । ମାସେକାଳ ପାଖରେ ବସି ଦିନରାତି ତାଙ୍କର ସେବା କରିଛି । କର୍ତ୍ତବ୍ୟ ତ ନୁହେଁ, ଆପଣା ଲୋକପ୍ରତି ଆସକ୍ତିର ମୋହ ତାକୁ ସେଥିପାଇଁ ଟାଣିରଖୁଥିଲା । ମିତାଲି ସେତେବେଳେ କେତେ ଯେ ମାନସିକ କରିଛି, ସେକଥା କେବଳ ସିଏ ହିଁ ଜାଣେ । ଈଶ୍ୱରଙ୍କ ଆଶୀର୍ବାଦରୁ ରମେଶ କ୍ରମଶଃ ସୁସ୍ଥ ହୋଇଉଠିଥିଲା ।

ଶାଶୁଙ୍କ ବ୍ୟବହାର ମିତାଲି ପ୍ରତି ଯଦିଓ ସେତେଟା ସୌହାର୍ଦ୍ଦ୍ୟପୂର୍ଣ୍ଣ ନଥିଲା, ତଥାପି ପୁଅ ସାମ୍ନାରେ ସେ କିଛି କହିପାରୁନଥିଲେ । ବିବାହର ବର୍ଷକ ପରେ ଶ୍ୱଶୁରଙ୍କ ହେହାନ୍ତ ହୋଇଗଲା । ସେଥିପାଇଁ ଶାଶୁଙ୍କର ଟାହିଟାପରା କଥାକୁ ତାଲି କେବେ ଗୁରୁତ୍ୱ ଦିଏ ନାହିଁ । ଶାଶୁଙ୍କର ଅଧିକାଂଶ ସମୟ ନାତୁଣୀ ସହ କଟେ ।

ସେଦିନ ଶୋଇବାବେଳେ ରମେଶ ଅନୁଭବ କଲେ ମିତାଲି ଦେହରେ ଅସ୍ୱାଭାବିକ ତାତି । ମିତାଲିକୁ ମଧ ଦିନସାରା ହାଲିଆ ଲାଗୁଥିଲା । ପତ୍ନୀପ୍ରଣା ପତିଟିଏ ପରି ରମେଶ ତା ପରଦିନ ଡାକ୍ତରଙ୍କୁ ପଚାରି ଔଷଧ ଆଣି ଦେଲା । ହେଲେ ସେଇଟା କି ଜ୍ୱର କେଜାଣି ଦେହରୁ ଜମା ଓହ୍ଲାଇଲା ନାହିଁ । ତାତି କ୍ରମଶଃ ବଢ଼ି ବଢ଼ି ଚାଲିଲା । ପରୀକ୍ଷାର ଫଳ ସ୍ୱରୂପ ଯାହା ବାହାରିଲା, ସମସ୍ତଙ୍କ ମୁଣ୍ଡକୁ ଘୁରେଇ ଦେବାକୁ ସେଇଟା ଯଥେଷ୍ଟ ଥିଲା । ମେଡିକାଲ ରିପୋର୍ଟ ଅନୁଯାୟୀ ମିତାଲିର ଗୋଟାଏ କିଡ଼ନୀ ସମ୍ପୂର୍ଣ୍ଣ ଅକାମି ଓ ଆରଟି ଅଧାରୁ ଅଧିକ ଭାଗ ନିଷ୍କ୍ରିୟ ହୋଇସାରିଥିଲା । ରୋଗଟା ଚିହ୍ନଟ ହେବା ପରେ ରମେଶ କେମିତି ହତାଶିଆ ପାଲଟି ଯାଇଥିଲେ । ଶାଶୁ ସମବେଦନା ଦେବେ କଣ ବରଂ ତାଙ୍କର ଯୁକ୍ତି ଥିଲା ଯେ ଜାଣିଶୁଣି ରୋଗୀଣା ଝିଅଟା ସାଥିରେ ତାଙ୍କ ପୁଅକୁ ଛନ୍ଦି ଦେଲେ ।

ଦିନକୁ ଦିନ ରମେଶର ମତିଗତି ବଦଳିଗଲା । ମିତାଲି ଲକ୍ଷ୍ୟ କଲା ଖୁବ ଅନ୍ୟମନସ୍କ ରହୁଛନ୍ତି ରମେଶ । ଖାଇବା ପିଇବା ଭୁଲିଯାଉଛନ୍ତି । ଶୋଇବା ବି ଅନିୟମିତ । ମୁଣ୍ଡ ବାଳ କେତେବେଳେ କୁଣ୍ଡା ହେଉଛି କେତେବେଳେ ନାହିଁ । ଡରିଗଲା ମିତାଲି ଯେତେବେଳେ ଏମିତି ହେଇ ଚାଲିଲା ଦିନ ପରେ ଦିନ । ପଚାରିଲେ କିଛି କହୁ ନ ଥିଲେ ରମେଶ ।

କେତେବେଳେ କେଜାଣି ଫେରିବ ରମେଶ ? ଏଇ କିଛି ଦିନ ହେବ ରମେଶକୁ ଅପେକ୍ଷା କରି କରି ଶୋଇଯାଏ ମିତାଲି । ଆଜି କିନ୍ତୁ ନିଦ ଆସୁନାହିଁ ତାକୁ । ଶୀତୁଆ ପବନ, ଝିପିଝିପି ବର୍ଷା, ଭିଜା ରାତି କେମିତି ଉଲୁସେଇ ଦେଉଛି ଦେହମନ । ଶୋଇବାକୁ ଇଚ୍ଛା ହେଉନାହିଁ । ଝରକା ଦେଇ ବାହାରକୁ ଚାହିଁଲା ମିତାଲି । ସାମ୍ନାରେ ରାସ୍ତାକଡର ହଳଦିଆ ନିଅନ୍ ଲାଇଟ । ଲାଇଟ ଦେଇ ଝିପିଝିପି ବର୍ଷା ଦିଶୁଛି । କେମିତି ଗୋଟାଏ ଚୁପଚାପ ଆଚ୍ଛନ୍ନ ଚାରିଆଡ଼ । ବୁଲିପଡ଼ିଲା ମିତାଲି । ଦର୍ପଣରେ ତାର ପ୍ରତିବିମ୍ବ । ନିଜ ପ୍ରତିବିମ୍ବକୁ ମୁହୂର୍ତ୍ତେ ମୁଗ୍ଧ ହେଇ ଚାହିଁରହିଲା ମିତାଲି । ଅନେକ ଦିନ ଧରି ଭଲକରି ନିଜକୁ ଦେଖି ନ ଥିଲା ସେ । ପୂର୍ବ ଭଳି ଔଜଲ୍ୟ ତା ଚେହେରାରେ ନଥିଲା । ନିଜ ଗାଲ, ଓଠ, ବେକ, ଛାତି ଉପରେ ହାତ ବୁଲେଇ ନେଲା । ତାକୁ ଲାଗୁଥିଲା ନିଜକୁ ନୁହେଁ ଆଉ କାହାକୁ ଦେଖୁଛି । ଆଗକୁ ଦୁଇ ପାଦ ଆସି ଝରକା ଖୋଲିଲା ସେ । ଥଣ୍ଡା ପବନ ଝଲକାଏ ପଶିଆସିଲା ।

ଓଃ ! କାହାକୁ ଦେଖୁଛି ସେ ! ରମେଶ ସହିତ ସେ ଝିଅଟା କିଏ ପୁଣି ଏତେ ରାତିରେ ! ତରତର ହେଇ କବାଟ ଫିଟେଇବାକୁ ଦଉଡିଗଲା ମିତାଲି । କବାଟ ଅଧା ଖୋଲିଛି ଲାଇନ ଚାଲିଗଲା । 'ଆଜି ଚାରି ପାଞ୍ଚ ଥର ଲାଇନ ଗଲାଣି । ଯାହାହେଉ ଆଜି ଥଣ୍ଡା ପାଗ ଅଛି,କହି କହି କବାଟ ଖୋଲିଦେଲା ମିତାଲି । ରମେଶ ଚୁପଚାପ ଘର ଭିତରକୁ ପଶିଆସିଲେ । 'ସେ ଝିଅଟି କିଏ ', ଗାମୁଛା ହାତକୁ ବଢ଼େଇ ଦେଉ ଦେଉ ପଚାରିଲା ମିତାଲି । - 'ମୋ ଅଫିସରେ ନୂଆ କରି ଜଏନ କରିଥିବା ଜଣେ କର୍ମଚାରୀ । ବିଚରା ଭାରି ଦୁଃଖୀ ଝିଅଟିଏ । ବାପା ତାର ଚାଲିଯାଇଛନ୍ତି । ମା ତାର ବହୁ କଷ୍ଟ ସହି ତାକୁ ବଢ଼େଇଛନ୍ତି । ଆଗକୁ ପଛକୁ ତାର କେହି ନାହିଁ ', କହିଲେ ରମେଶ । ସବୁ ଶୁଣି ସାରି କହିଲା ମିତାଲି,'ମୁଁ କିଛି ଦିନ ପାଇଁ ଆମ ଘରକୁ ଯିବାକୁ ଚାହୁଁଛି ' । ମିତାଲି କଥାର କୌଣସି ଉତ୍ତର ନ ଦେଇ ଗାଢ଼ ନିଦ୍ରାରେ ଶୋଇଗଲେ ରମେଶ ।

ପରଦିନ ସକାଳେ ରମେଶ ହଠାତ କହିଲା ,'ଏମିତି ମୂର୍ଖଙ୍କ ସାଙ୍ଗରେ ଚଳିବା ଅସମ୍ଭବ ' । - କିଏ ମୂର୍ଖ ? ଟିକିଏ ନରମ ଗଳାରେ ପଚାରିଥିଲା ମିତାଲି । ଏତେଦିନ ପରେ ଆଉ କିଛି କହୁଥିଲା ରମେଶ । ମିତାଲିକୁ ଖୁବ ଆଶ୍ଚର୍ଯ୍ୟ କରି ରମେଶ ତାକୁ ଜଣାଇଥିଲା, 'ତୁମ ପାଇଁ ଚିକିତ୍ସାକରି ଅର୍ଥଶ୍ରାଦ୍ଧ କରିବାକୁ ମୋର ଆଉ କ୍ଷମତା ନାହିଁ କି ଏ ରୋଗ ଭଲ ହେବାର ନୁହଁ । ତୁମେ ବରଂ ତୁମ ବାପଘରକୁ ଚାଲିଯାଅ ' । ମିତାଲିର ମୁଣ୍ଡରେ ଯେମିତି ବଜ୍ର ପଡିଲା । ରମେଶର ଭଲ ପାଇବା କଣ ଏତେ ଶସ୍ତା ? ପତ୍ନୀର ମୂଲ୍ୟ କଣ ଏଇ କେତେଟା ପଇସାଠୁ ବି ତୁଚ୍ଛ, ମୂଲ୍ୟହୀନ ? ମିତାଲି ବିକଳ ହୋଇ ରମେଶକୁ ଚାହିଁ ରହିଲା । ଏମିତି କଥା ଯେ ରମେଶ କହିପାରିଲେ, ସେକଥା ସେ ବିଶ୍ୱାସ କରିପାରୁନଥିଲା । ମିତାଲିର ମନେପଡ଼ିଗଲା ସେ ଯେତେବେଳେ ବାପଘରକୁ ଯିବାକୁ କହୁଥିଲା, ସେତେବେଳେ ରମେଶ ହସିଉଠି କହୁଥିଲେ,'ଏଇଟା ତୁମ ଘର, ତୁମ ସ୍ଥାନ ଏଇଠି, ମୋ ପାଖରେ ' । ପଛ କଥା ଭାବି ଦୁଃଖ, କ୍ଷୋଭ, ଗ୍ଲାନି ଓ ଅବସାଦରେ ଭାଙ୍ଗି ପଡୁଥିଲା ମିତାଲି ।

ବ୍ୟାଗଟା ଆଣି ରମେଶ ତଳେ ଥୋଇ କହିଲେ,'ତୁମ ଦରକାରୀ ଜିନିଷ ଶୀଘ୍ର ଏଥିରେ ରଖିନିଅ, ଡେରି ହେଉଛି । ଏଇ ତାର ସ୍ୱାମୀ ରମେଶ ଯିଏ ଦିନେ ମିତାଲି ପାଇଁ ପାଗଳ ହୋଇ କାମଧନ୍ଦା ଭୁଲି ଦିନ ଦିନ ଧରି ଅଫିସ ଯାଉନଥିଲା, ସେଇ ରମେଶ ଏବେ ମିତାଲିକୁ ଶୀଘ୍ର ଚାଲିଯିବାକୁ ବାଧ କରୁଛି । ସେ କଣ ଭାବିପାରୁନାହାନ୍ତି ଯେ ମିତାଲି ତାଙ୍କୁ ଛାଡି ରହିପାରିବନି ବୋଲି ? ଏଇଟା ରମେଶର ଅସଲ ଚେହେରା ନା ପୂର୍ବରୁ ଦେଖିଥିବା ଚେହେରାଟା ଅସଲି ? କିଛି କହିବାକୁ ଚେଷ୍ଟା କରି ମଧ ସେ କିଛି କହିପାରିଲାନାହିଁ । ଈଶ୍ୱର ଯେତେବେଳେ ଏ ସଂସାରରୁ ତାର ଚାଲିଯିବାର ବ୍ୟବସ୍ଥା କରି ସାରିଲେଣି, ସେତେବେଳେ ଏ ଘରୁ ବିଦାୟ ନେବାଟା କି ବଡ଼ କଥା ଯେ ! ମିତାଲି ଘର ଛାଡିଲା ।

ବାପଘରକୁ ଆସି ମିତାଲିକୁ ଲାଗିଲା ଯେମିତି ସେ ପାଗଳ ହୋଇଯିବ । ତା ମୁଣ୍ଡ ସବୁବେଳେ ବିନ୍ଧିବାକୁ ଲାଗିଲା ଓ ନିଦ ହେଲାନାହିଁ । ରାତି ରାତି ସେ ଅନିଦ୍ରା ରହିଲା । ତାର ଏ ଅବସ୍ଥା ଦେଖି ବାପା ମା ତାକୁ ହସ୍ପିଟାଲରେ ଆଡମିଟ କଲେ । ୟା ଭିତରେ ମିତାଲି ପାଇଁ ବାପା ଅଜସ୍ର ଖର୍ଚ୍ଚ କରିଛନ୍ତି । ଯେତେହେଲେ ଜନ୍ମକଲା ସନ୍ତାନ, ଦେହ ଥିବା ଯାଏ ମୋହ ରହିଛି । ଜାଣିଶୁଣି ମରିବାକୁ କେମିତି ବା ଛାଡ଼ିଦେବେ ? ଥରେ ଡ଼ାୟାଲିସିସ୍ ହେଲେ ପ୍ରାୟ ଦୁଇ ହଜାର ଖର୍ଚ୍ଚ ହୁଏ । ତଥାପି ସେମାନେ ଆଶା ଛାଡି ନାହାନ୍ତି । କିନ୍ତୁ ରମେଶ ଥରଟିଏ ବି ମିତାଲିକୁ ଦେଖିବାକୁ ଆସିନାହିଁ, ଖର୍ଚ୍ଚ କରିବା ତ ଦୂର କଥା ।

ଏମିତି ଫାଙ୍କା ସମୟରେ ମିତାଲି ମତେ ତାର ଜୀବନର ଅଙ୍ଗେନିଭା କାହାଣୀ କହିଛି । ଜଣେ ନାରୀ ହିସାବରେ ସେ କାହାଣୀ ମୋ ଭିତରେ ଏକ ତୀବ୍ର ଯନ୍ତ୍ରଣା ସୃଷ୍ଟି କରିଛି । ମୁଁ ତା ପ୍ରତି ଅଧିକ ସଚେତନ ଓ ସମ୍ବେଦନଶୀଳ ହୋଇଉଠିଛି । ମୁଁ ବି ବେଳେବେଳେ ମିତାଲି ମନର ଗତି ସହ ତାଳ ଦେଇ ଭାବେ, ସତରେ କଣ ସଂସାରରେ ଭଲପାଇବାଟା ଏତେ ଭଙ୍ଗୁର ? କୁହାଯାଏ, ବିବାହ ହେଉଛି ଦୁଇଟା ଆତ୍ମାକୁ ବାନ୍ଧୁଥିବା ଏକ ପବିତ୍ର ବନ୍ଧନ । ସେ ବନ୍ଧନ କଣ ଏତେ ଦୁର୍ବଳ ? ସାମାନ୍ୟ ଆଘାତରେ ଏମିତି ଛିଣ୍ଡିଯାଏ ? ବିଚାରୀ ମିତାଲି ଆଜି ଭାରି କରୁଣ ଦେଖାଯାଉଥିଲା । ମତେ ଦେଖି ପଚାରିଲା,'ଆଉ କେତେ ଦିନ ଏମିତି ଅଚଳ ମୁଦ୍ରାଟିଏ ଭଳି ପଡିରହିବି ' ?

ମିତାଲିକୁ ସାନ୍ତ୍ୱନା ଦେବାକୁ ମୋ ପାଟିରେ ଆଉ କିଛି ଭାଷା ନଥିଲା କି ଆସନ୍ତା ଲଗ୍ନରେ ହେବାକୁ ଥିବା ମୋ ବାହାଘର ପାଇଁ ମୋ ମନରେ ଆଉ ସ୍ପୃହା ନ ଥିଲା ।


+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ମାଲକାନଗିରି ଜିଲ୍ଲା ବ୍ୟବସାୟୀ ସଂଘକୁ ସ୍ୱର୍ଗରଥ ହସ୍ତାନ୍ତର କାର୍ଯ୍ୟକ୍ରମ

ମାଲକାନଗିରି, ୧୦/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ବ୍ୟବସାୟୀ ସଂଘକୁ ଆଜି ଏକ ସ୍ୱର୍ଗରଥ ହସ୍ତାନ୍ତର କରାଯିବା ସହ ସଂଘ ଏହାର ଦାୟିତ୍ୱ ଗ୍ରହଣ କରିଛି। ଏଥିଲାଗି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ଥାନୀୟ ଟାଉନ୍ ହଲ୍ ଠାରେ ଆୟାଜନ ହୋଇଥିଲା। ଜୟପୁରର ବିଶିଷ୍ଟ ବ୍ୟବସାୟୀ କିଶୋର ଚୌଧୁରୀ ଏହି ସ୍ୱର୍ଗରଥକୁ ପ୍ରଦାନ କରିଛନ୍ତି। ଏହି ବଦାନ୍ୟ ବ୍ୟକ୍ତିଙ୍କ ପିତା ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ଚୌଧୁରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ସ୍ୱର୍ଗରଥ ପ୍ରଦାନ କରିଛନ୍ତି। ଆଜିର କାର୍ଯ୍ୟକ୍ରମକୁ ଜୟପୁର ବ୍ୟବସାୟୀ ସଂଘର ଉପଦେଷ୍ଟା ଶଶିଭୂଷଣ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଗାଡି ପ୍ରଦାନକାରୀ କିଶୋର ଚୌଧୁରୀ, ତାଙ୍କ ମାତା, ଜୟପୁର ବରିଷ୍ଠ ନାଗରିକ କମିଟିର ସଭାପତି ଏମ୍ ଏମ୍ ଦାସ, ମାଲକାନଗିରି ବ୍ୟବସାୟୀ ସଂଘର ସଭାପତି ସୁରେଶ ସୋମାନି, ସମ୍ପାଦକ ଈଶ୍ୱର ପଟ୍ଟନାୟକ, ରୋଟାରୀ କ୍ଲବ୍ ସଭାପତି ଶ୍ୟାମ ବାବୁ ଦୋରା, ସମ୍ପାଦକ ଈଶ୍ୱର ରାଓ ପ୍ରମୁଖ ମଂଚାସିନ ଥିଲେ। ସଭାକାର୍ଯ୍ୟ ପୂର୍ବରୁ ଅତିଥିମାନେ ଦୀପ ପ୍ରଜ୍ୱଳନ କରିଥିଲେ। ସ୍ୱର୍ଗରଥ ପ୍ରଦାନକାରୀ କିଶୋର ଚୌଧୁରୀ ତାଙ୍କ ପିତାଙ୍କ ବିୟୋଗ ବେଳେ ଏଭଳି ଏକ ସ୍ୱର୍ଗରଥ ଖୋଜିବାରେ ବହୁତ ସମସ୍ୟା ଦେଖା ଯାଇଥିଲା। ତେଣୁ ପିତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ସେ ଏଭଳି ସ୍ୱତନ୍ତ୍ର ରଥ ନିର୍ମାଣ କରି ବିଭିନ୍ନ ଜିଲ୍ଲାକୁ ପ୍ରଦାନ କରୁଛନ୍ତି ବୋଲି ତାଙ୍କ ଭାଷଣରେ କହିଥିଲେ। ମାଲକାନଗିରି ବ୍ୟବସାୟୀ ସଂଘକୁ ଏହି ରଥର ଦାୟିତ୍ୱ ଦିଆଯାଇଥିବାରୁ ସଂଘର ସଭାପତି ଧନ୍ୟବାଦ୍ ଅର୍ପଣ କରିଥିଲେ। ମଂଚାସିନ ଅନ୍ୟ ଅତିଥି ବୃନ୍ଦ ତଥା କିଛି ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମଧ୍ୟ କିଶୋରଙ୍କ ଏଭଳି ମହତ କାର୍ଯ୍ୟକୁ ଭୂରି ଭୂରି ପ୍ରଶଂସା କରିଥିଲେ। ସଭାକାର୍ଯ୍ୟ ଶେଷ ହେବା ପରେ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଓ ସାମୁହିକ ଭୋଜନର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ସଂଖ୍ୟାରେ ସ୍ଥାନୀୟ ବୁଦ୍ଧିଜୀବୀ, ସାମ୍ବାଦିକଗଣ, ବରିଷ୍ଠ ନାଗରିକଗଣ ଏବଂ ବ୍ୟବସାୟୀ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ନିମ୍ବ ଗଛରୁ କ୍ଷୀର ବାହାରିବା ନେଇ ସବୁଠି ଚର୍ଚ୍ଚା

ଧର୍ମଶାଳା, ୧୦/୦୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଭୟପୁର ପଂଚାୟତ ମଙ୍ଗରାଜପୁର ଗ୍ରାମରେ ଦେଖିବାକୁ ମିଳିଛି ଆଲୌକିକ ଘଟଣା । ଏକ ନିମ୍ବ ଗଛରୁ ଧଳା ରସ ବାହାରୁ ଥିବା ନେଇ ଏବେ ସବୁଠି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଏହାକୁ ସ୍ଥାନୀୟ ଲୋକେ କ୍ଷୀର ବୋଲି କହୁଥିବା ବେଳେ ବୈଜ୍ଞାନିକଙ୍କ ମତରେ ଏହା ଏକ ସ୍ୱଭାବିକ ପ୍ରକ୍ରିୟା ବୋଲି କୁହାଯାଇଛି । ସୂଚନା ମୁତାବକ, ନିମ୍ବ ଗଛ ବ୍ରହ୍ମ ସଦୃଶ। ଏହି ଗଛରୁ ମହାପ୍ରଭୁ ଜଗନ୍ନାଥଙ୍କ ବିଗ୍ରହ ନିର୍ମାଣ ହୋଇଥାଏ। ତେଣୁ ବିଭିନ୍ନ ସମୟରେ ଏହି ନିମ୍ବ ଗଛରୁ ବହୁ ଘଟଣାମାନ ଦୃଶ୍ୟମାନ ହୋଇଥାଏ । ଅଭୟପୁର ପଂଚାୟତସ୍ଥ ମଙ୍ଗରାଜପୁର ଗ୍ରାମର ଜିତେନ କୁମାର ବେହେରାଙ୍କ ବାଡିରେ ଦୀର୍ଘ ଦିନ ହେବ ଏକ ନିମ୍ବ ଗଛ ରହିଛି । ତେବେ ପରିବାର ଲୋକେ ସବୁ ଦିନ ଏହି ଗଛର ଯତ୍ନ ନେଇଥାନ୍ତି । ଜିତେନଙ୍କ ମାଆ ବାଡିରେ କାମ କରୁଥିବା ସମୟରେ ଏହି ଗଛରୁ କ୍ଷୀର ବାହାରୁ ଥିବା ଦେଖିବାକୁ ପାଇଥିଲେ। ଫଳରେ ପରିବାର ଓ ସ୍ଥାନୀୟ ଲୋକଙ୍କୁ ଜଣାଇବା ପରେ ଏହାକୁ ଦେଖିବାକୁ ପାଇଁ ଶହଶହ ଲୋକଙ୍କ ଭିଡ ଜମୁଥିବା ଦେଖିବାକୁ ମିଳିଥିଲା । ତେବେ ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଗଛରୁ କ୍ଷୀର ବୋହିବା ସହ ଠାକୁର ବାହାରି ଥିବା ନେଇ ଆଲୋଚନା କରୁଛନ୍ତି । ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି ।

# ଘର ଭଙ୍ଗା କାମକରୁଥିବା ବେଳେ ଛାତ ଭୁଷୁଡି ଶ୍ରମିକଙ୍କ ମୃତ୍ୟୁ

ସୁବର୍ଣ୍ଣପୁର, ୧୦/୦୯ (ନି.ପ୍ର): ଗରିବୀ ପାଇଁ ପେଟ ପୋଷିବାକୁ ଆସିଥିଲେ ପାଖ ସହରକୁ। ମୂଳ ଲାଗି ଦୁଇପଇସା ରୋଜଗାର କଲେ ପରିବାର ପାଇଁ ତେଲଲୁଣ ନେଇଥାନ୍ତା। ରୁଗଣ କାଳ ପିତାମାତାଙ୍କ ପାଇଁ ଔଷଧ ନେବାର ଆଶାକରି ଆସିଥିଲେ ନରସିଂହ। ହେଲେ କିଏ ଜାଣିଥିଲା ଆଜି ସେଇକାମ ହିଁ ତାର ଜୀବନ ନେଇଯିବ ବୋଲି। ବୌଦ୍ଧ ଜିଲ୍ଲା ଧୁଙ୍ଗିଆ ପଦର୍ ଗ୍ରାମରୁ ଆସିଥିବା ନରସିଂହ ମହାନନ୍ଦିଆ ଆଜି ବଡ଼ବଜାର ଦୂର୍ଗାମଣ୍ଡପ ପାଖରେ ଥିବା ସାହୁ ପରିବାରର ଏକ ପୁରୁଣା ଘରର ଛାତ ଭାଙ୍ଗିବାକୁ ଆସିଥିଲେ। ହେଲେ କାମକରୁଥିବା ବେଳେ ଛାତଟି ତା ଉପରେ ହିଁ ଭୁଷୁଡି ପଡିଲା। ଦୁର୍ଗାମଣ୍ଡପ ଛକର ନନ୍ଦ କିଶୋର ସାହୁଙ୍କ ଘରକୁ। ମାତ୍ର ଦୁର୍ଭାଗ୍ୟ ବଶତଃ କାମ କରୁଥିବା ସମୟରେ ଛାତଟି ହଠାତ୍ ମାଡ଼ି ବସିଥିଲା ଆଉ ପୁରା ଛାତ ତଳେ ଚାପି ହୋଇଯାଇଥିଲା ତାରି ପୁରା ଶରୀର। ଦମକଳ ବାହିନୀ ଆସି ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା କୁ ନେଇଥିଲେ ହେଲେ ଡାକ୍ତର ସେଠି ମୃତ ଘୋଷଣା କରିଥିବା ସୂଚନା ମିଳିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ତାଙ୍କର ଗୋଟିଏ କଲେଜ ପଢୁଆ ପୁଅ ଥିବା ସୂଚନା ମିଳିଛି। ପ୍ରକାଶ ଥାଉ କି ଯେ ସୋନପୁର ପୌର ପରିଷଦ ଦ୍ୱାରା ବିଗତ ମାସ ରେ ଏ ବଡ଼ ବଜାର ଅଂଚଳରେ ଜବର ଦଖଲ ଉଚ୍ଛେଦ ପାଇଁ ଅନେକ ପରିବାରକୁ ନୋଟିସ ତାଗିଦ କରିଥିଲା। ନିୟମତଃ ଏ ଅଂଚଳର ଲୋକଙ୍କ ଘରର ଆସବାବ ପାତ୍ର ସ୍ୱତଃ ହଟାଇବା ପରେ ଲୋକ ଙ୍କ ଧନ ଜୀବନ ରକ୍ଷା ପାଇଁ ପୌର ପରିଷଦର ବୁଲଡ଼ୋଜର ମେସିନ ଦ୍ୱାରା ସୁରକ୍ଷିତ ଭାବେ ଘର ଭାଙ୍ଗିବା ଦାୟିତ୍ୱ ଓ କର୍ତବ୍ୟ। ତାହା ପୁଣି ପୌର ପ୍ରଶାସନ, ପୋଲିସ ପ୍ରଶାସନ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତି ରେ କ୍ଷ ଯଦି ପୌର ପରିଷଦ ନିଜ ଦାୟିତ୍ୱ ନିଜେ ମୁଣ୍ଡାଇ ଥାନ୍ତା ଆଜି ଅକାରଣ ରେ ଗୋଟେ ବହୁ ମୂଲ୍ୟ ନିରୀହ ଜୀବନ ଯାଇ ନଥାନ୍ତା, ଏ ଶ୍ରମିକ ପରିବାର ପିଲା ଛୁଆ ଅନାଥ ହୋଇ ନ ଥାନ୍ତେ। ଘର ଭାଙ୍ଗିବାକୁ ପୌର ପରିଷଦ ଲୋକଙ୍କୁ ଟାଇମ ଟାର୍ଗେଟ ଦେଇ ଘୋଷଣା କରିବା ପରେ ଆମେ ମୁଲେଇ ଚୂଲେଇ ଶୀଘ୍ର ଘର ଭଙ୍ଗା କାମ ସାରିବାକୁ କଂଟାକ୍ଟ ଦେଇଥିଲୁ ବୋଲି ଘର ମାଲିକ ପ୍ରକାଶ କରିଛନ୍ତି। କେବଳ ଏ ଘଟଣା ନୁହେଁ ପୌର ଅଧିକାରୀଙ୍କ ସହର ରେ ଏଭଳି ଅନେକ ଘଟଣା ରେ ମନମାନି ଓ ବଡ଼ ପଣିଆ ନୀତିକୁ ବୁଦ୍ଧିଜୀବୀ ଘୋର ନିନ୍ଦା କରିଛନ୍ତି। ଏବଂ ଦୀର୍ଘ ଦିନରୁ ଏ ଅଧିକାରୀଙ୍କ ଅନ୍ୟତ୍ର ବଦଳି ହୋଇଥିବା ସତ୍ୱେ ଏ ଜାଗାରୁ ରିଲିଭ ନ ହେବା ପଛରେ କଣ ରହସ୍ୟ ରହିଛି ତାହା ଏ ଘଟଣା ପରେ ଲୋକେ ପ୍ରଶ୍ନ କରିଛନ୍ତି। ଖବରରୁ ପ୍ରକାଶ ଯେ ଆଜି ସନ୍ଧ୍ୟା ଯାଏ ମୃତ ଶ୍ରମିକର ପରିବାର ସ୍ୱଜନ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବୀ କରି ଉକ୍ତ ଡେଡ ବଡି ର ପି ଏମ କରେଇ ନ ଦେବାକୁ ଜିଦ ଧରିଥିଲେ।

# କନ୍ଧମାଳ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ଓ ସ୍ୱାସ୍ଥ୍ୟ ସମିତି ବୈଠକ ଅନୁଷ୍ଠିତ

କନ୍ଧମାଳ, ୧୦/୦୯ (ନି.ପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କନ୍ଧମାଳ ସାଂସଦ ଅଚ୍ୟୁତାନନ୍ଦ ସାମନ୍ତଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପରିଚାଳନା କମିଟି ବୈଠକ ଏବଂ କନ୍ଧମାଳ ଜିଲ୍ଲା ପରିଷଦର ଅଧ୍ୟକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଫୁଲବାଣୀର ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟି ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ସାହୁ ପାୱାର ପଏଂଟ ମାଧ୍ୟମରେ ଜିଲ୍ଲା ସ୍ୱାସ୍ଥ୍ୟ ମିଶନ ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କାର୍ଯ୍ୟକାରୀ ଯୋଜନା ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିଥିଲେ। ଆଲୋଚନାରୁ ଜଣାପଡ଼ିଛି ଯେ, ଜିଲ୍ଲାର ଖମଣଖୋଲ, ଲଙ୍କାଗଡ଼, ସାଡିଙ୍ଗିଆ, ବୁଢ଼ାଗୁଡ଼ା ଓ କଟିଙ୍ଗିଆ-୧ ଓ କଟିଙ୍ଗିଆ-୨ରେ ସର୍ବମୋଟ୍ ୫ଟି ବାଇକ୍ ଆମ୍ବୁଲାନ୍ସ କାର୍ଯ୍ୟ କରୁଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶାନ୍ତି ମୈତ୍ରୀ ସୌଜନ୍ୟରୁ ୨ଟି, ସ୍ୱାତୀ ସୌଜନ୍ୟରୁ ୧ଟି ଏବଂ ଜାଗୃତି ସୌଜନ୍ୟରୁ ୨ଟି କାର୍ଯ୍ୟ କରୁଥିବାବେଳେ ଜାଗୃତି ସୌଜନ୍ୟରୁ ସୁବର୍ଣ୍ଣଗିରିରେ ଗୋଟିଏ ଡେଲିଭରି ଭ୍ୟାନ, ସ୍ୱାତୀ ସୌଜନ୍ୟରୁ ଫିରିଙ୍ଗିଆ, ଇନ୍ଦ୍ରଗଡ଼, ବେଲଘର ଓ ସାରଙ୍ଗଡ଼ରେ ୪ଟି ଡେଲିଭରି ଭ୍ୟାନ ଏବଂ ବିକଳ୍ପ ବିକାଶ ସୌଜନ୍ୟରୁ ବ୍ରାହ୍ମଣୀ ଗାଁରେ ଗୋଟିଏ ଡେଲିଭରି ଭ୍ୟାନ୍ କାର୍ଯ୍ୟ କରୁଛି। ସେହିପରି ପ୍ରଦାତା, ଏ.ସି.ଏମ୍., ସେବା ଭାରତୀ, ଜାଗୃତି, ଆମଗାମ ସୌଜନ୍ୟରୁ ଜିଲ୍ଲାର ବିଭିନ୍ନ ଅପହଂଚ ଇଲାକାରେ ଆରୋଗ୍ୟ ପ୍ଲସ୍ କାର୍ଯ୍ୟ କରୁଛି। ଆହୁରି ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ସୌଜନ୍ୟରୁ ଜିଲ୍ଲାର ବିଭିନ୍ନ ଯାଗାରେ ମାଦତ ଗୃହ ଓ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା ଆଦି କାର୍ଯ୍ୟ କରାଯାଉଛି। ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ସମ୍ପର୍କୀତ ଯେଉଁ ସବୁ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଫୁଲବାଣୀର ରୋଗୀ କଲ୍ୟାଣ ସମିତି ସମ୍ପର୍କୀତ ଆଲୋଚନାବେଳେ ଗତ ବୈଠକରେ ଆଗତ ହୋଇଥିବା କାର୍ଯ୍ୟଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିବାବେଳେ ଆବଶ୍ୟକ ହେଉଥିବା କାର୍ଯ୍ୟ ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଘୁ.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, କନ୍ଧମାଳ ଜିଲ୍ଲା ଆଶିଷ ଈଶ୍ୱର ପାଟିଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ରାଜେନ୍ଦ୍ର କୁମାର ରଞ୍ଜିତ, ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ), କନ୍ଧମାଳ ଜିଲ୍ଲା ପରିଷଦ ହରପ୍ରସାଦ ଭୋଇଙ୍କ ସମେତ ଉଭୟ କମିଟିର ସମସ୍ତ ସଭ୍ୟ/ସଭ୍ୟା, ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଭାଗୀୟ ପଦାଧିକାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଭୌତିକ ଚିକିତ୍ସା ଦିବସ ପାଳନ

ମାଲକାନଗିରି, ୧୦/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଭୌତିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଚିକିତ୍ସାଳୟରେ ପଂଚମ ମହଲାରେ ଥିବା ଫିଜିଓଥେରାପି ବିଭାଗ ପକ୍ଷରୁ ଏହି ବିଶ୍ୱ ଭୌତିକ (ଫିଜିଓଥେରାପି) ଦିବସ ର ଆୟୋଜନ କରାଯାଇଥିଲା। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲ୍ଲା ହସ୍ପିଟାଲ ସୁପରି ଟେଣ୍ଡେଣ୍ଟ ତଥା ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଶିବପ୍ରସାଦ ମହାରଣା, ମୁଖ୍ୟବକ୍ତା ଭାବେ ଫିଜିଓଥେରାପି ଡାକ୍ତର ସୌରଭ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରତ୍ନାକର ଦାଶ,ହସ୍ପିଟାଲ ମ୍ୟାନେଜେର ସୁଶାନ୍ତ ବିଶ୍ୱାଳ, ଡାକ୍ତର ଶୋହନା ପରବିନ, ଡାକ୍ତର ସୋନିୟା ପ୍ରିୟଦର୍ଶନୀ, ଅନ୍ୟତମ ଅତିଥ ଭାବେ ମାର୍ଟନ ଶ୍ରୀମତୀ ରୁକ୍ମଣୀ ନାୟକ, ସୁବାଶିଷ ବେହେରା ପ୍ରମୁଖ ଯୋଗଦେଇ ଭୌତିକ ଚିକିତ୍ସାରେ ରୋଗୀଙ୍କ ଉପରେ ପ୍ରଭାବ ଏବଂ ଏହାର ଉପକାରିତା ସମ୍ପର୍କରେ ଉପସ୍ଥିତ ଅତିଥିମାନେ ବିଭିନ୍ନ ତଥ୍ୟ ପ୍ରଦାନ କରିଥିଲେ।

# ବଲାଙ୍ଗିର ପୌରପାଳିକା ସଫେଇ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବଲାଙ୍ଗିର , ୧୦/୦୯ (ନି.ପ୍ର): ପୌରପାଳିକା ସଫେଇ କର୍ମଚାରୀ ଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କଲେଜ ଛକ, କଲ୍ୟାଣ ମଣ୍ଡପ ଠାରେ ଆୟୋଜନ କରାଯାଇଥିଲା । ଜିଲ୍ଲା ପୌରପାଳିକା ରେ କାର୍ଯ୍ୟରତ ସଫେଇ କର୍ମଚାରୀ ସର୍ବମୋଟ ଦୁଇଶହ ଷାଠିଏ ବ୍ୟକ୍ତି ବିଶେଷ (ସଫେଇ କର୍ମଚାରୀ )ମାନଙ୍କ ସବିଶେଷ ସ୍ୱାସ୍ଥ୍ୟ ନିରୀକ୍ଷଣ, ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ତାଙ୍କ ବିଭିନ୍ନ ରୋଗ ଓ ସମ୍ଭାବ୍ୟ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଯଥା ଉଚ୍ଚନିମ୍ନ ରକ୍ତଚାପ, ମଧୁମେହ, ଜ୍ୱରକାଶ, ମେଲେରିଆ, ଯକ୍ଷ୍ମା ଇତ୍ୟାଦିକୁ ତର୍ଜମା କରାଯାଇ ଉପଯୁକ୍ତ ସ୍ୱାସ୍ଥ୍ୟ ଓ ନିରନ୍ତର ସ୍ୱାସ୍ଥ୍ୟ ଯତ୍ନ ପାଇଁ ପରାମର୍ଶ ଦିଆଯାଇଥିଲା ବଲାଙ୍ଗିର ପୌରପାଳିକା ସଫେଇ କର୍ମଚାରୀ ଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟରେ ସ୍ୱାସ୍ଥ୍ୟ ଶିବିରରେ ସଫେଇ କର୍ମଚାରୀ ନିଜର ସ୍ୱାସ୍ଥ୍ୟ ଯାଂଚକରାଗଲାବେଳେ ପ୍ରାୟେଏକଶହ ଚାଳିଶ ଜଣ ନିଜ ରକ୍ତ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଇଥିଲେ ଓ ଏଥିରୁ ସତୁରି ଜଣ ଙ୍କ ଉଚ୍ଚ ରକ୍ତଚାପ, ଚାଳିଶ ଜଣଙ୍କର ମଧୁମେହ ଚିହ୍ନଟ କରାଯାଇଥିଲା । ଶିବିର ରେ ସମସ୍ତ ସଫେଇ କର୍ମଚାରୀ ମାନଙ୍କୁ ଉପଯୁକ୍ତ ସ୍ଥଳେ ଟିଟାନାସ ପ୍ରୟୋଗ କରଯାଇଥିଲା । ସ୍ୱାସ୍ଥ୍ୟ ଶିବିରରେ ବଲାଙ୍ଗିର ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିବ୍ୟ କିଶୋର ପତି (ଜନସ୍ୱାସ୍ଥ୍ୟ ଅଧିକାରୀ) ପୌରପାଳିକା ମୁଖ୍ୟ ଅଧିକ୍ଷକ ବିଶ୍ୱମ୍ବର ମିଶ୍ର,ଶ୍ରୀ ମୃତ୍ୟୁଞ୍ଜୟ ମୁଣ୍ଡ ( ଜିଲ୍ଲା ପ୍ରଜେକ୍ଟ ମ୍ୟାନେଜର,ସ୍ୱାସ୍ଥ୍ୟ ମିଶନ ) ଅତିଥି ଭାବେ ଯୋଗଦାନ କରିଥିଲେ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର , ଶାସ୍ତ୍ରୀ ନଗର ମେଡିକାଲ ଅଫିସର ଡା. ମନୋରମା ଶତପଥୀ,ୟୁ ପି ଏଚ୍ ସି .କାନ୍ଧ ପାଲି ମେଡିକାଲ ଅଫିସର ଡା. ଏନ. କେ ପାଢୀ ଯୋଗଦାନ କରି ସମସ୍ତ କର୍ମଚାରୀ ମାନଙ୍କ ସବିଶେଷ ସ୍ୱାସ୍ଥ୍ୟ ଯାଂଚକରାଇଥିଲେ । ଉକ୍ତ ଶିବିରରେ ଏ ପି ଏମ୍ - ଏନ୍ ଏଚ୍ ଏମ୍ ରାମାନୁଜ ପଣ୍ଡା, ନେସନାଲ ପିସ୍ ୟୁନିସନ୍ ର ନିର୍ଦ୍ଦେଶକ, ଚେୟାରମ୍ୟାନ ସତ୍ୟ ରଞ୍ଜନ ମିଶ୍ର ଓ ରବି ରଞ୍ଜନ ପୂଜାରୀ, ଦେବେସ ରାଉତ(ସ୍ୱାସ୍ଥ୍ୟ ନିରୀକ୍ଷକ), ଶ୍ରୀ ଅଭିମନ୍ୟୁ ପଟେଲ ସ୍ୱାସ୍ଥ୍ୟ କର୍ମୀ ଙ୍କ ତରଫରୁ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ, ଆଶା ଦିଦି ଗଣ, ଏ.ଏନ.ମ୍ ଗଣ,ସ୍ୱାସ୍ଥ୍ୟ ନିରୀକ୍ଷକ (ଏନ୍ ଏଚ୍ ଏମ୍) ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ । ଉଭୟ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସଭ୍ୟସଭ୍ୟାଙ୍କ ସକ୍ରିୟ ଅଂଶଗ୍ରହଣରେ ପୌରପରିଷଦ ସଫେଇ କର୍ମଚାରୀ ମାନଙ୍କ ସ୍ୱାସ୍ଥ୍ୟ ଶିବିର ସୁଚାରୁରୂପେ ସମ୍ପର୍ଣ୍ଣ ହୋଇଥିଲା ।

# ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗୀର, ୧୦/୦୯ (ନି.ପ୍ର): ଶନିବାର ବଲାଙ୍ଗୀର ପଥରଚେପା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରରେ ନବମ ତମ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି । ଅଧ୍ୟକ୍ଷ ଶ୍ରୀ କ୍ଷମାନିଧି ଝାଙ୍କରଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା ଏଥିରେ ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ଜିଲ୍ଲା ପରିଷଦର ଚେୟାରମ୍ୟାନ ଶ୍ରୀମତୀ ଦେବକୀ ସାହୁ ଏବଂ ଅନ୍ୟ ସମ୍ମାନନୀୟ ଅତିଥି ଭାବରେ ବଲାଙ୍ଗୀର ଜିଲ୍ଲାର ତହସିଲଦାର ଡକ୍ଟର ପୁଷ୍ପାଞ୍ଜଳୀ ପଣ୍ଡା ଯୋଗଦେଇ ଥିଲେ। ବିଦ୍ୟାଳୟର ସାମାଜିକ ବିଜ୍ଞାନ ଶିକ୍ଷୟିତ୍ରୀ ଅପୂର୍ବା ରାୟ ଚୌଧୁରୀ ସଭାର ପରିଚାଳନା କରିଥିଲେ। ଅଧ୍ୟକ୍ଷ ଶ୍ରୀ କ୍ଷମାନିଧି ଝାଙ୍କର ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିମାନଙ୍କୁ ଅବଗତ କରାଇ ଥିଲେ। ଡକ୍ଟର ପୁଷ୍ପାଞ୍ଜଳୀ ପଣ୍ଡା ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କ ନିମନ୍ତେ ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ କିଭଳି ଲକ୍ଷଭାନ୍ୱିତ ହେବେ କହିଥିଲେ ଏବଂ ସଫଳତାର ମନ୍ତ୍ର ଦେଇଥିଲେ। ଆଦର୍ଶ ବିଦ୍ୟାଳୟ କୁ ଏକ ଖେଳ ପଡିଆ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀମତୀ ଦେବକୀ ସାହୁ ମଧ୍ୟ ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ପ୍ରଶଂସା କରିଥିଲେ ଏବଂ ନିଜ ଝିଅକୁ ଆଦର୍ଶ ବିଦ୍ୟାଳୟରେ ପଢ଼ାଉଥିବା ରୁ ଗର୍ବ ଅନୁଭବ କରନ୍ତି ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆନୁସଙ୍ଗିକ ଉପକରଣ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟକ୍ଷ ଶ୍ରୀ କ୍ଷମାନିଧି ଝାଙ୍କର ପ୍ରତିଷ୍ଠାର ସାତବର୍ଷ ମଧ୍ୟରେ ଆଦର୍ଶ ବିଦ୍ୟାଳୟର ଛାତ୍ର ଛାତ୍ରୀ ଜିଲ୍ଲାସ୍ତରରୁ ଆରମ୍ଭ କରି ଜାତୀୟ ସ୍ତରରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଛନ୍ତି ତାହା ଉପସ୍ଥାପନ କରିଥିଲେ। ନିଜେ ଏହି ଆଦର୍ଶ ବିଦ୍ୟାଳୟର ଏକ ମୁଖ୍ୟଅଂଶ ହୋଇଥିବାରୁ ଗର୍ବ ଅନୁଭବ କରନ୍ତି ବୋଲି ମତପୋଷଣ କରିଥିଲେ। ଏହାପରେ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅନେକ ଉତ୍ସାହର ସହ ଛାତ୍ର ଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀ ଶଶାଙ୍କ ଶେଖର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୨୫୮ ମାମଲାର ଫୈଇସଲା

ଜୟପୁର, ୧୦/୦୯ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ସତ୍ୟ ନାରାୟଣ ମିଶ୍ର, ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର,କୋରାପୁଟ-ଜୟପୁରଙ୍କ ତତ୍ୱାବଧାନରେ ଜିଲ୍ଲା ନ୍ୟାୟଳୟ କୋରାପୁଟ-ଜୟପୁର, କୋରାପୁଟ, ବରିଗୁମ୍ମା, କୋଟପାଡ, ଲକ୍ଷ୍ମୀପୁର, ଦଶମନ୍ତପୁର, ସେମିଳିଗୁଡା, ଲମତାପୁଟ-କୋରାପୁଟର ସମସ୍ତ ଅଦାଲତ ମାନଙ୍କରେ ରାଷ୍ଟୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ନ୍ୟାୟଳୟ କୋରାପୁଟ-ଜୟପୁର ଅଦାଲତରେ ଜିଲ୍ଲା ଓ ଦୌରା ଜଜ ତଥା ଅଧକ୍ଷ୍ୟ ଆଇନ ସେବା ପ୍ରାଧିକରଣ ଶ୍ରୀଯୁକ୍ତ ସତ୍ୟ ନାରାୟଣ ମିଶ୍ର, ପବିତ୍ର ମୋହନ ସାମଲ, ବିଚାରପତି, ପରିବାର ଅଦାଲତ, ଜୟପୁର, ବିଦ୍ୟାଧର ପୃଷ୍ଟି, ଶ୍ରମ ଅଦାଲତ, ଜୟପୁର ବରିଷ୍ଠ ଦେବାନି ବିଚାରପତି, ଜୟପୁର ରେଖାରଣୀ ପଣ୍ଡା, ବରିଷ୍ଠ ଦେବାନି ବିଚାରପତି(ମହିଳା ଅଦାଲତ), ଜୟପୁର, ସୁମନ ଜେନା, ବିଚାରପତି, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ତଥା ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର, ଶ୍ରୀ ସନ୍ତୋଷ କୁମାର ବାରିକ, ଉପଖଣ୍ଡ ଦଣ୍ଡାଧିକରି,ଜୟପୁର, ଶ୍ରୀ ଆଦର୍ଶ କୁମାର ବେହେରା, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକରି, ଜୟପୁର ପ୍ରମୁଖ ଉପସ୍ଥିତ ରହି ପୃଥକ ପୃଥକ ଭାବେ କୋର୍ଟ କରି ମୋକଦ୍ଦମା ଫୈଇସଲା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୭ ଗୋଟି ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାର ଫୈଇସଲା କରି ବୀମା କମ୍ପାନୀ ମାନଙ୍କୁ କ୍ଷତି ପୂରଣ ବାବଦରେ ଆଦେଶ ଦେଇ ବାଦି ମାନଙ୍କୁ ୨,୨୧,୧୫,୦୦୦ ଟଙ୍କା। କ୍ଷତି ପୂରଣ ଦେବା ପାଇଁ ଧାର୍ଯ୍ୟ କରାଯାଇଅଛି, ସେହିପରି ୧୪ ଗୋଟି ବ୍ୟାଙ୍କ ଋଣ ମାମଲାର ବିଚାର କରାଯାଇ ୧୦,୫୨,୦୫୭/- ଟଙ୍କା, ୪୮ଟି ଘ.ଓ. ଇମସ୍ପ ମାମଲା ଫଇସଲା କରାଯାଇ ୨,୬୪,୮୫,୬୯୬/- ଟଙ୍କା ଧାର ?ୟ୍ୟ କରାଯାଇଅଛି। ସେହିପରି ୦୨ ଟି ସାଲିସ ଯୋଗ୍ୟ ମାମଲା, ୧୮ ଗୋଟି ବୈବାହିକ ମାମଲା ସହିତ ୨୯୬୬୫୦/- ଟଙ୍କା ଧାର୍ଯ୍ୟ କରାଯାଇଅଛି , ୧୯ ଗୋଟି ଅନ୍ୟାନ୍ୟ ଦେବନି ମାମଲା ଓ ୧୪୦ ଗୋଟି ଅନ୍ୟାନ୍ୟ ଫୌଜଦାରୀ ମାମଲାର ମଧ ଫଇସଲା ହେଇଅଛି। ଏତତ ବ୍ୟତୀତ ପ୍ରାକ ମାମଲା ଶ୍ରେଣୀ ରେ ୮୮ଗୋଟି ବ୍ୟାଙ୍କ ଋଣ ମାମଲା ବିଚାର କରାଯାଇ ୫୩,୬୭,୦୧୮ ଟଙ୍କା, ୯ ଗୋଟି ଶ୍ରମ ମାମଲା ରେ ୪୨,୦୩,୮୩୪/- ଟଙ୍କା, ଜଣ ସାଧାରଣ ମାମଲା ୧୪ ଗୋଟି, ୧୧ ଗୋଟି ର-ଉଷବକ୍ଷକ୍ଷବଭ ମାମଲା ସହିତ ୨୬,୦୦୦/- ଟଙ୍କା ଅର୍ଥ ଜରିମାନା କରାଯାଇଅଛି ଓ ୦୯ ଗୋଟି ଅନ୍ୟାନ୍ୟ ପ୍ରାକ ମାମଲାର ଫଇସଲା କରାଯାଇଅଛି ଏବଂ ୦୩ ପରିବାରରେ ସ୍ୱାମୀସ୍ତ୍ରୀ ବହୁଦିନ ଧରି ପୁଅଝିଅଙ୍କୁ ଛାଡି ଅଲଗା ରହୁଥିଲେ ଏବଂ ପାରିବାରିକ ଅଦାଲତ ଅସ୍ତକ୍ଷେପ ପରେ ୦୩ଟି ପରିବାର ପରସ୍ପର ଆଲିଙ୍ଗନ ହୋଇ ସାତଜନ୍ମ ପାଇଁ ସୁଖଦୁଃଖରେ ସାଥି ହୋଇ ରହିବୁ ବୋଲି ଜିଲ୍ଲା ଜଜଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ ।

# ଅଘରିଆ ସମାଜକୁ ଜମି ପ୍ରଦାନକୁ ନେଇ ଚଂଚକତା ଅଭିଯୋଗ : ନରସିଂହଙ୍କୁ ଭେଟି ଦାବିପତ୍ର ଦେଲେ ଅଖିଳ ଭାରତୀୟ ଅଘରିଆ ସମାଜ

ବଲାଙ୍ଗୀର, ୧୦/୦୯ (ନି.ପ୍ର): ଝାରସୁଗୁଡା ଉପ-ନିର୍ବାଚନ ସମୟରେ ନିର୍ବାଚନ ପ୍ରଚାର ଜୋର ଧରିଥିବାବେଳେ ମୁଖ୍ୟମନ୍ତ୍ରୀ ଅଘରିଆ ଭବନ ନିର୍ମାଣ ପାଇଁ ଅଧା ଏକର ଜମି ଏବଂ ଅଘରିଆ ସମାଜର ମଙ୍ଗଳ ତଥା ଅନ୍ୟାନ୍ୟ ସମାଜିକ କାର୍ଯ୍ୟ ପାଇଁ ୩ କୋଟି ଟଙ୍କାର ଅନୁଦାନ ରାଶି ଘୋଷଣା କରିଥିଲେ। ସେ ସମୟରେ ସରକାରଙ୍କ ତରଫରୁ ଏହା ମଧ୍ୟ କୁହାଯାଇଥିଲା ଯେ ଅଖିଳ ଭାରତୀୟ ଅଘରିଆ ସମାଜ ଓଡିଶା ରାଜ୍ୟ କର୍ମକର୍ତାମାନେ ଭୁବନେଶ୍ୱର ଆସି ବିଭିନ୍ନ ସ୍ଥାନରେ ଜାଗା ଦେଖି ଉପଯୁକ୍ତ ଜାଗାକୁ ବାଛିବା ପରେ ଜମି କୁ ନେଇ ଚୁଡାନ୍ତ ନିଷ୍ପତି ନିଆହେବ କିନ୍ତୁ ବଡଯନାର ବିଷୟ ଭୁବନେଶ୍ୱରରେ ଥିବା ଏକ ସଂଗଠନ ଅଗ୍ରଗାମୀ । ଯେଉଁ ସଂଗଠନ କି ଅଘରିଆ ସମାଜର ଉନ୍ନତି ପାଇଁ କୌଣସି କାମ କରେ ନାହିଁ ତାହା ଏକ ମନୋରଂଜନ ଧର୍ମ ସଂଗଠନ ଯେଉଁଥିଲେ ସରକାରୀ କର୍ମଚାରୀ, ବଡ ବଡ ବ୍ୟବସାୟୀ ତଥା କିଛି ଅବସରପ୍ରାପ୍ତ ଅଫିସର ସଭ୍ୟ ଅଛନ୍ତି । ସେହି ସଂଗଠନ ଏହି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଜମି ଓ ଅନୁଦାନ ରାଶିକୁ ଚଂଚକତା କରି ନିଜ ନାଁ ରେ କରେଇ ନେବା ରେ ବସିଛନ୍ତି । ଯଦିଓ ଜମିଟି ଏ ପର୍ଯ୍ୟନ୍ତ ସଂଗଠନ ନାଁ ରେ ରେଜିଷ୍ଟ୍ରି ହୋଇନାହିଁ କିନ୍ତୁ ତାଙ୍କ ନାଁ ଏଲଟମେଣ୍ଟ ହୋଇଥିବା ସୂଚନା ଅଛି। ତେଣୁ ଆଜି ଅଖିଳ ଭାରତୀୟ ଅଘରିଆ ସମାଜ ର ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ନେତୃତ୍ୱରେ ଓଡିଶା ଅଘରିଆ ସମାଜର ସମସ୍ତ ଗୁଡି ଓ ମଣ୍ଡଳର ୪୦ ଜଣ କର୍ମକର୍ତା ବଲାଙ୍ଗିର ବିଧାୟକ ତଥା ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ ଭେଟି ଏହାର ସମାଧାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଏହି ଦାବିପତ୍ରରେ ଅନୁରୋଧ କରିଛନ୍ତି ଯେ ଏ ଜମି ହସ୍ତାନ୍ତରିତ କରିବା ପାଇଁ ସରକାର ଦେଇଥିବା ନିର୍ଦ୍ଦେଶନାମାକୁ ଅବୈଧ ଘୋଷଣା କରି ଜମି ଓ ଅନୁଦାନ ରାଶି ଅଖିଳ ଭାରତୀୟ ଅଘରିଆ ସମାଜ ଓଡିଶା ପ୍ରଦେଶ ଟ୍ରଷ୍ଟ ନାଁରେ ପ୍ରଦାନ କରାଯାଉ। ଦାବିପତ୍ର ଗ୍ରହଣ ଓ ଆଲୋଚନା ପରେ ମାନ୍ୟବର ବଲାଙ୍ଗିର ବିଧାୟକ ଶ୍ରୀ ମିଶ୍ର କହିଛନ୍ତି ଅଘରିଆ ସମାଜ ପ୍ରାୟତଃ ପଶ୍ଚିମ ଓଡିଶାରେ ବସବାସ କରନ୍ତି। ଏହି ସମାଜ ସଂଗଠିତ ହୋଇ ଏ ଅଂଚଳରେ ରହୁଥିବା ତାଙ୍କ ସମାଜର ଲୋକଙ୍କ ଅର୍ଥନୈତିକ ସଂସ୍କୃତିକ ତଥା ସମାଜିକ ବିକାଶ କରିବାରେ କାମ କରନ୍ତି ଏହା ସମସ୍ତଙ୍କୁ ଜଣା। ଯଦି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ଜମି ଅନ୍ୟ ଏକ ସଂଗଠନ ହଡପ କରିବାର ମସୁଧା କରୁଛି ତେବେ ଏହାକୁ ବରଦାସ୍ତ କରାଯିବ ନାହିଁ । ଏହାକୁ ନେଇ ନିଶ୍ଚିତ ଭାବରେ ବିଭାଗୀୟ ସଚିବ ଓ ଅଧିକାରୀମାନଙ୍କ ସହ ଏହାର ସଫଳତା ଦିଗରେ ଆଲୋଚନା କରି ପଦକ୍ଷେପ ନେବେ । ଯଦି ଆବଶ୍ୟକ ପଡେ ଆଗାମୀ ୨୨ ତାରିଖ ରେ ହେଉଥିବା ବିଧାନସଭା ଅଧିବେଶନ ସମୟରେ ଜୋରଦାର ଲଢେଇ ହେବ ବୋଲି ସେ ଉପସ୍ଥିତ ଅଘରିଆ ସମାଜର କର୍ମକର୍ତାଙ୍କୁ ପ୍ରତିଶୃତି ଦେଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ନିର୍ବାଚନ ସମୟରେ କରିଥିବା ଏହି ଘୋଷଣା ପ୍ରକୃତରେ ଅଖିଳ ଭାରତୀୟ ଅଘରିଆ ସମାଜ ଓଡିଶା ପ୍ରଦେଶ ପାଇଁ ଉଦ୍ଦିଷ୍ଟ ଥିଲା କିନ୍ତୁ ଅନ୍ୟ ଏକ ସଂଗଠନ ଏହାକୁ ହଡପ କଲେ ଚଳିବ ନାହିଁ । ଏହି ଚଂଚକତାରେ ଯେତେ ବଡ ଅଧିକାରୀମାନେ ସାମିଲ ଥାଆନ୍ତୁ ତାର ପର୍ଦାଫାସ କରାଯିବ ଏବଂ ପ୍ରକୃତ ସମାଜକୁ ଜମି ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ସେ କହିଥିଲେ। ବିଧାୟକଙ୍କୁ ଦାବିପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଭାପତି ଦୀନବନ୍ଧୁ ନାଏକ, ଜିଲ୍ଲା ସଂପାଦକ ଦିଗାମ୍ବର ନାଏକ, ଉପଦେଷ୍ଟା ଦ୍ୱାରିକାନାଥ ପଟେଲ, ହରିଶଙ୍କର ସାଏ, ଚିତରଂଜନ ପଟେଲଙ୍କ ସମେତ ୪୦ ରୁ ଉର୍ଦ୍ଧ ସଦସ୍ୟ ଉପସ୍ଥିତ ଥିଲେ।

# ପୁରୀ ଗୋବର୍ଦ୍ଧନ ପୀଠରୁ ପୂର୍ବ ଏସିଆ ଅଭିଯାନ

ପୁରୀ, ୧୦/୦୯ (ନି.ପ୍ର): ଇତିହାସ ସଂକଳନ ଓଡ଼ିଶା ପ୍ରଦେଶ ଏବଂ କଳିଙ୍ଗ ରିସର୍ଚ୍ଚ ଫାଉଣ୍ଡେସନ ଦ୍ୱାରା ୨୩ଜଣ ବିଦ୍ୱାନ ପୂର୍ବ ଏସିଆ ଅଭିଯାନ ଆରମ୍ଭ କରିଛନ୍ତି। ସେମାନେ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ପରେ ଗୋବର୍ଦ୍ଧନ ପୀଠରେ ଜଗତଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟିଥିଲେ। ଗୁରୁଙ୍କ ଆଶୀର୍ବାଦ ନେଇ ସେଠାରୁ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଟିମ୍‌ରେ ପ୍ରଫେସର, ଇଂଜିନିୟର, ଐତିହାସିକ, ଡକ୍ଟର, ଗବେଷକମାନେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ବିମାନବନ୍ଦରରୁ ଥାଇଲାଣ୍ଡ, ଭିୟତନାମ, କାମ୍ବୋଡ଼ିଆ, ମାଲେସିଆ, ବାଲିଯାଭା, ଇଣ୍ଡୋନେସିଆ ଓ ସିଙ୍ଗାପୁର ଯାଇ ୨୩ ତାରିଖରେ ଫେରିବେ। ୩ହଜାର ବର୍ଷର ଇତିହାସ ଗବେଷଣା କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି ଡଃ ଅଦ୍ରିଶ ବ୍ରହ୍ମଦତ ଓ କମଳେଶ ଦାଶ କହିଛନ୍ତି।

# ଶହୀଦ୍ ବାଘାଯତୀନଙ୍କ ୧୦୮ ତମ ସ୍ମୃତି ଦିବସ ଅନୁଷ୍ଠିତ




ବାଲେଶ୍ୱର , ୧୦/୦୯ (ନି.ପ୍ର): ବାରବାଟୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବାଘାଯତୀନ ଉନ୍ନୟନ କମିଟି ଆନୁକୁଲ୍ୟରେ ଶହୀଦ୍ ବାଘାଯତୀନଙ୍କ ୧୦୮ତମ ସ୍ମୃତି ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବରେ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ), ପର୍ଯ୍ୟଟନ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ ବିଭାଗ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିବା ସହିତ ବାଘାଯତୀନଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ ଓ ମୁଖ୍ୟବକ୍ତା ଭାବରେ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଲୋକସଭା ସାଂସଦ, ବାଲେଶ୍ୱର ଯୋଗଦେଇଥିଲେ ଓ ଶ୍ରୀଯୁକ୍ତ ସ୍ୱରୁପ କୁମାର ଦାସ, ମାନ୍ୟବର ବିଧାୟକ, ବାଲେଶ୍ୱର, ଶ୍ରୀମତୀ ସବିତା ସାହୁ, ପୌରାଧକ୍ଷା, ବାଲେଶ୍ୱର ଏବଂ ଶ୍ରୀଯୁକ୍ତ ଆଲୋକ କୁମାର ସାହୁ, ଅଧକ୍ଷ, ବ୍ରିଟ, ବାଲେଶ୍ୱର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ଓ ବାଲେଶ୍ୱର ଜିଲ୍ଲାପାଳ ତଥା କମିଟିର ସଭାପତି ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ। ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର ବାଘାଯତୀନଙ୍କ ସ୍ମୃତିଚାରଣ କରିବା ସହିତ ଆଗାମୀ ପୀଢି କିଭଳି ବାଘାଯତୀନଙ୍କ ବଳିଦାନକୁ ମନେ ପକାଇବେ, ସେଥିପାଇଁ ଜିଲ୍ଲାପାଳ ଏବଂ ପ୍ରଶାସନକୁ ଅନୁରୋଧ କରିଥିଲେ । ମାନ୍ୟବର ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ଷଡ଼ଙ୍ଗୀ ବାଘାଯତୀନଙ୍କ ଜୀବନୀ ଏବଂ ବଳିଦାନ ଉପରେ ଆଲୋକପାତ କରି ବାଲ୍ୟାବସ୍ଥାରେ ସେ ବାଘ ସଙ୍ଗେ ଲଢି ବାଘାଯତୀନ ନାମରେ ନାମିତ ହୋଇଥିବା ପ୍ରକାଶ କରିଥିଲେ । ତାଙ୍କର ବଳିଦାନ, ଦେଶପ୍ରେମ ଓ ବ୍ରିଟିଶମାନଙ୍କ ବିରୁଦ୍ଧରେ ସଂଗ୍ରାମ କରି ସେ ଦେଶ ପାଇଁ ଯେଭଳି ପ୍ରାଣ ଦେଇଥିଲେ ତାହା ଇତିହାସରେ ବିରଳ ବୋଲି ସେ ମତବ୍ୟକ୍ତ କରିଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତ ସମେତ ବହୁ ରାଷ୍ଟ୍ର ସ୍ୱାଧୀନ ହୋଇଥିଲେ । ମହାତ୍ମାଗାନ୍ଧୀ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସଂଗ୍ରାମ ବ୍ରିଟିଶ ସରକାରଙ୍କୁ ସେତେବେଳେ ଦୋହଲାଇ ଦେଇଥିଲା । ବାଘାଯତୀନଙ୍କ ବଳିଦାନ ଦିବସ ପାଳନ ଅବସରରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଉପସ୍ଥିତ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇ ଦେଶପ୍ରେମ ସହିତ ନିରକ୍ଷରତା, ଅନ୍ଧବିଶ୍ୱାସକୁ ପ୍ରତିହତ କରିପାରେଲେ ଏ ଦିବସ ପାଳନର ସାର୍ଥକତା ପ୍ରତିପାଦିତ ହୋଇପାରିବ ବୋଲି କହିଥିଲେ । ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଦାସ ନିଜ ସ୍କୁଲ ଜୀବନରେ ବାଘା ଯତୀନଙ୍କ ବୀରତ୍ୱ ସମ୍ପର୍କରେ ପଢିଥିବା ଏବଂ ସେଥିରୁ ଯଥେଷ୍ଟ ପ୍ରେରଣା ପାଇଥିବା ପ୍ରକାଶ କରିଥିଲେ । ବାଘା ଯତୀନ ଯେଉଁଠାରେ ପ୍ରାଣବଳି ଦେଇଥିଲେ, ସେହିଠାରେ ଠିଆ ହୋଇଥିବାରୁ ନିଜକୁ ଗୌରବାନ୍ୱିତ ମନେ କରୁଥିବା ଶ୍ରୀଯୁକ୍ତ ଦାସ କହିଥିଲେ । ବାଘାଯତୀନଙ୍କ ସ୍ମୃତି ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରା ଯାଇଥିଲା। ଏହି ଅବସରରେ ପଶ୍ଚିମବଙ୍ଗରୁ ଆସିଥିବା ରକ୍ତତୀର୍ଥ ଯାତ୍ରୀ ଉପସ୍ଥିତ ଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସମେତ ବିଦ୍ୟାଳୟର ଛାତ୍ରୀଗଣ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀଯୁକ୍ତ ସୁଜିତ କୁମାର ଦେବ, କାର୍ଯ୍ୟକାରୀ ସଭାପତି ଓ ହରେନ ଚନ୍ଦ୍ର ରଣା, ସାଧାରଣ ସମ୍ପାଦକ ସଭା ପରିଚାଳନା କରିଥିଲେ ଓ ଶ୍ରୀମତୀ ମିନା ମହାନ୍ତି, କାଉନସିଲର ଧନ୍ୟବାଦ ଅର୍ପଣ କରିଥିଲେ।

# ପାଣି ପ୍ରକଳ୍ପ ପାଇପ ବିଛା ନାମରେ ରାସ୍ତା ହେଉଛି ନଷ୍ଟ : ଅଭିଯୋଗକୁ କାହାର ଖାତିର ନାହିଁ

ଖଇରା, ୧୦/୦୯ (ନି.ପ୍ର): ଖଇରା ବ୍ଲକ ଅଧୀନ କୁପାରୀ ଜୋନରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ବେଳେ ପାଇପ ବିଛା କାମ ପାଇଁ ବଡ ବଡ କଂକ୍ରିଟ ରାସ୍ତା ନଷ୍ଟ କରାଯାଉଥିବା ଏବଂ ମାସ ମାସ ଧରି ମରାମତି କରାଯାଉନଥିବାରୁ ଅଭିଯୋଗ ହୋଇଛି । କୁପାରୀ ସମେତ କଇଥଗଡିଆ,ଗଡପୋଖରୀ,ରଟିଣା, ବାଉଁଶଗଡିଆ,ହରିପୁର ଇତ୍ୟାଦି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ସଂଯୋଗୀକରଣ ରାସ୍ତା ଗୁଡିକ ବହୁ ପରିମାଣରେ ନଷ୍ଟ କରାଯାଉଛି । ନିକଟରେ କଇଥଗଡିଆ ପଞ୍ଚାୟତ ସାନ ନୁଆଗାଁ ର ପାଟଣାସାହିରେ ଏଭଳି ଭାବେ କଂକ୍ରିଟ ରାସ୍ତାକୁ ଖୋଳି ପାଇପ ବିଛାଇବା ପରେ ବିନା ରାସ୍ତା ମରାମତି ଏହାକୁ ଛାଡି ଦିଆଯାଇଛି । ଯେଉଁଥିପାଇଁ ଏହି ସାହିର ଲୋକମାନେ ଅତ୍ୟନ୍ତ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାଇଛନ୍ତି । ଠିକାଦାରୀ ସଂସ୍ଥାର ଏଭଳି କାର୍ଯ୍ୟ ଜାରି ରହିଲେ ଗ୍ରାମବାସୀ ମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଗ୍ରାମର ଅଜୟ ଜେନା,ସୃଜୟ ବିଶ୍ୱାଳ,ଜୟନ୍ତ ପାତ୍ର,ବଂଶୀଧର ରାଉଳ,ରମେଶ ପାତ୍ର,ମଧୁସୂଦନ ଓଝା,ସାନୁ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି । ଅଭିଯୋଗ ଅନୁଯାୟୀ ଠିକାଦାର ୮ଦିନ ତଳେ ରାସ୍ତାର କଡରେ ପାଣି ପାଇପ ନେବା ପରିବର୍ତ୍ତେ ରାସ୍ତା ମଝିକୁ ମେସିନରେ ଖୋଳି ପାଇପ ନେଇଥିଲେ। ବର୍ଷେ ତଳେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ରାସ୍ତାକୁ ଏଭଳି ବେପରୁଆ ଭାବେ ଖୋଳିବାକୁ ନେଇ ଗ୍ରାମବାସୀ ମାନେ ପ୍ରତିବାଦ ଜଣାଇଥିଲେ । ହେଲେ ସରପଞ୍ଚ ତାଙ୍କୁ କହିଛନ୍ତି ବୋଲି କହି ଜୋରଜବରଦସ୍ତ ରାସ୍ତା ଖୋଳି ଥିଲେ । ଏ ସମ୍ପର୍କରେ ସେମାନେ ଅଧିକାରୀଙ୍କୁ ଜଣାଇବା ପରେ ସେମାନେ ମରାମତି କରିବାକୁ ପ୍ରତିଶୃତି ଦେଇଥିଲେ। ହେଲେ ୮ଦିନ ବିତିଯାଇଥିଲେ ହେଁ ଠିକାଦାର ମରାମତିର ନାଁଗନ୍ଧ ଧରୁ ନଥିବାର ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଠିକାଦାର ର ବେଖାତିର କୁ ନେଇ ସମୂହ ଗ୍ରାମବାସୀ ଜିଲାପାଳଙ୍କୁ ଭେଟିବାକୁ ମଧ୍ୟ ନିଷ୍ପତ୍ତି ନେଇଥିବାର ଜଣାଯାଇଛି ।



# ମହିଳାଙ୍କ ଆତ୍ମହତ୍ୟା

ବସ୍ତା,୧୦।୯(ନିପ୍ର):ସିଂଲା ଥାନା ଅନ୍ତର୍ଗତ ରାଇପୁର ଗ୍ରାମର ଦୀଲ୍ଲୀପ ଜେନା ଙ୍କ ସ୍ତ୍ରୀ ପୂଜାରାଣୀ ଜେନା ଆଜି ସକାଳେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ ବାଲିଆପାଳ ଥାନା ଅନ୍ତର୍ଗତ ଚାନ୍ଦମଣି ଗ୍ରାମର ଜନ୍ମେଜୟ ଜେନା ଙ୍କ ଝିଅ ପୂଜାରାଣୀ ଙ୍କ ସହ ରାଇପୁର ଗ୍ରାମର ବଂଶୀଧର ଜେନା ଙ୍କ ପୁଅ ଙ୍କ ସହ ଗତ ୩ ବର୍ଷ ପୂର୍ବରୁ ବୈଦୀକ ରୀତି ରେ ବିବାହ ହୋଇ ଥିଲା। ସେମାନଙ୍କ ର ଜଣେ ୨ ବର୍ଷ ର ଝିଅ ରହିଛି। ତେବେ ଦିଲ୍ଲୀପ ବାହାର ରାଜ୍ୟ ରେ ଏକ ଘରୋଇ କମ୍ପାନୀ ରେ କାର୍ଯ୍ୟ କରୁଥିବା ବେଳେ ଆଜି ସକାଳେ ପୂଜାରାଣୀ କୌଣସି କଥା କୁ ନେଇ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତ ମହିଳା ଙ୍କ ବାପଘର ଲୋକେ ତାଙ୍କ ଝିଅ ଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିବା ବେଳେ ସିଂଲା ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ୨୯/୨୦୨୩ ମୂଳେ ମାମଲା ରଜୁ କରି ଅଧିକ ତଦନ୍ତ ଜାରି ରଖିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

## ଜି-୨୦ ନୈଶ୍ୟଭୋଜିକୁ....

ମୋତେ ଯାହା ଲାଗୁଛି, ତାଙ୍କ ମନରେ ଗୋଟେ ହୀନମନ୍ୟତା ରହିଛି। ଏତେ ଏତେ ବଡ଼ ଲୋକଙ୍କ ଭିତରକୁ ମୁଁ କ'ଣ ଯିବି ବୋଲି ତାଙ୍କ ମନରେ ରହିଛି। ଯାହାର ଦକ୍ଷତା ଓ ଯୋଗ୍ୟତା ନ ଥାଏ, ତାର ହୀନମନ୍ୟତା ଥାଏ। ମୋତେ ଯେତେ ଦୂର ଲାଗୁଛି ଏହି ହୀନମନ୍ୟତା ଯୋଗୁ ସେ ସେଠାକୁ ଗଲେ ନାହିଁ। ଜୟନାରାୟଣ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ ସେଠାକୁ ଯାଇଥିଲେ ବି କ'ଣ କରିଥା'ନ୍ତେ ? କାରଣ ଓଡ଼ିଶାକୁ ଯେଉଁ ଅବସ୍ଥାରେ ସେ ପକାଇ ସାରିଛନ୍ତି, ସେଥିପାଇଁ କୌଣସି ସ୍ଥାନକୁ ସେ ଯିବାକୁ ଭୟ କରୁଛନ୍ତି। ଯଦି କେହି ଦାରିଦ୍ର୍ୟତା ଓ ନାରୀ ନିର୍ଯାତନା ଆଦି ପ୍ରସଙ୍ଗରେ ତାଙ୍କୁ ପ୍ରଶ୍ନ କରି ଦେବେ, ତା'ହେଲେ ସେ କ'ଣ କହିବେ। ମୁଣ୍ଡ ପିଛା ଆୟରେ ଆମେ ତଳେ ପଡ଼ିଛୁ ବୋଲି କହିବେ କି ? ନାରୀ ନିର୍ଯାତନାରେ ଆମେ ଦେଶରେ ପ୍ରଥମ ବୋଲି କହିବେ କି ? ଏ ସବୁ କଥାକୁ ନେଇ ତାଙ୍କ ଭିତରେ ହୀନମନ୍ୟତା ସୃଷ୍ଟି ହୋଇଛି। ସେ ନଯିବା ବି ଗୋଟେ ଦୃଷ୍ଟିରୁ ଭଲ। ଓଡ଼ିଶାର ସମ୍ମାନଟା କମ୍‌ସେ କମ୍ ରହିଗଲା। ଏ-୨୦ ସମ୍ମିଳନୀରେ ଓଡ଼ିଶାର ଅସ୍ମିତାକୁ ଅଗ୍ରାଧିକାର ମିଳିଲା। କିନ୍ତୁ ତା' ସତ୍ତ୍ୱେ ନବୀନ ବାବୁ ଧନ୍ୟବାଦ ଦେଲେନି। ସେ କେବଳ ଧନ୍ୟବାଦ ନେଇ ଜାଣନ୍ତି, କିନ୍ତୁ କେବେ ଦେଇ ଜାଣନ୍ତିନି। ନବୀନ ବାବୁଙ୍କ ପାଖରେ ସାମାନ୍ୟତମ ସୌଜନ୍ୟତା ନାହିଁ। ଗୋଟେ ଗୋଟେ ଲୋକଙ୍କର ଚରିତ୍ର ଏମିତି ଥାଏ। କାହାକୁ ଧନ୍ୟବାଦ ଦିଆନ୍ତିନି ବୋଲି କହିଛନ୍ତି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର। ଜି-୨୦ ଶିଖର ସମ୍ମିଳନୀର ଚଳିତ ସଂସ୍କରଣ ଆଜି ଶେଷ ହୋଇଛି। ଦୁଇ ଦିନ ଧରି ଦିଲ୍ଲୀର ଭାରତ ମଣ୍ଡପମରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଉଦଯାପିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବ୍ରାଜିଲ ରାଷ୍ଟ୍ରପତିଙ୍କୁ ଅଧକ୍ଷତା ଦାୟିତ୍ୱ ଦେଇ ସଭା ସାଙ୍ଗ କରି ଆସନ୍ତା ନଭେମ୍ବର ପର୍ଯ୍ୟନ୍ତ ଭାରତ ପାଖରେ ଅଧକ୍ଷତା ଦାୟିତ୍ୱ ଥିବାରୁ ଏକ ଭର୍ଚୁଆଲ୍ ବୈଠକ ପାଇଁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ।

## ୧୩ରୁ ଆଉ ଏକ ...

ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାଶ୍ୱର୍ବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ । ଏହା ପ୍ରଭାବରେ ୧୨ରୁ ୧୫ ଯାଏ ବର୍ଷା ବଢ଼ିବ । ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପୂର୍ବାନୁମାନ କରିଛି । ଶନିବାର ରାଜ୍ୟର କାଁ ଭାଁ ସ୍ଥାନରେ ବର୍ଷା ହୋଇଛି । କେନ୍ଦ୍ରାପଡ଼ାରେ ୧୧.୨, ଜଗତସିଂହପୁରରେ ୨.୪ ଓ ଭଦ୍ରକରେ ୨.୪ମିମି ବର୍ଷା ହୋଇଛି । ଲଘୁଚାପ ବର୍ଷା ସତ୍ତ୍ୱେ ରାଜ୍ୟରେ ନିଅଣ୍ଟିଆ ବର୍ଷା ସ୍ଥିତି ଜାରି ରହିଛି । ଜୁନ୍ ୧ ତାରିଖରୁ ସେପଟ୍ଟେମ୍ବର ୯ ତାରିଖ ଭିତରେ ରାଜ୍ୟରେ ମୋଟ ୮୮୮ମିମି ବର୍ଷା ହୋଇଛି । ଏହି ସମୟ ଭିତରେ ସ୍ୱାଭାବିକ ବର୍ଷାର ପରିମାଣ ୧୦୦୧ମିମି ଥିଲା । ତେବେ ୯ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ସ୍ଥିତି ରହିଛି । କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର ଓ ନବରଙ୍ଗପୁର ଜିଲ୍ଲାରେ ସ୍ଥିତି ନିଅଣ୍ଟିଆ ରହିଛି ।

## ଅପରାଜିତାଙ୍କୁ କିରୁଥିକା ପ୍ରଭାକରନଙ୍କ....

ଷ୍ଟ ଭାବେ କହୁଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀମତୀ କିରୁଥିକା ପ୍ରଭାକରନ ଓକିଲ ନୋଟିସ ମାଧ୍ୟମରେ ମୋତେ ସାର୍ବଜନୀନ ଭାବେ କ୍ଷମା ମାଗିବା ପାଇଁ କହିଛନ୍ତି କ୍ଷ ସଂସଦୀୟ କ୍ଷେତ୍ରର ଜନସାଧାରଣ ଏବଂ ଓଡିଶାବାସୀ କୁହନ୍ତୁ କିଏ କ୍ଷମା ମାଗିବା ଦରକାର ? କିରୁଥିକା ପ୍ରଭାକରନ, ଯିଏ ଗରିବ ଚାଷୀ ମାନଙ୍କ ୩୦୦ ଏକର ଜମିକୁ ଦୁଇ ବର୍ଷ ହେବ ଜଳ ସେଚନ ଅଟକାଇଛନ୍ତି ନା ମୁଁ ? ଏହା କେବଳ ଏକ ଉଦାହରଣ କ୍ଷ ଓଡିଶା ରାଜ୍ୟର ବିଭିନ୍ନ ଜାଗାରେ ଏହି ପ୍ରଭାବଶାଳୀ ମହିଳାଙ୍କ ଦ୍ୱାରା ଏଭଳି ବହୁ ଘଟଣା ଇତି ମଧ୍ୟରେ ସାମ୍ନାକୁ ଆସୁଛି ଏହି ସମସ୍ତ ବିଷୟ ପାଇଁ କିଏ କ୍ଷମା ମାଗିବା ଦରକାର କିରୁଥିକା ପ୍ରଭାକରନ ନା ମୁଁ ?

# ନୀଳଗିରି ଏନଏସିରେ ଦୁର୍ନୀତି ଓ ମାଡ଼ ଘଟଣାର ତଦନ୍ତ ଦାବି ନେଇ ବିଜେପିର ସାମ୍ବାଦିକ ସମ୍ମିଳନୀ

ନୀଳଗିରି , ୧୦/୦୯ (ନି.ପ୍ର): ନୀଳଗିରି ଏନଏସିରେ କିଛିଦିନ ଧରି ଚାଲିଥିବା କେଳେଙ୍କାରି ଘଟଣାରେ ରବିବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ କରି ଘଟଣାରେ ସଂପୃକ୍ତ ଦୋଷୀଙ୍କୁ କୋଠର ଦଣ୍ଡ ଦେବାକୁ ଦାବିରଖିଛନ୍ତି। ପ୍ରଥମେ ଅଧକ୍ଷାଙ୍କ ସ୍ୱାମୀ ସିଟି ମିଶନ ମ୍ୟାନେମେଣ୍ଟ ମ୍ୟାନେଜର ଶିବାଜୀ ଦେଙ୍କୁ ମାଡ଼ ମାରିବା ଘଟଣା ପରେ ପରେ କାର୍ଯ୍ୟାଳୟ ପରିସରରୁ ଏନଏସି ର ଏକମାତ୍ର ପୁରୁଣା ବସ୍ (କ୍ୟାର୍ଣ୍ଟ) ଉଭାନ ହେବା ଘଟଣା ନୀଳଗିରି ସମେତ ସାରା ରାଜ୍ୟରେ ଚହଳ ପଡ଼ିଛି। ତେବେ ଏହି ସାମ୍ବାଦିକ ସମ୍ମିଳନୀରେ ନୀଳଗିରି ବିଜେପିର କିଛି ତୁଙ୍ଗ ନେତୃତ୍ୱ ଚୋରୀ ଘଟଣାରେ ସଂପୃକ୍ତ କାର୍ଯ୍ୟାଳୟର କର୍ମଚାରୀ ଏବଂ ନିର୍ବାଚିତ ଜନ ପ୍ରତିନିଧି ମାନେ ସଂପୃକ୍ତି ଥାଇ ପାରନ୍ତି ବୋଲି ଦୋଷାରୋପ କରିଛନ୍ତି ଯାହା ନିରପେକ୍ଷ ତଦନ୍ତ ହେଲେ ଲୋକ ଲୋଚନକୁ ଆସିବ। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ନଗରପାଳ ରଧାଗୋବିନ୍ଦ ଖଟୁଆ, ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ଏନଏସି ସଭାପତି ପ୍ରଫୁଲ୍ଲ ଦଳେଇ, ମନୋରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଉଠା ଜଳସେଚନ କର୍ମଚାରୀ ସଂଘର ଦ୍ୱିଦିବସୀୟ ସୁବର୍ଣ୍ଣ ଜୟନ୍ତୀରେ ଶ୍ରମଜୀବୀ ମଣିଷର ସ୍ୱାର୍ଥପାଇଁ ଐକ୍ୟବଦ୍ଧ ସଂଗ୍ରାମର ଆହ୍ୱାନ

ବାଲେଶ୍ୱର, ୧୦/୦୯ (ନି.ପ୍ର): ଓଡ଼ିଶା ଉଠା ଜଳସେଚନ କର୍ମଚରୀ ସଂଘର ଦ୍ୱିଦିବସୀୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଦିନ ଅପରାହ୍ନରେ ଗାନ୍ଧିସ୍ମୃତି ଭବନରେ ଉଦ୍‌ଯାପିତ ହୋଇଯାଇଛି। ୨ୟ ଦିନର ଖୋଲା ଅଧିବେଶନରେ ପୂର୍ବତନ ସାଂସଦ ତଥା ଉଠା ଜଳସେଚନ କର୍ମଚାରୀ ଫେଡେରେସନ୍‌ର ସଭାପତି, ଆଇଏନ୍‌ଟିୟୁସିର ସର୍ବଭାରତୀୟ ଉପସଭାପତି ରାମଚନ୍ଦ୍ର ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଓ ଏଆଇଟିୟୁସିର ଜାତୀୟ ସଂପାଦକ ରାମକୃଷ୍ଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରମିକଶ୍ରେଣୀ ପରାଧୀନ ଭାରତବର୍ଷରୁ ଅଦ୍ୟାବଧି ହାସଲ କରିଥିବା ୪୪ଟି ଶ୍ରମଆଇନ୍‌କୁ ଶିଳ୍ପପତିମାଲିକ ମାନଙ୍କ ସପକ୍ଷରେ କେନ୍ଦ୍ର ସରକାର ସଂଶୋଧନ କରି ୪ଟି କୋଡ୍‌ରେ ପରିଣତ କରିଛନ୍ତି। ଏହାଫଳରେ ଶ୍ରମିକମାନଙ୍କ ଆଇନଗତ ଅଧିକାରକୁ ଛଡ଼ାଇ ନିଆଯାଇଛି ବୋଲି ସେମାନେ ଅଭିଯୋଗ କରିଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧି କଳା ଆଇନକୁ ରାଜ୍ୟ ସରକାର ନିରବ ସମର୍ଥନ ଜଣାଉଛନ୍ତି। ଦେଶରେ ଦରଦାମ ଓ ବେକାରୀ ସଂଖ୍ୟା ଆଶାତୀତ ବୃଦ୍ଧି ପାଇଛି। ତେଣୁ ଶ୍ରମିକ ଶ୍ରେଣୀ ଆଗାମୀ ଦିନରେ ଅଧିକ ଐକ୍ୟବଦ୍ଧ ହୋଇ ସଂଗ୍ରାମ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏଆଇଟିୟୁସିର ରାଜ୍ୟ ସଭାପତି ଅଶୋକ ଦାଶ ଓ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସଂପାଦକ ଭାଗ୍ୟଧର ବ୍ରହ୍ମା, ସଭାପତି ଇଂ. ବିଜୟ କୁମାର ଜେନା ସେମାନଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଭବିଷ୍ୟନିଧି ସଂସ୍ଥା ଅବସରପ୍ରାପ୍ତ କର୍ମଚାରୀଙ୍କୁ ସର୍ବନିମ୍ନ ପେନସନ୍ ମାସିକ ଏକ ହଜାର ଟଙ୍କାକୁ ବୃଦ୍ଧିକରି ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ପ୍ରଦାନ ଉପରେ ଉଭୟ ଅତିଥି ଗୁରୁତ୍ୱ ପ୍ରଦାନ କରିଥିଲେ। ଭାତୃପ୍ରତିମ ସଂଘମାନଙ୍କ ପକ୍ଷରୁ କେନ୍ଦ୍ରାପଡ଼ାରୁ ବସନ୍ତ ଦାଶ, କେଉଁଝରରୁ ମକରଧ୍ୱଜ ନାୟକ, ଭଦ୍ରକରୁ କୁଞ୍ଜ ବିହାରୀ ନାୟକ, ଫେରୋକ୍ରମରୁ ପ୍ରଫୁଲ୍ଲ କୁମାର ଦାସ, ରାଜ୍ୟ ଫେଡେରେସନ୍‌ର ସହ ସଂପାଦକ ନିରଞ୍ଜନ ପରିଡ଼ା ଓ ସଂଘର ଆଇନ ପରାମର୍ଶଦାତା ନିରଞ୍ଜନ ପରିଡ଼ା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଦୀର୍ଘ ୫୦ବର୍ଷ ଅତିକ୍ରମ କରି ସଂଘ ପ୍ରତିଷ୍ଠାର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବାରୁ ସେମାନେ ସଭ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଂଘର ସଭାପତି ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ଅଧିବେଶନରେ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଅଭ୍ୟର୍ଥନା କମିଟି ଅଧକ୍ଷ ତଥା ବିଧାୟକ ସ୍ୱରୂପ କୁମାର ଦାସ ଅତିଥି ଓ ସମସ୍ତ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇଥିଲେ। ସଂଘ ଉପଦେଷ୍ଟା ମଧୁସୂଦନ ଜେନା ମଞ୍ଚ ଆହ୍ୱାନ କରିଥିବାବେଳେ କାର୍ଯ୍ୟକାରୀ ସଭାପତି ମାୟାଧର ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସଂପାଦକ ଶ୍ୟାମସୁନ୍ଦର ଜେନା ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ପାଠ କରିଥିଲେ। ଭରତ ଚନ୍ଦ୍ର ଦଳାଇ ବାଲେଶ୍ୱର ଧନ୍ୟବାଦ ଦେଇଥିଲେ। ବାଲେଶ୍ୱର, ମୟୁରଭଞ୍ଜ ଓ ଭଦ୍ରକ ଜିଲ୍ଲାରୁ ୫ଶହରୁ ଉର୍ଦ୍ଧ୍ୱ କର୍ମଚାରୀ ଯୋଗ ଦେଇଥିଲେ। ସଂଘର ନିମନ୍ତ୍ରଣ କ୍ରମେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନର ଜିଲ୍ଲା ନେତୃତ୍ୱ, ବରିଷ୍ଠ ନାଗରିକ ମଞ୍ଚ, ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି, ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ, ସିଭିଲ୍ ସୋସାଇଟି, ବିଦ୍ୟୁତ୍, ଡାକ, ପ୍ରତିରକ୍ଷା, ଜୀବନବୀମା, ଅଙ୍ଗନୱାଡ଼ି, ନିର୍ମାଣ ଶ୍ରମିକ ସଂଘ ସମୂହର ନେତୃତ୍ୱ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଉପସ୍ଥିତ ଥିଲେ। ଶନିବାର ଦିନ ଅପରାହ୍ନରୁ ଆରମ୍ଭ ହୋଇଥିବା ଏହି ଦ୍ୱିଦିବସୀୟ ସୁବର୍ଣ୍ଣଜୟନ୍ତୀ ଉତ୍ସବ ରବିବାରଦିନ ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ଶ୍ୟାମସୁନ୍ଦର ଦାସମହାପାତ୍ର, ଶଶଧର ପରିଡ଼ା, କମଳ ଲୋଚନ ଜେନା, ମଧୁସୂଦନ ପରିଡ଼ା, ଅନିଲ୍ ଦାସ, ଗୌରାଙ୍ଗ ସାହୁ, ସଂଗ୍ରାମ ମହାପାତ୍ର, ହରେକୃଷ୍ଣ ବେହେରା, ସମରେନ୍ଦ୍ର ଦାସ, ବଂଶୀଧର ନାୟକ, ଭରତ ଚନ୍ଦ୍ର ସେଠୀ, ଯତୀନ୍ ପାତ୍ର, ଅରୁଣ ସିଂ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ସହାୟତା କରିଥିଲେ।

# ବାରିପଦାରେ ଜାତୀୟ ମୁଣ୍ଡାରୀ ଲେଖକ ସମ୍ମିଳନୀ ଅନୁଷ୍ଠିତ




ବାରିପଦା , ୧୦/୦୯ (ନି.ପ୍ର): ମୁଣ୍ଡାରୀ ଜନଜାତିର ଭାଷା ସାହିତ୍ୟ କଳା ସଂସ୍କୃତି ବେଶ ସମୃଦ୍ଧ ହୋଇଥିଲେ ମଧ ମୁଣ୍ଡାରୀ ଭାଷାକୁ ଯେତିକି ସମ୍ମାନ ଓ ସ୍ୱୀକୃତି ମିଳିବା କଥା ତାହା ସର୍ବଭାରତୀୟ ସ୍ତରରେ ମିଳିପାରିନାହିଁ। ଓଡିଶା ସରକାର ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବାକୁ ବାରମ୍ବାର କେନ୍ଦ୍ର ନିକଟରେ ଦାବୀ କରିଥିଲେ ମଧ ତାହା ଅଦ୍ୟାବଧି ହୋଇ ପାରିନଥିବାରୁ ଆଗାମୀ ଦିନରେ ଏନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଆଜି ବିଜେଡି ସଂସ୍କୃତିକ ସମନ୍ୱୟ ସାମୁଖ୍ୟ ଏବଂ ଅଲ ଇଣ୍ଡିଆ ମୁଣ୍ଡାରୀ ରାଇଟର ଏସୋସିଏସନ ପକ୍ଷରୁ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଜାତୀୟ ମୁଣ୍ଡାରୀ ଲେଖକ ସମ୍ମିଳନୀ ରେ ବରେଣ୍ୟ ଅତିଥି ଭାବରେ ଯୋଗଦେଇ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ, ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲ୍ଲୀପ ତୀର୍କୀ, ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଏବଂ ସଂଖ୍ୟା ଲଘୁ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡା. ଦେବାଶିଷ ମାରାଣ୍ଡି, ଉପାଧକ୍ଷା କମଳା ତିରିଆ, ପୂର୍ବତନ ଉପବାସସ୍ପତି ସାନନ୍ଦ ମାରାଣ୍ଡି, ବିଜେଡି ସାଂସ୍କୃତିକ ସମନ୍ୱୟ ସମ୍ମୁଖ୍ୟର ରାଜ୍ୟ ଆବାହକ ରବିନାରାୟଣ ନନ୍ଦ, ରାଜ୍ୟ ସଂଯୋଜକ ପ୍ରବୀର କୁମାର ମହାନ୍ତି ପ୍ରମୁଖ ମତ ରକହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ରଞ୍ଚିର ଶ୍ୟାମା ପ୍ରସାଦ ମୁଖାର୍ଜୀ ୟୁନିଭରସିଟିର ପୂର୍ବତନ କୁଳପତି ଡ଼. ସତ୍ୟନାରାୟଣ ମୁଣ୍ଡା, ଅଲ ଇଣ୍ଡିଆ ମୁଣ୍ଡାରୀ ରାଇଟର ଏସୋସିଏସନର ଉପସଭାପତି ରାମଚନ୍ଦ୍ର ସିଂହ, ଅନ୍ୟତମ ନନ୍ଦଲାଲ ସିଂହ ପ୍ରମୁଖ ଯୋଗଦେଇ ନିଜ ଜନଜାତି ର ଭାଷା ସାହିତ୍ୟର ବିକାଶ ପାଇଁ ଅନୁଷ୍ଠିତ ଆଲୋଚନା ଚକ୍ରରେ ଭାଗ ନେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଣ୍ଡାରୀ ଭାଷାର କବୟତ୍ରୀ ଭାନୁମତି ସିଂହ, ବିଶିଷ୍ଟ ଲେଖକ ଗୌର ମୋହନ ସିଂହ ଙ୍କ ସଂଯୋଜନାରେ ଏକ ମୁଣ୍ଡାରୀ କବିତା ପାଠସବ ଅନୁଷ୍ଠିତ ହୋଇଥିବା ବେଳେ, ଓଡିଶା, ବେଙ୍ଗଲ, ଝାଡ଼ଖଣ୍ଡର ବହୁ ମୁଣ୍ଡାରୀ କବି ନିଜନିଜର କବିତା ପାଠ କରିଥିଲେ। ଏହି ଅବସରରେ ମୁଣ୍ଡାରୀ ଭାଷାର ୪ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ଦୀପକ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ, ଦିଲ୍ଲୀପ କୁମାର ପାତ୍ର, ରମାକାନ୍ତ ରାଉତ ସୟେଦ ସିରାଯୁଦ୍ଦିନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପାରମ୍ପରିକ କରମ ନୃତ୍ୟ ପ୍ରଦର୍ଶିତ ହୋଇଥିଲ।।

# ସାବାଡ୍ ହେବେ ଶବ୍ଦ ପ୍ରଦୂଷଣ କରୁଥିବା ବୁଲେଟ୍ ଚାଳକ

ଭୁବନେଶ୍ୱର , ୧୦/୦୯ (ନି.ପ୍ର): ବୁଲେଟରୁ ବିକଟାଳ ଶବ୍ଦ ବାହାରୁଥିଲେ ଏଣିକି କେବଳ ଫାଇନ୍ ଦେବାକୁ ପଡିବନି ବରଂ କୋର୍ଟର ଚକ୍କର କାଟିବାକୁ ପଡିବ। ଏଭଳି ନିୟମ ଉଲ୍ଲଂଘନକାରୀଙ୍କୁ ଟ୍ରାଫିକ ପୋଲିସ ସମ୍ମୁଖରେ ନିଜ ଗାଡିରେ ନୂଆ ଓ ଠିକ ମାନ ଥିବା ସାଇଲେଇନ୍ସର ଲଗାଇବା ପରେ କୋର୍ଟ ପିଆର ବଣ୍ଡରେ ଗାଡିକୁ ଛାଡିବ। ଟ୍ରାଫିକ ଏସିପି ଭାବେ ଜୟନ୍ତ ଦୋରା ଏହି ସୂଚନା ଦେଇଛନ୍ତି। ଏହାସହ ବାଇକ ମଡିଫାଏ କରୁଥିବା ସ୍ପେୟାର ପାର୍ଟସ ଦୋକାନରେ ଖୁବଶୀଘ୍ର ଚଢ଼ାଉ ହେବ ବୋଲି ସେ କହିଛନ୍ତି । ଶ୍ରୀ ଦୋରା କାର୍ଯ୍ୟରେ ଯୋଗଦେବା ପରେ ଟ୍ରାଫିକ ନିୟମ ଖିଲାପିଙ୍କ ବିରୋଧରେ ଜିରୋ ଟଲରାନ୍ସ ନୀତି ଗ୍ରହଣ କରିବା ସହ ୬୦ ରୁ ଉର୍ଦ୍ଧ୍ୱ ବାଇକ ଜବତ କରିଛନ୍ତି ।

# ନେତାଜୀ ବସ୍ ଟର୍ମିନାଲ ବିରୋଧରେ ଗର୍ଜିଲେ ସ୍ଥାନୀୟ ଯୁବକ

କଟକ/ଭୁବନେଶ୍ୱର, ୧୦/୦୯ (ନି.ପ୍ର): କଟକର ନେତାଜୀ ବସ୍ ଟର୍ମିନାଲକୁ ଆସନ୍ତା ୧୬ ତାରିଖରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। କିନ୍ତୁ ଉଦଘାଟନ ପୂର୍ବରୁ ରାସ୍ତାକୁ ଓହ୍ଲାଇଛନ୍ତି ବିଭିନ୍ନ ସଂଗଠନ ଓ ସ୍ଥାନୀୟ ବାସିନ୍ଦା। ବସ୍ ଟର୍ମିନାଲର ବିଭିନ୍ନ ବିଭାଗରେ ସ୍ଥାନୀୟ ଯୁବକ-ଯୁବତୀଙ୍କୁ ନିଯୁକ୍ତି ଦାବିରେ ରବିବାର ସ୍ଥାନୀୟ ଯୁବକମାନେ ରାସ୍ତାରୋକ କରିଛନ୍ତି। ସିଡିଏ ପକ୍ଷରୁ ଦିଲ୍ଲୀର ଏକ ଠିକା ସଂସ୍ଥା ଭାରତ ବିକାଶ ଗ୍ରୁପ୍ କୁ ନିଯୁକ୍ତି ଦାୟିତ୍ୱ ଦିଆଯାଇଛି। ଏହି ସଂସ୍ଥା ଟର୍ମିନାଲର ଅନେକ ବିଭାଗରେ ନିଯୁକ୍ତ ଦେଇ ସାରିଲାଣି। କିନ୍ତୁ ନିଯୁକ୍ତିରେ ସ୍ଥାନୀୟ ଲୋକଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି।

ସୋମବାର, ସେପ୍ଟେମ୍ବର ୧୧, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବାଘାଯତୀନ ହାଇସ୍କୁଲ୍‌ରେ ବିପ୍ଳବୀ ବାଘାଯତୀନଙ୍କ ୧୦୮ତମ ବଳିଦାନ ଦିବସ ସ୍ମୃତିସଭା

ବାଲେଶ୍ୱର, ୧୦/୦୯ (ନି.ପ୍ର): ଆମର ଛାତ୍ରଛାତ୍ରୀ ଓ ଯୁବ ବନ୍ଧୁଗଣ ପ୍ରତିଦିନ ସକାଳେ - ଏ ଦେଶ ମୁକ୍ତିସଂଗ୍ରାମର ବୀରଯୋଦ୍ଧା, ବିପ୍ଳବୀ, କ୍ରାନ୍ତିଦ୍ରଷ୍ଟା, ଦେଶଭକ୍ତ ଶହିଦ ବରପୁତ୍ରଙ୍କୁ ମନେପକାଇ କାର୍ଯ୍ୟ ଆରମ୍ଭ କଲେ ଏବଂ ସେମାନଙ୍କର ମଧ୍ୟରେ ତ୍ୟାଗ, ତପସ୍ୟା, ସାଧନା, ବଳିଦାନ, ଦେଶପ୍ରାଣତା, ବିଚାର, ଆଦର୍ଶକୁ ଶୁଦ୍ଧ ଅନ୍ତଃକରଣରେ ରୋମନ୍ଥନ କଲେ-ପ୍ରତିଟି ମଣିଷ ପ୍ରାଣରେ ଦେଶାତ୍ମବୋଧ ଦେଶପ୍ରେମ ନିଶ୍ଚିତ ଜାଗ୍ରତ ହେବ, ଏହା ଧ୍ରୁବ ସତ୍ୟ। ସଶସ୍ତ୍ର ମୁକ୍ତିସଂଗ୍ରାମର ମହାନାୟକ ବିପ୍ଳବୀ ବୀର ବାଘାଯତୀନ୍ ଓ ତାଙ୍କ ସାଥୀଗଣଙ୍କର ସେଦିନ ୧୯୧୫ ସେପ୍ଟେମ୍ବର-୯ ଇଂରେଜ ଫୌଜଙ୍କ ସହ ସମ୍ମୁଖ ସମରର ପୁଣ୍ୟପୀଠ ଦେଶୁଁଆ ପୋଖରୀ ରକ୍ତତୀର୍ଥ ଚଷାଖଣ୍ଡ ଯୁଦ୍ଧର ବୀରତ୍ୱଭରା କାହାଣୀ - କାଳକାଳକୁ ଆମର ଆଗାମୀ ପିଢ଼ି ଲାଗି ଦେଶଭକ୍ତି, ସେବା ଓ ସଂଗ୍ରାମର ପଥେ ପ୍ରେରଣାର ଉତ୍ସ ହୋଇ ରହିବ। ବାଘାଯତୀନ୍‌ଙ୍କ ଅସୀମ ବୀରତ୍ୱ ଏବଂ ଦେଶଭକ୍ତି, ତ୍ୟାଗ ଓ ବୀରତ୍ୱକୁ ସାମ୍ନା କରିଥିବା ସେଦିନର ବ୍ରିଟିଶ ସେନାଧ୍ୟକ୍ଷ ଚାର୍ଲସ ଟେର୍ଗାଟ୍ ସାହେବଙ୍କ ଉକ୍ତି ଥିଲା (ସେପ୍ଟେମ୍ବର ୧୦, ୧୯୧୫ ବାଘାଯତୀନଙ୍କ ମୃତ୍ୟୁଶଯ୍ୟା ନିକଟରେ) "Were this man living he might lead the world." ଅର୍ଥାତ୍ ସେ ଯଦି ଜୀବିତ ଥାଆନ୍ତେ ସମଗ୍ର ବିଶ୍ୱକୁ ନେତୃତ୍ୱ ଦେଇଥାଆନ୍ତେ। ବାସ୍ତବିକ ବୀର ବାଘାଯତୀନ୍ ଥିଲେ ଏ ଦେଶର ରକ୍ତାକ୍ତ ବିପ୍ଳବର ଆଗ୍ନେୟ କାଳଖଣ୍ଡରେ ଜଣେ ଅଗ୍ରଣୀ ଯୋଦ୍ଧା, କ୍ରାନ୍ତିଦ୍ରଷ୍ଟା ଓ ସେନାପତି। ସେ କେବଳ ବଙ୍ଗ ବା ଓଡ଼ିଶା ଭିତରେ ସୀମିତ ନୁହନ୍ତି ପରବର୍ତ୍ତୀ କାଳରେ ତାଙ୍କ ବୀରତ୍ୱ ଓ ସଂଗ୍ରାମର ଗାଥା ସମଗ୍ର ଦେଶର ଜନମାନସକୁ ଦେଶପ୍ରେମ, ଜାଗୃତି ଓ କ୍ରାନ୍ତିର ମନ୍ତ୍ରରେ ଦୀକ୍ଷିତ କରିପାରିଥିଲା ବୋଲି ଆଜି ଏଠାରେ ଅନୁଷ୍ଠିତ ବୀର ବାଘାଯତୀନଙ୍କ ୧୦୮ତମ ବଳିଦାନ ଦିବସ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଅତିଥିଭାବେ ସଦର ବିଧାୟକ ସ୍ୱରୂପ କୁମାର ଦାସ ଓ ମୁଖ୍ୟବକ୍ତା ଭାବେ ସାଂସଦ ତଥା ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ମତବ୍ୟକ୍ତ କରିଛନ୍ତି। ସ୍କୁଲ୍‌ର ପ୍ରଧାନଶିକ୍ଷକ ଜୟନ୍ତ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସ୍ମୃତିସଭାରେ ଅନ୍ୟତମ ସମ୍ମାନିତ ଅତିଥିଭାବେ ବିଶିଷ୍ଟ ସର୍ବୋଦୟ ନେତା ବିଧାନ ଚନ୍ଦ୍ର ରାୟ, ଯୁବ ସମାଜସେବୀ ଅରୁଣ ଜେନା, ବିଶିଷ୍ଟ ଆଇନ୍‌ଜୀବୀ ତୁଷାରକାନ୍ତି ମହାପାତ୍ର, ଶିକ୍ଷକ ନରେନ୍ଦ୍ର କୁମାର ଅଗସ୍ତି ପ୍ରମୁଖ ବାଘାଯତୀନଙ୍କ ସଂଗ୍ରାମ ଓ ବୀରତ୍ୱର ସ୍ମୃତିଚାରଣ କରିଥିଲେ। ପରିଶେଷରେ ସ୍କୁଲ୍‌ର ପୁରାତନ ଛାତ୍ର ଇଂ. ପ୍ରଦୀପ କୁମାର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପୂର୍ବରୁ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଅତିଥିମାନଙ୍କୁ ସଭାସ୍ଥଳୀକୁ ପାଛୋଟି ନେଇଥିଲେ। ଅତିଥିମାନେ ଶହିଦ୍‌ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଧଉଳି ସାହିତ୍ୟ ସଂସଦର ବର୍ଷା ପର୍ବ ପାଳିତ




ଭୁବନେଶ୍ୱର, ୧୦/୦୯ (ନି.ପ୍ର): ଆଜି ଧଉଳି ସାହିତ୍ୟ ସଂସଦର ବର୍ଷାପର୍ବ 'ଆସର ମେଘମଲ୍ହାର' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ତଥା କବି ମଧୁସୂଦନ ଦାଶ, କଥାକାର ଅଜୟ ସ୍ୱାଇଁ, ସିନେ ସଂଳାପକାର ରଜନୀରଞ୍ଜନ, ସମାଜସେବୀ ବୃନ୍ଦାବନ ସାହୁ, ଶିକ୍ଷାବିତ ଅନାଥବନ୍ଧୁ ସାମନ୍ତରାୟ। କାର୍ଯ୍ୟକ୍ରମରେ ସ୍ୱାଗତଭାଷଣ ଦେଇଥିଲେ ସଂସଦର ସଭାପତି ଅକ୍ଷୟ ସ୍ୱାଇଁ, କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସମ୍ପାଦକ ନିରଞ୍ଜନ ନାୟକ, ସଦସ୍ୟ କୈଳାସ ବେହେରା, ସୁମନ୍ତ ସୁବୁଦ୍ଧି ଓ ସବିତା ରଥ। ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ଲକ୍ଷ୍ମୀଧର ପ୍ରଧାନ, ଦିଲ୍ଲୀପ ସୁବୁଦ୍ଧି, ସୁଶାନ୍ତ ସାହୁ, ରଞ୍ଜନ ମହାପାତ୍ର ଏବଂ ମାଧବ ବେହୁରାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ବଙ୍କିମ ଚନ୍ଦ୍ର ନାୟକ, ଅରୁଣ ମହାନ୍ତି, ସମର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାରଣା, ବାଦଲ ମହାନ୍ତି, ସ୍ନେହଲତା ଦାସ ଲେଙ୍କା, ଅଶ୍ୱିନୀ ସାହୁ, ଅଶ୍ୱିନୀ ପତି, ନବୀନ, ବନଜା ପ୍ରଧାନ ପ୍ରମୁଖ ପଚାଶରୁ ଉର୍ଦ୍ଧ୍ୱ କବି ଶତାଧିକ ଶ୍ରୋତାଙ୍କ ଗହଣରେ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ ପରିବେଷଣ କରିଥିଲେ କଣ୍ଠଶିଳ୍ପୀ ସନ୍ତୋଷ ଦାଶ।

## ଏମ୍‌ପିସି ଅଟୋ କଲେଜର ହୀରକ ଜୟନ୍ତୀ ଉତ୍ସବ ପାଇଁ ପୁରାତନ ଛାତ୍ରସଂସଦର ବୈଠକ




ବାରିପଦା, ୧୦/୦୯ (ନି.ପ୍ର): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ଉତ୍ସବ ପାଳନ ନିମନ୍ତେ ମହାବିଦ୍ୟାଳୟର ଅଧ୍ୟକ୍ଷ ମୁକ୍ତିକାନ୍ତ ପଣ୍ଡାଙ୍କ ଆବାହକତ୍ୱରେ ପୁରାତନ ଛାତ୍ର ସଂସଦର ଏକ ବୈଠକ ସଂସଦର ସଭାପତି ଡ. ବିଜୟ କୁମାର ଅଗରୱାଲାଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ହୀରକ ଜୟନ୍ତୀ ଉତ୍ସବର ମହାବିଦ୍ୟାଳୟର ସଂଯୋଜିକା ଅଧ୍ୟାପିକା ରାଇମଣି ମାରାଣ୍ଡି ସ୍ୱାଗତ ଜଣାଇବା ପରେ ଅଧ୍ୟକ୍ଷ ଶ୍ରୀ ପଣ୍ଡା ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପୁରାତନ ଛାତ୍ର ସଂସଦର ସମ୍ପାଦକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇ ବିବରଣୀ ପ୍ରଦାନ ଏବଂ ସଂସଦର ଉପସଭାପତି ପ୍ରିତିଶ କୁମାର ବସା ଉତ୍ସବର ଆୟୋଜନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପୁରାତନ ଛାତ୍ରମାନଙ୍କ ମଧ୍ୟରେ ଜୀବନ କୁମାର ସାହୁ, ଚିନ୍ମୟ ଦାସ ପଟ୍ଟନାୟକ, କଳିଙ୍ଗ କେଶରୀ ଜେନା, ଡ. ସୁଶାନ୍ତ କୁମାର ପାତ୍ର, ପୂର୍ଣ୍ଣେନ୍ଦୁ ଦାସ, ନରୋତ୍ତମ ପାଣିଗ୍ରାହୀ, ନଚିକେତା ଦାସ, ହରିହର ଦାସ, କୁମାର ରଞ୍ଜନ ପଣ୍ଡା, ଗିରିଶ ଚନ୍ଦ୍ର ଦାସ ପ୍ରମୁଖ ବକ୍ତବ୍ୟ ରଖି ବିଭିନ୍ନ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ । ଆଲୋଚନା ହୋଇଥିବା ଅନୁଯାୟୀ ଆପାତତଃ ଜାନୁଆରୀ ମାସର ୫,୬ ଓ ୭ ତାରିଖ ତିନିଦିନ ଧରି ଏହି ଉତ୍ସବ ପାଳନ କରାଯିବା ସକାଶେ ସ୍ଥିର ହୋଇଥିବା ପ୍ରକାଶ । ଶେଷରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ. ଅନାମ ଚରଣ ରାଉଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ବହୁ ସଂଖ୍ୟରେ ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଏହି ଉତ୍ସବର ଆୟୋଜନ ପାଇଁ ପରବର୍ତ୍ତୀ ବୈଠକ ଚଳିତ ମାସ ଆଗାମୀ ୧୬ ତାରିଖ ଶନିବାର ପୂର୍ବାହ୍ନ ୧୦ଟା ସମୟରେ ଅନୁଷ୍ଠିତ ହେବାକୁ ଥିବାରୁ ମହାବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସକାଶେ ଅନୁରୋଧ କରାଯାଇଛି ।

## ଆମ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୧୦/୦୯ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଆମ ସାମ୍ବାଦିକ ସଂଘ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ସକାଳ ୧୦ ଘଟିକା ସମୟରେ ସାମ୍ବାଦିକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ଅମରେଶ ବିଶ୍ୱାଳ ଓ ସାମ୍ବାଦିକ ବିକ୍ରମ କେଶରୀ ପରିଜା । ସାମ୍ବାଦିକ ବନ୍ଧୁ ମାନେ କିପରି ଭାବେ ସମ୍ବାଦ ଠିକ ଭାବେ ପରିବେଷଣ କରିବେ ସେ ସମ୍ପର୍କ ରେ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଅତିଥି ଭାବେ ଯୋଗ ଦେଇ ଦୁଇ ଅତିଥି ଶ୍ରୀ ବିଶ୍ୱାଳ ଓ ଶ୍ରୀ ପରିଜା ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସନ୍ଧ୍ୟା ରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଏଥିରେ ସଭାପତିତ୍ୱ କରିଥିଲେ ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର । ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ସୋର ବିଧାୟକ ପର୍ଶୁରାମ ଧଡ଼ା, ବଡ଼ ଖବର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଆମ ସାମ୍ବାଦିକ ସଂଘ ର ସମ୍ପାଦକ ରମାକାନ୍ତ ଡାଙ୍ଗୁଆ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ପ୍ରହ୍ଲାଦ ବାରିକ, ରତିକାନ୍ତ ପାଢ଼ୀ, କସିଆ ଥାନା ଅଧିକାରୀ ସାବିତ୍ରୀ ପଣ୍ଡା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘ ର ମୁଖପତ୍ର କୁ ଅତିଥି ଉନ୍ମୋଚନ କରିଥିଲେ । ଶିକ୍ଷକ ଦୈତାରୀ ବେହେରା ମଞ୍ଚ ସଂଯୋଜନା କରିଥିଲେ । ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୈତାରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସଂଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା।

## ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଦିବ୍ୟାଙ୍ଗ ବିଜୟର ଦୁଃଖ ଗଲା



ନୀଳଗିରି , ୧୦/୦୯ (ନି.ପ୍ର): ନୀଳଗିରି ବ୍ଲକ କେପି ଲାଖରାଜ ପଞ୍ଚାୟତ ଚଣ୍ଡୀପୁର ଗ୍ରାମର ରୁହ୍ୟା ସିଂଙ୍କ ପୁଅ ବିଜୟ ଜଣେ ଦିବ୍ୟାଙ୍ଗ। କିଛି ବର୍ଷ ପୂର୍ବରୁ ଦୁର୍ଘଟଣାରେ ଦିବ୍ୟାଙ୍ଗ ହୋଇଯାଇଥିଲେ। ବହୁ ଦୁଃଖ କଷ୍ଟରେ ଜୀବନ ଜୀଉଁଥିବା ବେଳେ ବିକଳାଙ୍ଗ ଭତ୍ତା ଖଣ୍ଡିଏ ପାଇଁ ବାର ଦୁଆର ହେଉଥିଲେ। ଗତ ଜୁଲାଇ ୩୧ତାରିଖରେ ନୀଳଗିରି ବ୍ଲକରେ ସାମର୍ଥ୍ୟ ଶିବିରରେ ମଧ ପଞ୍ଜିକରଣ କରି ଭିନ୍ନକ୍ଷମ ସାର୍ଟିଫିକେଟ ପାଇଁ ଆବେଦନ କରିଥିଲେ । ଯେଉଁ ସାର୍ଟିଫିକେଟ ଆଧାରରେ ଭିନ୍ନକ୍ଷମ ଭତ୍ତା ପାଇପାରିବେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ସେ ଏକ ଟ୍ରଲୀ ରିକ୍ସା ସାହାଯ୍ୟରେ ନୀଳଗିରି ବିଡ଼ିଓ ଙ୍କ କାର୍ଯ୍ୟାଳୟରେ ପହଞ୍ଚି ଘୁସୁରି ଘୁସୁରୀ ଯାଉଥିବାର ଦୃଶ୍ୟ କିଛି ଗଣମାଧ୍ୟମ ପ୍ରତିନିଧି ଦେଖି ବିଡ଼ିଓଙ୍କ ମତାମତ ନେଇଥିଲେ। ଏଭଳି କରୁଣ ଦୃଶ୍ୟ ପ୍ରସାରିତ ହେବା ପରେ ନୀଳଗିରି ରାଜବଂଶର ଜ୍ୟୋସ୍ନାଦେବୀ ମର୍ଦ୍ଦରାଜ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଟୁଇଟ କରିଥିଲେ। ଜବାବରେ ଜିଲ୍ଲାପାଳ ବିଜୟଙ୍କୁ ଏକ ଟ୍ରାଇସାଇକେଲ ଦିଆଯାଇଥିଲା ଯାହା ଏବେ ଭାଙ୍ଗି ଯାଇଛି। ବର୍ତ୍ତମାନ ତାଙ୍କୁ ଏକ ନୂତନ ଟ୍ରାଇସାଇକେଲ ଦିଆଯିବାର ବନ୍ଦୋବସ୍ତ ସରିଛି। ଆଗାମୀ ସେପ୍ଟେମ୍ବର ୧୫ତାରିଖ ଦିନ ଦିବ୍ୟାଙ୍ଗ ସାର୍ଟିଫିକେଟ ପ୍ରଦାନ କରାଯିବା ସହ ୧୬ତାରିଖରେ ଭିନ୍ନକ୍ଷମ ଭତ୍ତା ଦିଆଯିବ ବୋଲି ଜବାବ ରଖିଛନ୍ତି। ତେବେ ଏତେଦିନ ପରେ ତାଙ୍କ ଦୁଃଖ ଦୂର ହେବବୋଲି ଖୁସିରେ ବିଜୟ କହିବା ସହିତ ଗଣମାଧ୍ୟମକୁ ଧନ୍ୟବାଦ ଦେଇଛନ୍ତି।

## ବସ୍ତା ରେଳ ଷ୍ଟେସନ ପୁଣି ମଟର ସାଇକେଲ ଚୋରି

ବସ୍ତା, ୧୦/୦୯ (ନି.ପ୍ର): ବସ୍ତା ରେଳ ଷ୍ଟେସନରୁ ବାରମ୍ବାର ମଟର ସାଇକେଲ ଚୋରୀ ହେବା ଯାତ୍ରୀମହଲରେ ଅସନ୍ତୋଷ ଦେଖାଯାଉଛି ସୁରକ୍ଷ୍ୟାର ନେଇ ପ୍ରଶ୍ନବାଚି ସୃଷ୍ଟିହୋଇଛି ।ଘଟଣାରୁ ପ୍ରକାଶଯେ ଆଜି ଦିହପହର ପ୍ରାଏ ଦୁଇଟାସମୟରେ ମୟୁରଭଞ୍ଜର ଜିଲ୍ଲାର ବୌଶିଙ୍ଗା ଥାନାର ବାଘୁଆ ଗ୍ରାମର ସହଦେବ ମାହାନ୍ତ ତାଙ୍କର ସାଙ୍ଗକୁ ନେବାପାଇଁ ବସ୍ତା ରେଳ ଷ୍ଟେସନକୁ ଆସି ଷ୍ଟେସନ ସାମନାରେ ନିଜ ମଟର ସାଇକେଲଟିକୁ ଛିଡାକରି ପ୍ଲାଟଫରର୍ମର ବସିଥିଲେ । କିଛି ସମୟପରେ ଆସିଦେଖନ୍ତି ତାଙ୍କର ହିରୋହଣ୍ଡା ମଟର ସାଇକେଲ ଯାହାରନଂ ଓଡ଼ି୧୧ଜ ୫୦୨୬ ଟିଛିଡାକରିଥିବାସ୍ଥାନ ନାହିଁ ଉକ୍ତ ବ୍ୟକ୍ତି ଜଣଙ୍କ ଏଣେତେଣେ ଖୋଜାଖୋଜି ପାଇନଥିଲା । ତେବେ ରେଳ ଯାତ୍ରୀଙ୍କ ସୁରକ୍ଷା ପ୍ରତି ପ୍ରଶ୍ନ ବାଚି ସୃଷ୍ଟି ହେଉଛି। ଉଚ୍ଚକତୃପକ୍ଷ ନଜରଦେବାକୁ ଦାବୀ ହେଉଛି।

## ଛୁଟିଦିନରେ ନାମ୍ପୋ ହସ୍‌ପିଟାଲ ଭିତ୍ତି ପ୍ରସ୍ତର ସ୍ଥାପନ : କଂଗ୍ରେସର ଅସନ୍ତୋଷ

ଜଳେଶ୍ୱର , ୧୦/୦୯ (ନି.ପ୍ର): ଜଳେଶ୍ୱର ବ୍ଲକର ନାମ୍ପୋ ପଂଚାୟତର ନମ୍ପୋ ହସ୍‌ପିଟାଲର ନୂତନ ଗୃହ ପାଚେରୀ ଓ ମୁଖ୍ୟ ଫାଟକ ନିର୍ମାଣ ସଂପର୍କରେ ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ବେଳେ ନିକଟରେ ପ୍ରାୟ ୪୭ଲକ୍ଷ ଟଙ୍କା ଅନୁଦାନ ମିଳିଛି । କିନ୍ତୁ ଆଜି ରବିବାର ହୋଇଥିଲେ ମଧ୍ୟ ବିଜେଡିର କେତେକ କର୍ମୀ ଓ ନେତୃସ୍ଥାନୀୟ ବ୍ୟକ୍ତି ସେଠାରେ ନଡିଆ ଫଟେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବାରୁ ଏହାକୁ କଂଗ୍ରେସ ପକ୍ଷରୁ ଗୋପାଳକୃଷ୍ଣ ଜେନା ତିବ୍ର ନିନ୍ଦା କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ତେଣୁ ପରବର୍ତ୍ତୀ ସମୟରେ ସରକାରୀ କର୍ମଚାରୀ ଏଭଳି କାର୍ଯ୍ୟର ଶିଳାନ୍ୟାସ କରିବାକୁ ସେ ଦାବି କରିଛନ୍ତି ।

## ତ୍ରିବେଣୀଘାଟଠାରେ ବୀର ବାଘାଯତୀନ୍ ଓ ତାଙ୍କ ସାଥୀଗଣଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ସ୍ମୃତିଚାରଣ ସଭା



ବାଲେଶ୍ୱର, ୧୦/୦୯ (ନି.ପ୍ର): ଭାରତବର୍ଷ ସଶସ୍ତ୍ର ମୁକ୍ତି ସଂଗ୍ରାମର ମହାନାୟକ ବିପ୍ଳବୀ ବୀର ବାଘାଯତୀନ୍ ଓ ତାଙ୍କର ଚାରିଜଣ ସତୀର୍ଥ ସାଥୀ ବିପ୍ଳବୀ ଚିତ୍ତପ୍ରିୟ ରାୟ ଚୌଧୁରୀ, ମନୋରଞ୍ଜନ ସେନଗୁପ୍ତ, ନୀରେନ୍ଦ୍ରନାଥ ଦାସଗୁପ୍ତ ଓ ଯତୀଶ ପାଲଙ୍କ ଉଦ୍ଦେଶ୍ୟରେ ଆଜି ସକାଳ ୯ ଘଟିକା ସମୟରେ କାଠସଂଗଡ଼ାସ୍ଥ ବୁଢ଼ାବଳଙ୍ଗ, ଗଙ୍ଗାହାର ଓ ସୋନ ନଦୀର ମିଳନସ୍ଥଳୀ ତ୍ରିବେଣୀଘାଟରେ 'ଶହୀଦ ବାଘାଯତୀନ୍ ଓ ସନ୍ଥ ହରିଗୋଲାମ ସ୍ମୃତିକମିଟି' ରେମୁଣା ପକ୍ଷରୁ ବୀରଗଣଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ତ୍ରିବେଣୀଘାଟର ମଠାଧୀଶ ବାବାଜୀ ଦୟାନନ୍ଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସ୍ମୃତିଚାରଣ ସଭାରେ ବକ୍ତାମାନେ ବକ୍ତବ୍ୟ ଦେଇ ମତପ୍ରକାଶ କରିଥିଲେ ଯେ ଦେବ ଦେବ ମହାଦେବଙ୍କ ଠାରେ ଜଳାଭିଷେକ କରିବା ପରି ପରାଧୀନତାର ଶୃଙ୍ଖଳରୁ ଆମର ଦେଶମାତୃକାକୁ ମୁକ୍ତ କରିବା ପାଇଁ ତା'ର ବୀର ସନ୍ତାନଗଣ, ନିଜର ଜୀବନ, ଯୌବନ ଓ ସଂସାରକୁ ତ୍ୟାଗ କରି ଆପଣାର ପ୍ରାଣ ଓ ରକ୍ତକୁ ମାତୃଭୂମିର ମୁକ୍ତିଯଜ୍ଞରେ ତର୍ପଣ କରି ଯେଭଳି ରକ୍ତାଭିଷେକ କରିଥିଲେ ସେଇ ମାଟି ହିଁ ଇତିହାସରେ ମୁକ୍ତିତୀର୍ଥ ବା ରକ୍ତତୀର୍ଥ ଭାବେ ପରିଗଣିତ ହୋଇଥାଏ। ସେଦିନ ବାଲେଶ୍ୱର ସହର ନିକଟସ୍ଥ ବୁଢ଼ାବଳଙ୍ଗ ତୀର ରକ୍ତତୀର୍ଥ ଚଷାଖଣ୍ଡ ଯୁଦ୍ଧର ନାୟକ ସେନାପତି ବାଘାଯତୀନ ଏବଂ ତାଙ୍କ ସାଥୀଙ୍କ ତ୍ୟାଗ, ତପସ୍ୟା, ଦେଶପ୍ରେମ ଓ ବଳିଦାନ ଚିରକାଳ ଲାଗି ଆମର ଆଗାମୀ ପିଢ଼ି ପାଇଁ ସେବା ଓ ସଂଗ୍ରାମ ଲାଗି ପ୍ରେରଣାର ଉତ୍ସ ହୋଇ ରହିବ। ଉକ୍ତ ସ୍ମୃତିସଭାରେ କମିଟିର ସଭାପତି ବିଧାନଚନ୍ଦ୍ର ରାୟ, ସାଧାରଣ ସଂପାଦକ ଅରୁଣ ଜେନା, ଉପସଭାପତି ଆଇନଜୀବୀ ତୁଷାରକାନ୍ତି ମହାପାତ୍ର, ବରିଷ୍ଠ ସଦସ୍ୟ କରୁଣାକର ଖଟୁଆ, ଦାମୋଦର ବିଶ୍ୱାଳ, ନିରଞ୍ଜନ ଗିରି, ହାଡ଼ିବନ୍ଧୁ ସାମଲ, ଶିବପ୍ରସାଦ ଜେନା, ଅସିତ୍ ପ୍ରଧାନ, ଡ. କୁଳମଣି ଓ ହେମନ୍ତ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାପୂର୍ବରୁ ଉପସ୍ଥିତ ସଦସ୍ୟଗଣ ବାଘାଯତୀନ୍ ଓ ତାଙ୍କ ସାଥୀମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ।

## ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ବିଜେଡିର କର୍ମୀ ସମ୍ମିଳନୀ

ଜଳେଶ୍ୱର ୧୦/୯(ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ୪୯ଟି ପଂଚାୟତ ଓ ମ୍ୟୁନିସିପାଲଟିର ବିଜେଡି କର୍ମୀଙ୍କୁ ନେଇ ଏକ କର୍ମୀ ସମ୍ମୀଳନୀ ଗୋବରଘଟାଠାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ପୌରହିତ୍ୟକରିଥିବା ବେଳେ କାଳିଚରଣ ଦାସ, ଚନ୍ଦନ କର, ସତ୍ୟଶୋଭନ ମିଶ୍ର ଓ ରାସାବିହାରୀ ରଣା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ । ଆଗାମୀ ୨୦୨୪ ନିର୍ବାଚନରେ ବ୍ରଜମୋହନ ପ୍ରଧାନଙ୍କୁ ଦଳ ପକ୍ଷରୁ ଟିକେଟ ଦେବାକୁ ଏହି ସଭାରେ ବହୁ ବ୍ୟକ୍ତି ଦାବି କରିଥିଲେ । ପୂର୍ବତନ ବ୍ଲକ ସଭାପତି ଭୂପତିଚରଣ ମିର୍ଦ୍ଧା, ସୁଧିର କୁମାର ପାତ୍ର, ସମିତି ସଭ୍ୟ ହରିଶ୍ଚନ୍ଦ୍ର ମହାଲିକ, ଲକ୍ଷ୍ମିଧର ବେହେରା, ସରପଂଚ ରାଜେଶ ଜେନା, ଶ୍ରୀକଣ୍ଠ ମହାନ୍ତି, ରାଜେନ୍ଦ୍ର ପାତ୍ର, ଉଦୟନାଥ ମୁର୍ମୁ, ରବିନ୍ଦ୍ରନାଥ ଗିରି, ରବିନ୍ଦ୍ର ପାତ୍ର, ରବିନ୍ଦ୍ର ବେହେରା, ଦୁର୍ଗାଶାଂକର ଭୂୟାଁ, ରମେଶ ଜେନା, ସେକ ନଇମୁଦ୍ଦିନ, ସୁଜିତ୍ ପାତ୍ର, ଜୟକୃଷ୍ଣ ଅଣ୍ଡିଆ, ଗୌତମ ମାଝି, ରବିନ୍ଦ୍ର ନନ୍ଦୀ, ରହିମ ଦେ, ସତ୍ୟ ଘୋଷ, ସୁଶିଲ ପାଲ, ଗୋପାଳ ଆଚାର୍ଯ୍ୟ, ଯଦୁନାଥ ପାତ୍ର, ଚନ୍ଦନ ସାମଲ, ରାଜକିଶୋର ପରିଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ସହିତ ବ୍ରଜମୋହନ ପ୍ରଧାନଙ୍କୁ ପ୍ରାର୍ଥୀକରାଯିବା ସଂପର୍କରେ ମତାମତ ରଖିଥିଲେ ।

## ଓଡ଼ିଶା ମୋ ପରିବାର ରକ୍ତଦାନ ଶିବିର

ଖୋର୍ଦ୍ଧା: ଓଡ଼ିଶା ମୋ ପରିବାର ଖୋରଧା ଜିଲ୍ଲା ସଂଯୋଜକ ଶ୍ରୀ ଦିଲ୍ଲୀପ କୁମାର ହୋତାଙ୍କ ସଂଯୋଜନାରେ ଖୋରଧା ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଓଡିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମାନ୍ୟବର ବିଧାୟକ ଖୋରଧା ଶ୍ରୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଏହି ଶିବିରକୁ ଉଦଘାଟନ କରିଥିବା ବେଳେ ଓଡ଼ିଶା ମୋ ପରିବାର ଆବାହକ ଶ୍ରୀ ଅରୁପ ମୋହନ ପଟ୍ଟନାୟକ, ମାନ୍ୟବର ରାଜ୍ୟସଭା ସାଂସଦ ଶ୍ରୀ ମୁଜିବୁଲ୍ଲା ଖାନ,ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର,ଖୋରଧା ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୂପଶ୍ରୀ ରାଣୀ ଗୁମାନସିଂହ,ଖୋରଧା ପୌରଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି,ପୌର ଉପାଧ୍ୟକ୍ଷ ଶ୍ରୀ ଶୌର୍ଯ୍ୟ ରଞ୍ଜନ ମହାନ୍ତି,ଖୋରଧା ବ୍ଲକ ଉପାଧ୍ୟକ୍ଷ ଶ୍ରୀ ପ୍ରକାଶ ସାମନ୍ତରାୟ , ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର,ଖୋରଧା ଜିଲ୍ଲା ମହିଳା ବିଜେଡି ସଭାପତି ଗୀତାଞ୍ଜଳି ପାଟଶାଣୀ ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଖୋରଧା ବ୍ଲଡ଼ ବ୍ୟାଙ୍କ ଜରିଆରେ ଏହି ଶିବିରରୁ ମୋଟ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ବିଜୁ ଛାତ୍ର ଜନତା ଦଳ ଖୋରଧା ଜିଲ୍ଲା ସଭାପତି ଶ୍ରୀ ବିଶ୍ୱଦୀପ ପ୍ରଧାନ,ବିଜୁ ଜନତା ଦଳ ଖୋରଧା ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ଲଳିତ ମୋହନ ମହାପାତ୍ର,ବିଜୁ ଛାତ୍ର ଜନତା ଦଳ ଖୋରଧା ଜିଲ୍ଲା ଡିଜିଟାଲ ସମ୍ପାଦକ ଶ୍ରୀ ଗୌତମ ମିଶ୍ର,ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ଶ୍ରୀ ରୁଦ୍ରନାଥ ଦତ୍ତ,ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ନସିମ ଖାନ ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo